# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)

## ୧୩ ସେପ୍ଟେମ୍ବର, ୨୦୦୫

## ବିଷୟ ସୂଚୀ


*କ୍ରମ ସଂଖ୍ୟା* *ବିଷୟ*

ଅଧ୍ୟାୟ-୧ : **ପ୍ରାରମ୍ଭିକ**

ଧାରା-୧ : ସଂକ୍ଷିପ୍ତ ଶିରୋନାମା, ବ୍ୟାପ୍ତି ଏବଂ ପ୍ରାରମ୍ଭ

ଧାରା-୨ : ସଂଜ୍ଞା

ଅଧ୍ୟାୟ-୨ : **ଘରୋଇ ହିଂସା**

ଧାରା-୩ : ଘରୋଇ ହିଂସାର ସଂଜ୍ଞା

ଅଧ୍ୟାୟ-୩ : **ସୁରକ୍ଷା ଅଧିକାରୀ ଏବଂ ସେବା-ପ୍ରବନ୍ଧକ ଇତ୍ୟାଦିଙ୍କ କ୍ଷମତା ଓ କର୍ତ୍ତବ୍ୟ**

ଧାରା-୪ : ସୁରକ୍ଷା ଅଧିକାରୀଙ୍କୁ ସୂଚନା-ପ୍ରଦାନ ଏବଂ ସୂଚନା-ପ୍ରଦାୟକଙ୍କ ଦାୟମୁକ୍ତି

ଧାରା-୫ : ପୋଲିସ୍ ଅଧିକାରୀ, ସେବା ପ୍ରବନ୍ଧକ ଏବଂ ମାଜିଷ୍ଟ୍ରେଟ୍‌ଙ୍କ କର୍ତ୍ତବ୍ୟସମୂହ

ଧାରା-୬ : ଆଶ୍ରୟ ଗୃହସମୂହର ଦାୟିତ୍ୱ

ଧାରା-୭ : ଚିକିତ୍ସା ସଂସ୍ଥାସମୂହଙ୍କର ଦାୟିତ୍ୱ

ଧାରା-୮ : ସୁରକ୍ଷା ଅଧିକାରୀଙ୍କ ନିଯୁକ୍ତି

ଧାରା-୯ : ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ଏବଂ କାର୍ଯ୍ୟାବଳୀ

ଧାରା-୧୦ : ସେବା ପ୍ରବନ୍ଧକ ସମୂହ

ଧାରା-୧୧ : ସରକାରଙ୍କ କର୍ତ୍ତବ୍ୟ

ଅଧ୍ୟାୟ-୪ : **ଉପଶମ ଆଦେଶକୁ ହାସଲ କରିବାର ପ୍ରକ୍ରିୟା**

ଧାରା-୧୨ : ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ

ଧାରା-୧୩ : ନୋଟିସ୍ ଜାରି

ଧାରା-୧୪ : ପରାମର୍ଶ

ଧାରା-୧୫ : କଲ୍ୟାଣ ବିଶେଷଜ୍ଞଙ୍କ ସହାୟତା

ଧାରା-୧୬ : ରୁଦ୍ଧଦ୍ୱାର ପ୍ରକୋଷ୍ଠରେ ହେବାକୁ ଥିବା କାର୍ଯ୍ୟବିଧି

ଧାରା-୧୭ : ସହଭୁକ୍ତ ଗୃହରେ ବାସ କରିବାର ଅଧିକାର

ଧାରା-୧୮ : ସୁରକ୍ଷା ଆଦେଶ

ଧାରା-୧୯ : ବାସସ୍ଥାନ ଆଦେଶ

ଧାରା-୨୦ : ଆର୍ଥିକ ଉପଶମ

ଧାରା-୨୧ : ଅଭିରକ୍ଷା ଆଦେଶ

ଧାରା-୨୨ : କ୍ଷତିଭରଣା ଆଦେଶ

ଧାରା-୨୩ : ମଧ୍ୟବର୍ତ୍ତୀ ଏବଂ ଏକତରଫା ଆଦେଶ ଜାରି କରିବାର କ୍ଷମତା

ଧାରା-୨୪ : ଅଦାଲତ ଦ୍ୱାରା ଆଦେଶର ନକଲକୁ ମାଗଣାରେ ଯୋଗାଇଦେବା

ଧାରା-୨୫ : ଆଦେଶନାମାର କାଳାବଧି ଏବଂ ସଂଶୋଧନ

ଧାରା-୨୬ : ଅନ୍ୟାନ୍ୟ ମାମଲା ଏବଂ ଆଇନ୍‌ଗତ କାର୍ଯ୍ୟବିଧିରେ ଉପଶମ (ରିଲିଫ୍)

ଧାରା-୨୭ : କ୍ଷେତ୍ରାଧିକାର

ଧାରା-୨୮ : ପ୍ରକ୍ରିୟା

ଧାରା-୨୯ : ଅପିଲ୍

ଅଧ୍ୟାୟ-୫ : **ବିବିଧ**

ଧାରା-୩୦ : ସୁରକ୍ଷା ଅଧିକାରୀ ଏବଂ ସେବା-ପ୍ରବନ୍ଧକ ସଦସ୍ୟମାନଙ୍କ ପାଇଁ ଜନସେବକ ପାହ୍ୟା

ଧାରା-୩୧ : ପ୍ରତିବାଦୀଙ୍କ ଦ୍ୱାରା ସୁରକ୍ଷା ଆଦେଶ ଉଲ୍ଲଙ୍ଘନ ପାଇଁ ଦଣ୍ଡବିଧାନ

ଧାରା-୩୨ : ସଂଜ୍ଞାନ ଏବଂ ପ୍ରମାଣ

ଧାରା-୩୩ : କର୍ତ୍ତବ୍ୟ-ସମ୍ପାଦନରେ ସୁରକ୍ଷା ଅଧିକାରୀଙ୍କ ଅବହେଳା ପାଇଁ ଦଣ୍ଡବିଧାନ

ଧାରା-୩୪ : ସୁରକ୍ଷା ଅଧିକାରୀଙ୍କ ଅପରାଧର ସଂଜ୍ଞାନ

ଧାରା-୩୫ : ସଦ୍‌ବିଶ୍ୱାସ ସହିତ ସମ୍ପାଦିତ କାର୍ଯ୍ୟକୁ ସୁରକ୍ଷା ପ୍ରଦାନ

ଧାରା-୩୬ : ଅନ୍ୟ କୌଣସି ଆଇନ୍‌ର ଗୁରୁତ୍ୱହାନି ନ କରୁଥିବା ଆଇନ୍

ଧାରା-୩୭ : ନିୟମାବଳୀ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା

# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ନିୟମାବଳୀ, ୨୦୦୬

**[ ଭାରତର ଗେଜେଟ୍ ଭାଗ-୨, ଅନୁଭାଗ ୩ (୧) ତା ୧୭.୧୦.୨୦୦୬ରେ ପ୍ରକାଶିତ,**
**ଦ୍ରଷ୍ଟବ୍ୟ – ଜି.ଏସ୍.ଆର୍. ୬୪୪ (ଇ) ତା ୧୭.୧୦.୨୦୦୬ ]**

## ବିଷୟ ସୂଚୀ

*କ୍ରମ ସଂଖ୍ୟା* *ବିଷୟ*


୧ । ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ

୨ । ସଂଜ୍ଞା

୩ । ସୁରକ୍ଷା ଅଧିକାରୀମାନଙ୍କ ଯୋଗ୍ୟତା ଏବଂ ଅଭିଜ୍ଞତା

୪ । ସୁରକ୍ଷା ଅଧିକାରୀଙ୍କୁ ସୂଚନା

୫ । ଘରୋଇ ଘଟଣାର ବିବରଣୀ

୬ । ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ

୭ । ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକତରଫା ଆଦେଶ ହାସଲ ପାଇଁ ସତ୍ୟପାଠ (ଆଫିଡେଭିଟ୍)

୮ । ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ଏବଂ କାର୍ଯ୍ୟାବଳୀ

୯ । ଆପଦକାଳୀନ ପରିସ୍ଥିତିରେ ନିଆଯିବାକୁ ଥିବା ପଦକ୍ଷେପ

୧୦। ସୁରକ୍ଷା ଅଧିକାରୀଙ୍କ ଅନ୍ୟ କେତେକ ଦାୟିତ୍ୱାବଳୀ

୧୧। ସେବା ପ୍ରବନ୍ଧକମାନଙ୍କ ପଞ୍ଜିକରଣ

୧୨। ନୋଟିସ୍ ପ୍ରେରଣ ପ୍ରଣାଳୀ

୧୩। ପରାମର୍ଶଦାତାମାନଙ୍କ ନିଯୁକ୍ତି

୧୪। ପରାମର୍ଶଦାତାଙ୍କ ଦ୍ୱାରା ଅନୁସୃତ ହେବାକୁ ଥିବା ପ୍ରକ୍ରିୟା

୧୫। ସୁରକ୍ଷା ଆଦେଶର ଉଲ୍ଲଂଘନ

୧୬। ବ୍ୟଥିତ ବ୍ୟକ୍ତିଙ୍କୁ ଆଶ୍ରୟ ପ୍ରଦାନ

୧୭। ବ୍ୟଥିତ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା


<u>ଫର୍ମସମୂହ</u>


ଫର୍ମ-୧ : [ ଦ୍ରଷ୍ଟବ୍ୟ- ନିୟମ ୪(୧) ଏବଂ (୨) ତଥା ନିୟମ ୧୭ (୩) ] : ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)ର ଧାରା ୯ (ବି) ଏବଂ ୩୭(୨) (ସି) ଅଧୀନସ୍ଥ ଘରୋଇ ଘଟଣା ବିବରଣୀ

ଫର୍ମ-୨ : [ ଦ୍ରଷ୍ଟବ୍ୟ- ନିୟମ ୬(୧) ] : ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)ର ଧାରା ୧୨ ଅଧୀନରେ ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ ପତ୍ର

ଫର୍ମ-୩ : [ ଦ୍ରଷ୍ଟବ୍ୟ- ନିୟମ ୬(୪) ଏବଂ ୭ ] : ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)ର ଧାରା ୨୩ (୨) ଅଧୀନରେ ଶପଥପତ୍ର (ଆଫିଡେଭିଟ୍)

ଫର୍ମ-୪ : [ ଦ୍ରଷ୍ଟବ୍ୟ- ନିୟମ ୮(୧)(୨) ] : ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)ର ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କର ଅଧିକାର ସମ୍ବନ୍ଧରେ ସୂଚନା

ଫର୍ମ-୫ : [ ଦ୍ରଷ୍ଟବ୍ୟ- ନିୟମ ୮(୧)(୪) ] : ସୁରକ୍ଷା ଯୋଜନା

ଫର୍ମ-୬ : [ ଦ୍ରଷ୍ଟବ୍ୟ- ନିୟମ ୧୧(୧) ] : ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)ର ଧାରା ୧୦ (୧) ଅଧୀନରେ ସେବା ପ୍ରବନ୍ଧକମାନଙ୍କ ପଞ୍ଜିକରଣ ପାଇଁ ଉଦ୍ଦିଷ୍ଟ ଫର୍ମ

ଫର୍ମ-୭ : [ ଦ୍ରଷ୍ଟବ୍ୟ- ନିୟମ ୧୧(୧) ] : ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)ର ଧାରା ୧୩(୧) ଅଧୀନରେ ହାଜିରା ପାଇଁ ନୋଟିସ୍


रजिस्ट्री सं॰ डी॰ एल॰—(एन)04/0007/2003—05 REGISTERED NO. DL—(N)04/0007/2003—05

भारत का राजपत्र

The Gazette of India

असाधारण

EXTRAORDINARY

भाग II — खण्ड 1

PART II — Section 1

प्राधिकार से प्रकाशित

PUBLISHED BY AUTHORITY

सं॰ 49] नई दिल्ली, बुधवार, सितम्बर 14, 2005 / भाद्र 23, 1927

No. 49] NEW DELHI, WEDNESDAY, SEPTEMBER 14, 2005 / BHADRA 23, 1927

इस भाग में भिन्न पृष्ठ संख्या दी जाती है जिससे कि यह अलग संकलन के रूप में रखा जा सके।

Separate paging is given to this Part in order that it may be filed as a separate compilation.

# ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ

(ବିଧିନିର୍ମାଣ ବିଭାଗ)

**ନୂଆଦିଲ୍ଲୀ, ୧୪, ସେପ୍ଟେମ୍ବର, ୨୦୦୫**

ସଂସଦର ନିମ୍ନୋକ୍ତ ଆଇନ୍‌ଟି ତା ୧୩ ସେପ୍ଟେମ୍ବର, ୨୦୦୫ରେ ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କରିସାରିଛି ଏବଂ ବର୍ତ୍ତମାନ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଉଛି :-

# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫

(୨୦୦୫ର ୪୩)

**୧୩ ସେପ୍ଟେମ୍ବର, ୨୦୦୫**

ଯେଉଁ ମହିଳାମାନେ ଗୃହ ଭିତରେ ଘଟୁଥିବା କୌଣସି ନା କୌଣସି ପ୍ରକାର ହିଂସାର ଶୀକାର ହୋଇଥାନ୍ତି, ସେମାନଙ୍କର ସମ୍ବିଧାନ-ସ୍ୱୀକୃତ ଅଧିକାରକୁ ଅଧିକ ବଳିଷ୍ଠ ସୁରକ୍ଷା ପ୍ରଦାନ ପାଇଁ ତଥା ତତ୍-ସଂକ୍ରାନ୍ତ ଏବଂ ତହିଁର ଆନୁଷଙ୍ଗିକ ବିଷୟଗୁଡ଼ିକର ପ୍ରୟୋଜନାର୍ଥେ ଭାରତୀୟ ପ୍ରଜାତନ୍ତ୍ରର ୫୬ତମ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ଏହି ଆଇନ୍ ପ୍ରଣୟନ କରାଯାଉଛି :

## ଅଧ୍ୟାୟ-୧ : ପ୍ରାରମ୍ଭିକ

୧। ସଂକ୍ଷିପ୍ତ ଶିରୋନାମା, ବ୍ୟାପ୍ତି ଏବଂ ପ୍ରାରମ୍ଭ -

(ଏ) ଏହି ଆଇନ୍‌କୁ 'ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫' ବୋଲି କୁହାଯାଇପାରେ ।

(ବି) ଏହି ଆଇନ୍ ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତ ପାଇଁ ପ୍ରଯୁଜ୍ୟ ହେବ ।

(ସି) କେନ୍ଦ୍ର ସରକାରଙ୍କ ଦ୍ୱାରା ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି-ପୂର୍ବକ ନିର୍ଦ୍ଧାରିତ ହୋଇଥିବା ତାରିଖରୁ ଏହା ବଳବତ୍ତର ହେବ ।

୨। **ସଂଜ୍ଞା–ପରିପ୍ରେକ୍ଷୀ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଆଇନ୍ ଅନୁଯାୟୀ–**

(ଏ) **'ବ୍ୟଥିତ ବ୍ୟକ୍ତି'** ବୋଇଲେ ଯେ କୌଣସି ମହିଳା, ଯେ କି ପ୍ରତିବାଦୀଙ୍କ ସହିତ କୌଣସି ନା କୌଣସି ଘରୋଇ ସଂପର୍କରେ ଜଡ଼ିତ ରହିଥିବେ ବା ଅଛନ୍ତି ଏବଂ ପ୍ରତିବାଦୀଙ୍କ ଦ୍ୱାରା କରାଯାଇଥିବା କୌଣସି ନା କୌଣସି ଘରୋଇ ହିଂସାର ଶୀକାର ହୋଇଛନ୍ତି ବୋଲି ଅଭିଯୋଗ କରୁଛନ୍ତି ।

(ବି) **'ଶିଶୁ'** ବୋଇଲେ ୧୮ ବର୍ଷରୁ କମ୍ ହୋଇଥିବା ଯେ କୌଣସି ବ୍ୟକ୍ତି ଏବଂ ଏହି ସଂଜ୍ଞା ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ହେବ ସେପରି ଜଣେ ଶିଶୁ, ଯିଏ କି ପୋଷ୍ୟ ସନ୍ତାନ, ବିମାତାର ସନ୍ତାନ ଅଥବା ପାଳିତ ସନ୍ତାନ ହୋଇଥାଇପାରେ ।

(ସି) **'କ୍ଷତିଭରଣା ଆଦେଶ'** ବୋଇଲେ ଧାରା–୨୨ ଅନୁଯାୟୀ ମଂଜୁର ହୋଇଥିବା ଏକ ଆଦେଶନାମା ।

(ଡି) **'ଅଭିରକ୍ଷା ଆଦେଶ'** ବୋଇଲେ ଧାରା–୨୧ ଅନୁଯାୟୀ ମଂଜୁର ହୋଇଥିବା ଏକ ଆଦେଶନାମା ।

(ଇ) **'ଘରୋଇ ଘଟଣା ବିବରଣୀ'** ବୋଇଲେ ଜଣେ ବ୍ୟଥିତ ବ୍ୟକ୍ତିଙ୍କ ଠାରୁ ଘରୋଇ ହିଂସା ସମ୍ବନ୍ଧରେ ପ୍ରାପ୍ତ ଏକ ଅଭିଯୋଗକୁ ବିହିତ ଫର୍ମରେ ସ୍ଥାନିତ କରାଯାଇଥିବା ଏକ ବିବରଣୀକୁ ବୁଝାଏ ।

(ଏଫ୍) **'ଘରୋଇ ସମ୍ପର୍କ'** ବୋଇଲେ ଏମିତି ଦୁଇ ବ୍ୟକ୍ତିଙ୍କ ଭିତରେ ଏକ ସଂପର୍କକୁ ବୁଝାଇବ, ଯେଉଁମାନେ କି ରକ୍ତସଂବନ୍ଧ ବା ବିବାହ–ବନ୍ଧନରୁ ସମ୍ପର୍କୀତ ହୋଇ ଅଥବା ବିବାହ ବା ପୋଷ୍ୟତା ସଦୃଶ ସମ୍ପର୍କରେ ଆବଦ୍ଧ ହୋଇ ଏକ ସହଭୁକ୍ତ ପରିବାରରେ ଏବେ ବାସ କରୁଛନ୍ତି ଅଥବା କେବେ ନା କେବେ ଏକାଠି ବାସ କରୁଥିଲେ ଅଥବା ଯେଉଁମାନେ କି ଏକ ଯୌଥ ପରିବାରର ସଦସ୍ୟ ରୂପେ ଏକାଠି ବାସ କରୁଛନ୍ତି ।

(ଜି) **'ଘରୋଇ ହିଂସା'** ସେହି ଅର୍ଥ ବହନ କରିବ, ଯାହାକି ଧାରା–୩ ଦ୍ୱାରା ନ୍ୟସ୍ତ କରାଯାଇଛି ।

(ଏଚ୍) **'ଯୌତୁକ'** ସେହି ଅର୍ଥ ବହନ କରିବ, ଯାହାକି ଯୌତୁକ ନିବାରଣ ଆଇନ୍, ୧୯୬୧ (୧୯୬୧ର ୨୮)ର ଧାରା–୨ରେ ନ୍ୟସ୍ତ କରାଯାଇଛି ।

(ଆଇ) **'ମାଜିଷ୍ଟ୍ରେଟ୍'** ବୋଇଲେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଥବା ସ୍ଥଳ ବିଶେଷରେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କୁ ବୁଝାଯିବ, ଯେ କି ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ୨) ଅନୁଯାୟୀ ସେହି ପ୍ରକାର ଇଲାକାରେ ନିଜର କ୍ଷେତ୍ରାଧିକାର ପ୍ରୟୋଗ କରୁଥିବେ, ଯେଉଁଠାରେ କି ବ୍ୟଥିତ ବ୍ୟକ୍ତି ଅସ୍ଥାୟୀ ବା ସ୍ଥାୟୀ ଭାବେ ବାସ କରୁଥିବେ ଅଥବା ପ୍ରତିବାଦୀ ବାସ କରୁଥିବେ ଅଥବା ଯେଉଁଠାରେ ଘରୋଇ ହିଂସା ଘଟିଛି ବୋଲି ଅଭିଯୋଗ ହୋଇଥିବ ।

(ଜେ) **'ଚିକିତ୍ସା ସୁବିଧା'** ବୋଇଲେ ସେହି ସୁବିଧାକୁ ବୁଝାଇବ, ଯାହାକି ଏହି ଆଇନ୍ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଚିକିତ୍ସା ସୁବିଧା ରୂପେ ବିଜ୍ଞାପିତ ହୋଇଥିବ ।

(କେ) **'ଆର୍ଥିକ ଉପଶମ'**ର ଅର୍ଥ ହେଉଛି, ଘରୋଇ ହିଂସା କାରଣରୁ ବ୍ୟଥିତ ନାଗରିକ ବହନ କରିଥିବା ଅର୍ଥବ୍ୟୟ ଏବଂ କ୍ଷୟକ୍ଷତିର ଭରଣା ଉଦ୍ଦେଶ୍ୟରେ କ୍ଷତିପୂରଣ ପ୍ରଦାନ ପାଇଁ ଏହି ଆଇନ୍ ଅଧୀନରେ ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନର ଶୁଣାଣିର ଯେ କୌଣସି ପର୍ଯ୍ୟାୟରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପ୍ରତିବାଦୀଙ୍କୁ ଦିଆଯାଉଥିବା ନିର୍ଦ୍ଦେଶ ।

(ଏଲ୍) **'ବିଜ୍ଞପ୍ତି'** କହିଲେ ସରକାରୀ ଗେଜେଟ୍‌ରେ ପ୍ରକାଶିତ ବିଜ୍ଞପ୍ତିକୁ ହିଁ ବୁଝାଏ, ଏବଂ 'ବିଜ୍ଞାପିତ' ଶବ୍ଦ ତଦନୁଯାୟୀ ଅର୍ଥ ବହନ କରିବ ।

(ଏମ୍) **'ବିହିତ'** ବୋଇଲେ ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ନିୟମାବଳୀ ଦ୍ୱାରା ଯାହା କିଛି ବିହିତ ହୋଇଛି ।

(ଏନ୍) **'ସୁରକ୍ଷା ଅଧିକାରୀ'** ବୋଇଲେ ସେହି ଅଧିକାରୀ ଯେ କି ଧାରା ୮ ଅଧୀନସ୍ଥ ଉପଧାରା (୧) ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ।

(ଓ) **'ସୁରକ୍ଷା ଆଦେଶ'** ବୋଇଲେ ଧାରା ୧୮ ଅନୁଯାୟୀ ଜାରି କରାଯାଇଥିବା ଏକ ଆଦେଶ ।

(ପି) **'ବାସସ୍ଥାନ ଆଦେଶ'** ବୋଇଲେ ଧାରା ୧୯ର ଉପଧାରା (୧) ଅନୁଯାୟୀ ମଂଜୁରୀପ୍ରାପ୍ତ ଆଦେଶନାମା ।

(କ୍ୟୁ) **'ପ୍ରତିବାଦୀ'** ବୋଇଲେ ଯେ କେହି ସାବାଳକ ପୁରୁଷ ବ୍ୟକ୍ତି, ଯାହାଙ୍କ ସହିତ ବ୍ୟଥିତ ବ୍ୟକ୍ତିଙ୍କର ଘରୋଇ ସଂପର୍କ ଅଛି ବା ରହି ଆସିଛି ଏବଂ ଯାହାଙ୍କ ବିରୁଦ୍ଧରେ ଏହି ଆଇନ୍ ଅନୁଯାୟୀ ବ୍ୟଥିତ ବ୍ୟକ୍ତି କୌଣସି ପ୍ରକାର ଉପଶମ ପାଇଁ ଆବେଦନ କରିଛନ୍ତି ।

**ପରନ୍ତୁ,** ଜଣେ ବ୍ୟଥିତ ପତ୍ନୀ ବା ମହିଳା ଯେ କି ବିବାହ-ବତ୍ ଏକ ସଂପର୍କରେ ଜଡ଼ିତ ହୋଇ ଜୀବନ ବିତାଉଛନ୍ତି, ସେ ମଧ୍ୟ ତାଙ୍କ ସ୍ୱାମୀ ବା ପୁରୁଷ-ସାଥୀଙ୍କ କୌଣସି ସମ୍ପର୍କୀୟଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିପାରନ୍ତି ।

(ଆର୍) **'ସେବା ପ୍ରବନ୍ଧକ'** ବୋଇଲେ, ଧାରା ୧୦ ଅନ୍ତର୍ଗତ ଉପଧାରା (୧) ଅନୁଯାୟୀ ପଞ୍ଜିକୃତ ହୋଇଥିବା କୌଣସି ଏକ ସତ୍ତା ।

(ଏସ୍) **'ସହଭୁକ୍ତ ଗୃହ'** ବୋଇଲେ ଏପରି ଏକ ଗୃହ ଯେଉଁଠାରେ ବ୍ୟଥିତ ବ୍ୟକ୍ତି ପ୍ରତିବାଦୀଙ୍କ ସହିତ କୌଣସି ଏକ ଘରୋଇ ସମ୍ପର୍କରେ ଜଡ଼ିତ ହୋଇ ଏକାକୀ ଅଥବା ଏକାଠି ବାସ କରୁଛନ୍ତି ଅଥବା କୌଣସି ନା କୌଣସି ସମୟରେ ବାସ କରୁଥିଲେ, ଏବଂ ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ ସେପରି କୌଣସି ଗୃହ ଯାହାକି ବ୍ୟଥିତ ବ୍ୟକ୍ତି ଓ ପ୍ରତିବାଦୀଙ୍କ ମିଳିତ ସ୍ୱତ୍ତ୍ୱର ଅଧୀନରେ ଥାଇପାରେ ବା ସେମାନଙ୍କ ଦ୍ୱାରା ଭଡ଼ାସୂତ୍ରରେ ନିଆଯାଇ ପାରିଥାଏ ଅଥବା ସେମାନଙ୍କ ଭିତରୁ କାହାରି ଜଣଙ୍କ ଦ୍ୱାରା ସ୍ୱତ୍ତ୍ୱାଧୀନ ହୋଇଥାଇପାରେ ବା ଭଡ଼ାସୂତ୍ରରେ ନିଆଯାଇ ଥାଇପାରେ ତଥା ଯାହା ଉପରେ ବ୍ୟଥିତ ବ୍ୟକ୍ତି ବା ପ୍ରତିବାଦୀ ବା ଉଭୟଙ୍କର ମିଳିତ ବା ଜଣଙ୍କର ଏକାକୀ ଅଧିକାର, ସ୍ୱତ୍ତ୍ୱ, ସ୍ୱାର୍ଥ ଏବଂ ଅଂଶଭାଗ ରହିଛି, ଏବଂ ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ ସେପରି କୌଣସି ଯୌଥ ପରିବାର ଯେଉଁଥିରେ କି ପ୍ରତିବାଦୀ ଜଣେ ସଭ୍ୟ ଅଟନ୍ତି, ଯଦିଓ ଏହି ସହଭୁକ୍ତ ଗୃହ ଉପରେ ପ୍ରତିବାଦୀ ବା ବ୍ୟଥିତ ବ୍ୟକ୍ତିଙ୍କ ଅଧିକାର କିମ୍ବା ସ୍ୱତ୍ତ୍ୱ କିମ୍ବା ସ୍ୱାର୍ଥ ଥାଇପାରେ ବା ନ ଥାଇପାରେ ।

(ଟି) **'ଆଶ୍ରୟ ଗୃହ'** ବୋଇଲେ ଏହି ଆଇନ୍‌ର ଉଦ୍ଦେଶ୍ୟ ପରିପୂର୍ତ୍ତୀ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆଶ୍ରୟ ଗୃହ ରୂପେ ବିଜ୍ଞାପିତ ହୋଇଥିବା କୌଣସି ଏକ ଆଶ୍ରୟ ଗୃହ ।

## ଅଧ୍ୟାୟ-୨ : ଘରୋଇ ହିଂସା

୩। **ଘରୋଇ ହିଂସାର ସଂଜ୍ଞା –** ଏହି ଆଇନ୍‌ର ଉଦ୍ଦେଶ୍ୟାର୍ଥେ ପ୍ରତିବାଦୀଙ୍କ କୌଣସି କାର୍ଯ୍ୟ, ଅବହେଳା ବା ଆଚରଣ ବା ବ୍ୟବହାର 'ଘରୋଇ ହିଂସା' ପଦବାଚ୍ୟ ହେବ, ଯଦି –

(ଏ) ଏହା ବ୍ୟଥିତ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ, ନିରାପତ୍ତା, ଜୀବନ, ଅଙ୍ଗପ୍ରତ୍ୟଙ୍ଗ ଅଥବା ମାନସିକ କିମ୍ବା ଶାରୀରିକ ସୁସ୍ଥିତିକୁ କ୍ଷତିଗ୍ରସ୍ତ, ବ୍ୟାହତ ବା ବିପନ୍ନ କରୁଥାଏ ଅଥବା କରିବା ଦିଗରେ ଗତି କରୁଥାଏ, ଏବଂ ଏଥିମଧ୍ୟରେ ଶାରୀରିକ ଅନାଚାର, ଯୌନଗତ ଅନାଚାର, ମୌଖିକ କିମ୍ବା ଭାଗବତ ଅନାଚାର ଏବଂ ଆର୍ଥିକ ଅନାଚାର ଅନ୍ତର୍ଭୁକ୍ତ ଥାଏ; କିମ୍ବା

(ବି) ଏହା ଯୌତୁକ କି ଅନ୍ୟାନ୍ୟ ଧନସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂ ପାଇଁ ନିଜର ବେଆଇନ୍ ଚାହିଦା ପୂରଣ ଉଦ୍ଦେଶ୍ୟରେ ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ସହ ସମ୍ପର୍କୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ବଳପୂର୍ବକ ବାଧ୍ୟ କରିବାକୁ ଯାଇ ତାଙ୍କୁ ହଟହଟା, କ୍ଷତିଗ୍ରସ୍ତ, ଆହତ କିମ୍ବା ବିପଦାପନ୍ନ କରୁଥାଏ; କିମ୍ବା

(ସି)　ଖଣ୍ଡ (ଏ) ବା ଖଣ୍ଡ (ବି)ରେ ବର୍ଣ୍ଣିତ ହୋଇଥିବା କୌଣସି ଆଚରଣ ଫଳରେ ଏହା ବ୍ୟଥିତ ବ୍ୟକ୍ତି ବା ତାଙ୍କ ସହ ସମ୍ପର୍କୀତ କୌଣସି ବ୍ୟକ୍ତିଙ୍କ ଭିତରେ ଭୀତିସଂଚାର କଲାଭଳି କାର୍ଯ୍ୟ ହୋଇଥାଏ; କିମ୍ବା

(ଡି)　ଅନ୍ୟ କୌଣସି ପ୍ରକାରେ ଏହା ବ୍ୟଥିତ ବ୍ୟକ୍ତିଙ୍କର ଶାରୀରିକ କିମ୍ବା ମାନସିକ ଆଘାତ ଘଟାଉଥାଏ ।

**ସ୍ପଷ୍ଟୀକରଣ–୧** : ଏହି ଧାରାର ପ୍ରୟୋଜନାର୍ଥେ,

(୧)　**'ଶାରୀରିକ ଅନାଚାର'** ବୋଇଲେ ସେହି ଧରଣର ଯେ କୌଣସି କାର୍ଯ୍ୟ କିମ୍ବା ଆଚରଣ, ଯାହାକି ବ୍ୟଥିତ ବ୍ୟକ୍ତିଙ୍କୁ ଶାରୀରିକ ଯନ୍ତ୍ରଣା ଏବଂ ଆଘାତ ଦେଇଥାଏ ଅଥବା ତାଙ୍କ ଜୀବନ, ଅଙ୍ଗପ୍ରତ୍ୟଙ୍ଗ ବା ସ୍ୱାସ୍ଥ୍ୟ ପ୍ରତି ବିପଦ ଘଟାଉଥାଏ, କିମ୍ବା ବ୍ୟଥିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ବା ବିକାଶକୁ ବାଧାଗ୍ରସ୍ତ କରିଥାଏ, ଏବଂ ଏହାର ପରିସର ଭିତରେ ଅନ୍ତର୍ଭୁକ୍ତ ରହିବ ଆକ୍ରମଣ, ଫୌଜଦାରୀ ଧରଣର ଭୟପ୍ରଦର୍ଶନ ଏବଂ ଫୌଜଦାରୀ ବଳପ୍ରୟୋଗ;

(୨)　**'ଯୌନଗତ ଅନାଚାର'** ପରିସର ଭିତରେ ସେହିସବୁ ଧରଣର ଯୌନଗତ ଆଚରଣ ଅନ୍ତର୍ଭୁକ୍ତ ରହିବ, ଯାହାକି ଜଣେ ମହିଳାଙ୍କୁ ଅପମାନିତ, ଅପଦସ୍ତ ବା ଅସମ୍ମାନ କରିଥାଏ, ଅଥବା ମହିଳାଙ୍କର ମର୍ଯ୍ୟାଦା ଉଲ୍ଲଂଘନ କରିଥାଏ ।

(୩)　**'ବାଚନିକ ଓ ଆବେଗିକ ଅନାଚାର'** ମଧ୍ୟରେ ଅନ୍ତର୍ଭୁକ୍ତ ରହିବ –

(ଏ)　ଅପମାନ, ପରିହାସ, ଅବମାନନା ବା ଉପହାସ କରିବା ଏବଂ ବିଶେଷ କରି ନିଃସନ୍ତାନ ହେବା ବା ପୁଅପିଲା ଜନ୍ମ ନ କରିବା ବ୍ୟାପାରକୁ କେନ୍ଦ୍ର କରି ଅପମାନ ଓ ପରିହାସ କରିବା; ଏବଂ

(ବି)　ବ୍ୟଥିତ ବ୍ୟକ୍ତି ଯେଉଁ ବ୍ୟକ୍ତିଙ୍କ ଠାରେ ରୁଚି ରଖିଥାନ୍ତି, ତାଙ୍କର ଶାରୀରିକ କ୍ଷତି ଘଟାଇବା ପାଇଁ ବାରମ୍ବାର ଧମକ ଦେବା;

(୪)　**'ଅର୍ଥନୈତିକ ଅନାଚାର'**ର ପରିସର ଭିତରେ ଅନ୍ତର୍ଭୁକ୍ତ ରହିବ–

(ଏ)　ସେହି ସମସ୍ତ ଆର୍ଥିକ ଓ ବିତ୍ତୀୟ ସମ୍ବଳ ବା ସେଥିମଧ୍ୟରୁ କୌଣସି ଏକ ସମ୍ବଳରୁ ଜଣେ ବ୍ୟଥିତ ବ୍ୟକ୍ତିଙ୍କୁ ବଞ୍ଚିତ କରିବା, ଯାହାକି ପ୍ରଚଳିତ କୌଣସି ଆଇନ୍ ବା ପ୍ରଥା ଅନୁଯାୟୀ କୌଣସି ଅଦାଲତର ଆଦେଶନାମା ଅନୁଯାୟୀ ଅଥବା ଅନ୍ୟଥା ସେ ପାଇବାକୁ ହକ୍‌ଦାର, କିମ୍ବା ଯାହାକି ବ୍ୟଥିତ ବ୍ୟକ୍ତିଙ୍କର ଅପରିହାର୍ଯ୍ୟ ଭାବେ ପ୍ରୟୋଜନ; ଏହି ପ୍ରୟୋଜନ ତାଲିକା ଭିତରେ ନିମ୍ନୋକ୍ତ ଉପାଦାନମାନ ଅନ୍ତର୍ଭୁକ୍ତ ରହିବ, ଯଦିଓ କେବଳ ସେହିସବୁ ଉପାଦାନ ଭିତରେ ଏହି ତାଲିକା ସୀମିତ ନୁହେଁ – ବ୍ୟଥିତ ବ୍ୟକ୍ତି ଓ ଯଥାସ୍ଥିତି ତାଙ୍କର ପିଲାମାନଙ୍କ ପାଇଁ ଆବଶ୍ୟକୀୟ ଗୃହସାମଗ୍ରୀ, ସ୍ତ୍ରୀଧନ, ସେହିସବୁ ସମ୍ପତ୍ତି, ଯାହାକି ମିଳିତ ଭାବେ କିମ୍ବା ବ୍ୟଥିତ ବ୍ୟକ୍ତିଙ୍କ ସ୍ୱତନ୍ତ୍ର ମାଲିକାନା ଅଧୀନରେ ରହିଛି, ସହଭୁକ୍ତ ବାସଗୃହର ଭଡ଼ା ତଥା ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ପାଉଣା;

(ବି)　ଗୃହୋପକାରଣଗୁଡ଼ିକୁ ହସ୍ତାନ୍ତର କରିଦେବା ତଥା କୌଣସି ସ୍ଥାବର ବା ଅସ୍ଥାବର ସମ୍ପତ୍ତି, ବା ମୂଲ୍ୟବାନ ସାମଗ୍ରୀ, ଅଂଶଧନ, ପ୍ରତିଭୂ ଓ ବନ୍ଧପତ୍ର ଇତ୍ୟାଦି ଅନ୍ୟାନ୍ୟ ଧରଣର ସମ୍ପତ୍ତି, ଯେଉଁଗୁଡ଼ିକ ଉପରେ ଘରୋଇ ସମ୍ପର୍କ ଯୋଗୁଁ ବ୍ୟଥିତ ବ୍ୟକ୍ତିଙ୍କର ଅଧିକାର ରହିଛି ବା ଯେଉଁଗୁଡ଼ିକୁ ବ୍ୟବହାର କରିବା ପାଇଁ ବ୍ୟଥିତ ବ୍ୟକ୍ତିଙ୍କର ହକ୍ ରହିଛି, ଅଥବା ଯେଉଁଗୁଡ଼ିକ ବ୍ୟଥିତ ବ୍ୟକ୍ତି ଓ ତାଙ୍କ ପିଲାମାନେ ଯଥାର୍ଥ କାରଣରୁ ପ୍ରୟୋଜନ କରିଥାନ୍ତି, ତାଙ୍କର ସ୍ତ୍ରୀ ଧନ ଅଥବା ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଏକାକୀ ବା ମିଳିତ ଭାବେ ସତ୍ତ୍ୱାଧୀନ ଥିବା ଅନ୍ୟ କୌଣସି ପ୍ରକାର ସମ୍ପତ୍ତିରୁ ବଞ୍ଚିତ କରିବା; ଏବଂ

(ସି)　ଘରୋଇ ସମ୍ପର୍କ କାରଣରୁ ସହଭୁକ୍ତ ଗୃହରେ ଚଳପ୍ରଚଳ ଅଧିକାର ସମେତ ଯେଉଁସବୁ ସମ୍ବଳ ଓ ସୁବିଧାଗୁଡ଼ିକ ପାଇବା ପାଇଁ ବ୍ୟଥିତ ବ୍ୟକ୍ତି ହକ୍‌ଦାର ଅଟନ୍ତି, ସେଗୁଡ଼ିକୁ ସେ ଉପଯୋଗ କରିବାକୁ ଗଲାବେଳେ ତାଙ୍କୁ ବାରଣ କରିବା ବା ବାଧା ଦେବା ।

**ସ୍ପଷ୍ଟୀକରଣ–୨** : ପ୍ରତିବାଦୀଙ୍କର କୌଣସି ଏକ କାର୍ଯ୍ୟ, ଅବହେଳା, ବ୍ୟବହାର ବା ଆଚରଣକୁ ଏହି ଧାରାର ପ୍ରୟୋଜନାର୍ଥେ 'ଘରୋଇ ହିଂସା' ବୋଲି ବିବେଚନା କରାଯିବ କି ନାହିଁ, ତାହା ନିର୍ଦ୍ଧାରଣ କଲାବେଳେ ସଂପୃକ୍ତ ଘଟଣାର ସମୁଦାୟ ତଥ୍ୟ ଓ ପରିସ୍ଥିତିକୁ ବିଚାରକୁ ନିଆଯିବ ।

## ଅଧ୍ୟାୟ-୩ : ସୁରକ୍ଷା ଅଧିକାରୀ ଏବଂ ସେବା-ପ୍ରବନ୍ଧକ ଇତ୍ୟାଦିଙ୍କ କ୍ଷମତା ଓ କର୍ତ୍ତବ୍ୟ

**୪ । ସୁରକ୍ଷା ଅଧିକାରୀଙ୍କୁ ସୂଚନା-ପ୍ରଦାନ ଏବଂ ସୂଚନା-ଦାତାଙ୍କ ଦାୟମୁକ୍ତି -**

(୧) କୌଣସି ଜଣେ ବ୍ୟକ୍ତି, ଯେ କି କୌଣସି କାରଣରୁ ମନେ କରନ୍ତି ଯେ, ଏକ ଘରୋଇ ହିଂସା ଘଟଣା ଘଟି ଯାଇଛି, ଘଟୁଛି ବା ଘଟିବାର ଆଶଙ୍କା ଅଛି, ସେ ଏ ବିଷୟରେ ସଂପୃକ୍ତ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦେଇପାରନ୍ତି ।

(୨) ଉପଧାରା (୧) ଅନୁଯାୟୀ କୌଣସି ବ୍ୟକ୍ତି ସଦ୍‌ବିଶ୍ୱାସର ସହ ସୂଚନା ପ୍ରଦାନ କରିଥିବା କାରଣରୁ ତାଙ୍କ ବିରୁଦ୍ଧରେ କୌଣସି ଦେଓ୍ୱାନୀ କିମ୍ବା ଫୌଜଦାରୀ କାର୍ଯ୍ୟବିଧି ଲାଗୁ ହେବନାହିଁ ।

**୫ । ପୋଲିସ୍ ଅଧିକାରୀ, ସେବା ପ୍ରବନ୍ଧକ ଏବଂ ମାଜିଷ୍ଟ୍ରେଟ୍‌ଙ୍କ କର୍ତ୍ତବ୍ୟସମୂହ-**

ଜଣେ ପୋଲିସ ଅଧିକାରୀ, ସୁରକ୍ଷା ଅଧିକାରୀ, ସେବା ପ୍ରବନ୍ଧକ ବା ମାଜିଷ୍ଟ୍ରେଟ୍, ଯେ କି ଘରୋଇ ହିଂସା ସମ୍ବନ୍ଧରେ ଏକ ଅଭିଯୋଗ ପାଇଛନ୍ତି, କିମ୍ବା ଘରୋଇ ହିଂସା ଘଟୁଥିବା ସ୍ଥଳରେ ନିଜେ ଉପସ୍ଥିତ ଥାଆନ୍ତି, ଅଥବା ଯେତେବେଳେ ଘରୋଇ ହିଂସା ଘଟଣା ସମ୍ବନ୍ଧରେ ତାଙ୍କୁ ଅବଗତ କରାଯାଇଛି, ସେ ବ୍ୟଥିତ ବ୍ୟକ୍ତିଙ୍କୁ ନିମ୍ନୋକ୍ତ ବିଷୟରେ ଜଣାଇବେ -

(ଏ) ଏହି ଆଇନ୍ ଅନୁଯାୟୀ ସୁରକ୍ଷା ଆଦେଶ, ଆର୍ଥିକ ଉପଶମ ପାଇଁ ଆଦେଶ, ଅଭିରକ୍ଷା ଆଦେଶ, ବାସସ୍ଥାନ ଆଦେଶ, କ୍ଷତିପୂରଣ ଆଦେଶ ବା ଏତାଦୃଶ ଏକାଧିକ ଆଦେଶ ଜନିତ ଉପଶମ ଲାଭ କରିବା ପାଇଁ ଆବେଦନ କରିବା ସକାଶେ ତାଙ୍କର ଅଧିକାର;

(ବି) ସେବା ପ୍ରବନ୍ଧକମାନଙ୍କ ଠାରୁ ଉପଲବ୍‌ଧ ହେଉଥିବା ସେବାମାନ;

(ସି) ସୁରକ୍ଷା ଅଧିକାରୀମାନଙ୍କ ଠାରୁ ଉପଲବ୍‌ଧ ହେଉଥିବା ସେବାମାନ;

(ଡି) ଆଇନ୍ ସେବା କର୍ତ୍ତୃପକ୍ଷସମୂହ ଆଇନ୍, ୧୯୮୭ (୧୯୮୭ର ୩୯) ଅଧୀନରେ ମାଗଣା ଆଇନ୍ ସହାୟତା ପାଇବାର ଅଧିକାର;

(ଇ) ପ୍ରାସଙ୍ଗିକ କ୍ଷେତ୍ରବିଶେଷରେ ଭାରତୀୟ ପିଙ୍ଗଳସଂହିତା (୧୮୬୦ର ୪୫)ର ଧାରା ୪୯୮-ଏ ଅନୁଯାୟୀ ଅଭିଯୋଗ କରିବା ପାଇଁ ତାଙ୍କର ଅଧିକାର ।

**ପରନ୍ତୁ,** ଏହି ଆଇନ୍‌ରେ ଥିବା କୌଣସି ବିଧିବ୍ୟବସ୍ଥାକୁ ଏପରି ବ୍ୟାଖ୍ୟା କରାଯାଇପାରିବନି, ଯଦ୍ୱାରା ଏକ ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧରେ ସୂଚନା ପାଇବା ମାତ୍ରେ ଜଣେ ପୋଲିସ୍ ଅଧିକାରୀ କାର୍ଯ୍ୟବିଧି ଆରମ୍ଭ କରିବାର ଯେଉଁ ଦାୟିତ୍ୱ ଆଇନ୍ ଦ୍ୱାରା ତାଙ୍କ ଉପରେ ନ୍ୟସ୍ତ କରାଯାଇଛି, ସେଥିରୁ ସେ ଅବ୍ୟାହତି ପାଇବେ ।

**୬ । ଆଶ୍ରୟ ଗୃହସମୂହର ଦାୟିତ୍ୱ -**

ଯଦି ଜଣେ ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ତରଫରୁ ଜଣେ ସୁରକ୍ଷା ଅଧିକାରୀ କିମ୍ବା ସେବା ପ୍ରବନ୍ଧକ ଗୋଟିଏ ଆଶ୍ରୟ ଗୃହର ଭାରପ୍ରାପ୍ତ ବ୍ୟକ୍ତିଙ୍କ ନିକଟରେ ବ୍ୟଥିତ ବ୍ୟକ୍ତିଙ୍କୁ ଆଶ୍ରୟ ଦେବାପାଇଁ ଅନୁରୋଧ ଜଣାନ୍ତି, ତେବେ ଆଶ୍ରୟ ଗୃହର ଭାରପ୍ରାପ୍ତ ବ୍ୟକ୍ତି ତାଙ୍କୁ ଆଶ୍ରୟ ଗୃହରେ ଆଶ୍ରୟ ଯୋଗାଇଦେବେ ।

**୭ । ଚିକିତ୍ସା ସଂସ୍ଥାସମୂହଙ୍କର ଦାୟିତ୍ୱ -**

ଯଦି ଜଣେ ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ତରଫରୁ ଜଣେ ସୁରକ୍ଷା ଅଧିକାରୀ କିମ୍ବା ସେବା ପ୍ରବନ୍ଧକ ଗୋଟିଏ ଚିକିତ୍ସା ସଂସ୍ଥାର ଭାରପ୍ରାପ୍ତ ବ୍ୟକ୍ତିଙ୍କ ନିକଟରେ ବ୍ୟଥିତ ବ୍ୟକ୍ତିଙ୍କୁ କୌଣସି ଚିକିତ୍ସା ସହାୟତା ଦେବାପାଇଁ ଅନୁରୋଧ ଜଣାନ୍ତି, ତେବେ ଚିକିତ୍ସା ସଂସ୍ଥାର ଭାରପ୍ରାପ୍ତ ବ୍ୟକ୍ତି ତାଙ୍କୁ ସେହି ଚିକିତ୍ସା ସଂସ୍ଥାରେ ଚିକିତ୍ସା ସହାୟତା ଯୋଗାଇଦେବେ ।

୮ । **ସୁରକ୍ଷା ଅଧିକାରୀଙ୍କ ନିଯୁକ୍ତି –**

(୧) ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ପ୍ରତ୍ୟେକ ଜିଲ୍ଲାରେ ସେତିକି ସଂଖ୍ୟକ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରିବେ, ଯାହାକି ତାଙ୍କ ବିଚାରରେ ଆବଶ୍ୟକ, ଏବଂ ପ୍ରତି ସୁରକ୍ଷା ଅଧିକାରୀ କେଉଁ ଅଞ୍ଚଳ ବା ଅଞ୍ଚଳସମୂହରେ ଏହି ଆଇନ୍ ଦ୍ୱାରା ଏବଂ ଏହି ଆଇନ୍ ଅଧୀନରେ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷମତାଗୁଡ଼ିକର ପ୍ରୟୋଗ କରିବେ ଏବଂ ଦାୟିତ୍ୱଗୁଡ଼ିକର ସମ୍ପାଦନ କରିବେ, ତାହା ମଧ୍ୟ ରାଜ୍ୟ ସରକାର ବିଜ୍ଞାପିତ କରିବେ ।

(୨) ସୁରକ୍ଷା ଅଧିକାରୀମାନେ ଯଥା ସମ୍ଭବ ମହିଳା ହିଁ ହେବେ ଏବଂ ସେମାନେ ସେହିସବୁ ଯୋଗ୍ୟତା ଓ ଅଭିଜ୍ଞତାର ଅଧିକାରୀ ହୋଇଥିବେ, ଯାହାକି ବିହିତ ହୋଇପାରେ ।

(୩) ସୁରକ୍ଷା ଅଧିକାରୀ ଏବଂ ତାଙ୍କ ଅଧସ୍ତନ ଅଧିକାରୀମାନଙ୍କ ନିବନ୍ଧନ ଓ ସେବା ସର୍ତ୍ତାବଳୀ ତାହାହିଁ ହେବ, ଯାହାକୁ ବିହିତ କରାଯାଇପାରେ ।

୯ । **ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ଏବଂ କାର୍ଯ୍ୟାବଳୀ–**

(୧) ଜଣେ ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ହେବ –

(ଏ) ଏହି ଆଇନ୍ ଅଧୀନରେ ମାଜିଷ୍ଟ୍ରେଟ୍‌ଙ୍କ ଉପରେ ନ୍ୟସ୍ତ ହୋଇଥିବା କାର୍ଯ୍ୟାବଳୀ ସମ୍ପାଦନ କରିବାରେ ତାଙ୍କୁ ସହାୟତା କରିବା;

(ବି) ଘରୋଇ ହିଂସା ସମ୍ବନ୍ଧରେ ଏକ ଅଭିଯୋଗ ପାଇଲା ପରେ ବିହିତ ଫର୍ମ ଓ ପଦ୍ଧତିରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏକ ଘରୋଇ ଘଟଣା ବିବରଣୀ ଦାଖଲ କରିବେ ଏବଂ ତହିଁର ନକଲ ସେହି ଥାନାର ଭାରପ୍ରାପ୍ତ ପୋଲିସ ଅଧିକାରୀଙ୍କ ନିକଟକୁ ପଠାଇବେ ଯାହାଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳରେ ଘରୋଇ ହିଂସା ଘଟିଥିବାର ଅଭିଯୋଗ ହୋଇଥିବ, ଏବଂ ଆଉ ଏକ ନକଲକୁ ସେହି ଅଞ୍ଚଳର ସେବା ପ୍ରବନ୍ଧକଙ୍କ ପାଖକୁ ପଠାଇବେ;

(ସି) ଯଦି ବ୍ୟଥିତ ବ୍ୟକ୍ତି ସୁରକ୍ଷା ଆଦେଶ ମାଧ୍ୟମରେ ଉପଶମ ଚାହୁଁଥିବେ, ତେବେ ବିହିତ ଫର୍ମ ଓ ପଦ୍ଧତିରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଏକ ଆବେଦନ ପଠାଇବେ;

(ଡି) ଆଇନ୍ ସେବା କର୍ତ୍ତୃପକ୍ଷସମୂହ ଆଇନ୍, ୧୯୮୭ (୧୯୮୭ର ୩୯) ଅନୁଯାୟୀ ବ୍ୟଥିତ ବ୍ୟକ୍ତି ଯେପରି ଆଇନ୍ ସହାୟତା ପାଇବେ, ତାହାକୁ ସୁନିଶ୍ଚିତ କରିବେ ତଥା ଯେଉଁ ବିହିତ ଫର୍ମରେ ଅଭିଯୋଗକୁ ସ୍ଥାନିତ କରାଯିବ, ତାକୁ ମାଗଣାରେ ଯୋଗାଇଦେବେ;

(ଇ) ମାଜିଷ୍ଟ୍ରେଟ୍‌ଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳରେ ଥିବା ସମସ୍ତ ସେବା ପ୍ରବନ୍ଧକ, ଯଥା ଆଇନ୍ ସହାୟତା କିମ୍ବା ପରାମର୍ଶ, ଆଶ୍ରୟ ଗୃହ ଏବଂ ଚିକିତ୍ସା ସୁବିଧା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକର ଏକ ତାଲିକା ଅନୁରକ୍ଷଣ କରିବେ;

(ଏଫ୍) ବ୍ୟଥିତ ବ୍ୟକ୍ତି ଯଦି ଆବଶ୍ୟକ କରନ୍ତି, ତେବେ ତାଙ୍କୁ ଏକ ନିରାପଦ ଆଶ୍ରୟ ବ୍ୟବସ୍ଥା ଯୋଗାଇଦେବେ, ଏବଂ ବ୍ୟଥିତ ବ୍ୟକ୍ତିଙ୍କୁ ଏକ ଆଶ୍ରୟ ଗୃହରେ ସ୍ଥାନ ଦେଇଥିବାର ବିବରଣୀର ନକଲ ସେହି ପୋଲିସ୍ ଥାନା ଓ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ପଠାଇବେ, ଯାହାଙ୍କ କ୍ଷେତ୍ରାଧିକାର ଭିତରେ ସଂପୃକ୍ତ ଆଶ୍ରୟ ଗୃହଟି ଅବସ୍ଥିତ;

(ଜି) ଯଦି ବ୍ୟଥିତ ବ୍ୟକ୍ତି ଶାରୀରିକ ଆଘାତ ପାଇଥାନ୍ତି, ତେବେ ତାଙ୍କୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବେ, ଏବଂ ଡାକ୍ତରୀ ରିପୋର୍ଟର ନକଲ ସହ ସେହି ପୋଲିସ୍ ଥାନା ଏବଂ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ପଠାଇବେ, ଯାହାଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳରେ ଘରୋଇ ହିଂସା ଘଟିଥିବାର ଅଭିଯୋଗ ହୋଇଛି;

(ଏଚ୍) ଧାରା ୨୦ ଅନୁଯାୟୀ ଆର୍ଥିକ ଉପଶମ ନିମିତ୍ତ ଜାରି ହୋଇଥିବା ଆଦେଶ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨) ଅଧୀନରେ ବିହିତ ହୋଇଥିବା ପଦ୍ଧତି ଅନୁଯାୟୀ କିପରି ଅନୁପାଳିତ ଏବଂ ସମ୍ପାଦିତ ହେବ, ତାହାକୁ ସୁନିଶ୍ଚିତ କରିବେ;

(ଆଇ) ଅନ୍ୟାନ୍ୟ ସେହିସବୁ ଦାୟିତ୍ୱଗୁଡ଼ିକୁ ସମ୍ପାଦନ କରିବେ, ଯାହାକି ବିହିତ ହୋଇପାରେ ।

(୨) ସୁରକ୍ଷା ଅଧିକାରୀ ମାଜିଷ୍ଟ୍ରେଟ୍‌ଙ୍କ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନ ଅଧୀନରେ କାର୍ଯ୍ୟ କରିବେ, ଏବଂ ଏହି ଆଇନ୍ ବଳରେ ଏବଂ ଏହି ଆଇନ୍ ଅଧୀନରେ ମାଜିଷ୍ଟ୍ରେଟ୍ ଓ ସରକାରଙ୍କ ଦ୍ୱାରା ତାଙ୍କ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱଗୁଡ଼ିକର ସମ୍ପାଦନ କରିବେ ।

**୧୦। ସେବା ପ୍ରବନ୍ଧକ ସମୂହ –**

(୧) ଏହି ବ୍ୟାପାରରେ ପ୍ରସ୍ତୁତ ନିୟମାବଳୀର ଅଧୀନରେ ରହି ଆଇନ୍ ସହାୟତା, ଚିକିତ୍ସା, ଆର୍ଥିକ କିମ୍ବା ଅନ୍ୟାନ୍ୟ ସହାୟତା ପ୍ରଦାନ ସମେତ ଯେକୌଣସି ବୈଧାନିକ ମାର୍ଗରେ ମହିଳାମାନଙ୍କର ଅଧିକାର ଓ ସ୍ୱାର୍ଥକୁ ସୁରକ୍ଷା ଦେବାର ଲକ୍ଷ୍ୟ ନେଇ ସମିତି ପଞ୍ଜିକରଣ ଆଇନ୍, ୧୮୬୦ (୧୮୬୦ର ୨୧) କିମ୍ବା କମ୍ପାନୀ ଆଇନ୍, ୧୯୫୬ (୧୯୫୬ର ୧) କିମ୍ବା ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଧୀନରେ ପଞ୍ଜିକୃତ ହୋଇଥିବା ଯେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଆଇନ୍‌ର ପ୍ରୟୋଜନାର୍ଥେ ଗୋଟିଏ ସେବା ପ୍ରବନ୍ଧକ ସଂସ୍ଥା ରୂପେ ରାଜ୍ୟ ସରକାରଙ୍କ ନିକଟରେ ନିଜକୁ ପଞ୍ଜିକରଣ କରିପାରିବେ ।

(୨) ଉପଧାରା (୧) ଅଧୀନରେ ପଞ୍ଜିକୃତ ହୋଇଥିବା ଗୋଟିଏ ସେବା ପ୍ରବନ୍ଧକ ସଂସ୍ଥାର ନିମ୍ନୋକ୍ତ କ୍ଷମତାମାନ ରହିବ –

(ଏ) ଯଦି ବ୍ୟଥିତ ବ୍ୟକ୍ତି ଚାହାଁନ୍ତି, ତେବେ ବିହିତ ଫର୍ମରେ ଘରୋଇ ଘଟଣା ବିବରଣୀକୁ ଲିପିବଦ୍ଧ କରିବେ ଏବଂ ଏହାର ଆଗୁଆ ନକଲକୁ ସେହି ମାଜିଷ୍ଟ୍ରେଟ୍ ଓ ସୁରକ୍ଷା ଅଧିକାରୀଙ୍କ ନିକଟକୁ ପଠାଇବେ, ଯାହାଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳରେ ଘରୋଇ ହିଂସା ଘଟିଅଛି;

(ବି) ବ୍ୟଥିତ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବେ, ଏବଂ ଡାକ୍ତରୀ ରିପୋର୍ଟର ନକଲ ସେହି ସୁରକ୍ଷା ଅଧିକାରୀ ଓ ପୋଲିସ୍ ଥାନାକୁ ପଠାଇବେ, ଯାହାଙ୍କ କାର୍ଯ୍ୟକ୍ଷେତ୍ରର ପରିସୀମା ଭିତରେ ଘରୋଇ ହିଂସା ଘଟିଅଛି;

(ସି) ବ୍ୟଥିତ ବ୍ୟକ୍ତି ଯଦି ଆବଶ୍ୟକ କରନ୍ତି, ତେବେ ତାଙ୍କୁ ଏକ ଆଶ୍ରୟ ଗୃହରେ ଆଶ୍ରୟ ପ୍ରଦାନକୁ ସୁନିଶ୍ଚିତ କରିବେ, ଏବଂ ବ୍ୟଥିତ ବ୍ୟକ୍ତିଙ୍କୁ ଏକ ଆଶ୍ରୟ ଗୃହରେ ସ୍ଥାନ ଦେଇଥିବାର ବିବରଣୀକୁ ସେହି ପୋଲିସ୍ ଥାନାକୁ ପଠାଇବେ, ଯାହାଙ୍କ କାର୍ଯ୍ୟକ୍ଷେତ୍ରର ପରିସୀମା ଭିତରେ ଘରୋଇ ହିଂସା ଘଟିଅଛି ।

(୩) ଘରୋଇ ହିଂସାର ନିବାରଣ କରିବା ଲକ୍ଷ୍ୟ ନେଇ ଗୋଟିଏ ସେବା ପ୍ରବନ୍ଧକ ସଂସ୍ଥା ବା ଏହାର କୌଣସି ସଦସ୍ୟ ଏହି ଆଇନ୍ ଅଧୀନରେ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷମତାକୁ ପ୍ରୟୋଗ କରିବା ବା କର୍ତ୍ତବ୍ୟକୁ ସମ୍ପାଦନ କରିବାକୁ ଯାଇ ବା କରିବା ବାଞ୍ଛନୀୟ ବୋଲି ମନେ କରି ସଦ୍‌ବିଶ୍ୱାସର ସହିତ ଯାହାକିଛି କରିଥିବେ ଅଥବା କରିବା ପାଇଁ ଅଭିଳାଷ ରଖିଥିବେ, ସେ ବାବଦରେ ସେମାନଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଦଣ୍ଡବିଧି ବା ଅନ୍ୟ କୌଣସି କାନୁନୀ କାର୍ଯ୍ୟବିଧି ରୁଜୁ ହୋଇପାରିବ ନାହିଁ ।

**୧୧। ସରକାରଙ୍କ କର୍ତ୍ତବ୍ୟ**

କେନ୍ଦ୍ର ସରକାର ଏବଂ ପ୍ରତି ରାଜ୍ୟ ସରକାର ନିମ୍ନୋକ୍ତ ବିଷୟକୁ ସୁନିଶ୍ଚିତ କରିବାପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ–

(ଏ) ଏହି ଆଇନ୍ ଅଧୀନସ୍ଥ ବିଧିବ୍ୟବସ୍ଥାଗୁଡ଼ିକ ସମ୍ବନ୍ଧରେ ଦୂରଦର୍ଶନ, ବେତାର ଏବଂ ମୁଦ୍ରଣ ମାଧ୍ୟମ ସମେତ ଗଣମାଧ୍ୟମଗୁଡ଼ିକ ଜରିଆରେ ନିୟମିତ ବ୍ୟବଧାନରେ ବ୍ୟାପକ ପରିପ୍ରସାର କରାଇବା;

(ବି) ଏହି ଆଇନ୍ ଦ୍ୱାରା ଚର୍ଚ୍ଚା କରାଯାଇଥିବା ପ୍ରସଙ୍ଗସମୂହ ଉପରେ ପୋଲିସ୍ ଅଧିକାରୀ ଏବଂ ନ୍ୟାୟସେବାର ସଦସ୍ୟମାନଙ୍କୁ ମିଶେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ଭିତରେ ସଜାଗତା ଓ ସଚେତନତା ଆଣିବାପାଇଁ ସମୟାନ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରିବା;

(ସି) ସଂପୃକ୍ତ ମନ୍ତ୍ରଣାଳୟ ଏବଂ ବିଭାଗସମୂହ, ଯେଉଁମାନେ କି ଆଇନ୍, ଆଇନ୍ ଓ ଶୃଙ୍ଖଳା ସମେତ ଘରୋଇ ବିଭାଗ, ସ୍ୱାସ୍ଥ୍ୟ ଏବଂ ମାନବ ସମ୍ବଳ ବିଷୟ ଉପରେ କାର୍ଯ୍ୟ କରିଥାନ୍ତି, ସେମାନଙ୍କ ଭିତରେ ଫଳପ୍ରଦ ସମନ୍ୱୟ ପ୍ରତିଷ୍ଠା କରିବା, ଯାହା ଫଳରେ କି ଘରୋଇ ହିଂସା ସମ୍ପର୍କୀତ ବ୍ୟାପାରଗୁଡ଼ିକୁ ଘନିଷ୍ଠ ଧ୍ୟାନ ଦେଇହେବ ଏବଂ ସମୟାନ୍ତରରେ ଏହି ସମନ୍ୱିତ କାର୍ଯ୍ୟଧାରାର ସମୀକ୍ଷଣ କରାଇବା;

(ଡି) ଅଦାଲତଗୁଡ଼ିକ ସମେତ ବିଭିନ୍ନ ମନ୍ତ୍ରଣାଳୟ, ଯେଉଁମାନେ କି ଏହି ଆଇନ୍ ଅଧୀନରେ ମହିଳାମାନଙ୍କୁ ସେବା ପ୍ରଦାନ ସହ ସଂଶ୍ଲିଷ୍ଟ, ସେମାନଙ୍କ ବ୍ୟବହାର ପାଇଁ ଆଦବକାଇଦାମାନ (ପ୍ରୋଟୋକଲ୍) ପ୍ରସ୍ତୁତ କରିବା ଏବଂ ଯଥାର୍ଥ ଢଙ୍ଗରେ ସେଗୁଡ଼ିକୁ କ୍ରିୟାଶୀଳ କରାଇବା ।

## ଅଧ୍ୟାୟ–୪ : ଉପଶମ ଆଦେଶକୁ ହାସଲ କରିବାର ପ୍ରକ୍ରିୟା

**୧୨. ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ –**

(୧) ବ୍ୟଥିତ ବ୍ୟକ୍ତି କିମ୍ବା ଜଣେ ସୁରକ୍ଷା ଅଧିକାରୀ କିମ୍ବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତି ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏହି ଆଇନ୍ ଅଧୀନରେ ନିମ୍ନୋକ୍ତ ଏକ ବା ଏକାଧିକ ଉପଶମ ପାଇଁ ଆବେଦନ କରିପାରିବେ;

**ପରନ୍ତୁ**, ଏପରି ଗୋଟିଏ ଆବେଦନ ଉପରେ କୌଣସି ଆଦେଶ ଜାରି କରିବା ପୂର୍ବରୁ ମାଜିଷ୍ଟ୍ରେଟ୍ ସୁରକ୍ଷା ଅଧିକାରୀ ବା ସେବା ପ୍ରବନ୍ଧକଙ୍କ ଠାରୁ ମିଳିଥିବା ଘରୋଇ ଘଟଣା ବିବରଣକୁ ବିଚାରକୁ ନେଇଥିବେ ।

(୨) ଉପଧାରା (୧) ଅଧୀନରେ ଆବେଦିତ ଉପଶମ ଭିତରେ ଅନ୍ତର୍ଭୁକ୍ତ ରହିପାରେ – ପ୍ରତିବାଦୀଙ୍କ ଦ୍ୱାରା ଘଟିତ ଘରୋଇ ହିଂସା–ମୂଳକ କାର୍ଯ୍ୟମାନ ଯୋଗୁଁ ଘଟିଥିବା ହାନିଗୁଡ଼ିକ ବାବଦରେ କ୍ଷତିପୂରଣ ବା କ୍ଷତିଭରଣା ପ୍ରାପ୍ୟ ପାଇଁ ସଂପୃକ୍ତ ବ୍ୟକ୍ତିର ମକଦ୍ଦମା ଦାଏର୍ କରିବାର ଅଧିକାରକୁ କ୍ଷୁର୍ଣ୍ଣ ନ କରି, ତାଙ୍କୁ କ୍ଷତିପୂରଣ ବା କ୍ଷତିଭରଣା ପ୍ରଦାନ କରିବାପାଇଁ ଏକ ଉପଶମ ଆଦେଶ:

ପରନ୍ତୁ, ଯେଉଁ ସ୍ଥଳେ ଜଣେ ବ୍ୟଥିତ ବ୍ୟକ୍ତିଙ୍କୁ କୌଣସି ପରିମାଣର କ୍ଷତିପୂରଣ ବା କ୍ଷତିଭରଣା ପ୍ରାପ୍ୟ ପ୍ରଦାନ ପାଇଁ ଗୋଟିଏ ଅଦାଲତ ଫଇସଲା (ଡିକ୍ରି) ଜାରି କରିଥିବେ, ତେବେ ଏହି ଆଇନ୍ ଅଧୀନରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଜାରି ହୋଇଥିବା ଏକ ଆଦେଶ (ଅର୍ଡର୍)ର ଅନୁପାଳନାର୍ଥେ ଯେଉଁ ପରିମାଣର ପ୍ରାପ୍ୟରାଶି ପ୍ରଦାନ କରାଯାଇ ସାରିଥିବ ଅଥବା କରାଯିବାକୁ ସ୍ଥିର ହୋଇଥିବ, ସେହି ପରିମାଣକୁ ଅଦାଲତଙ୍କ ଦ୍ୱାରା ଫଇସଲା ହୋଇଥିବା ପ୍ରାପ୍ୟରାଶିରୁ ବିୟୋଗ କରିବାକୁ ପଡ଼ିବ, ଏବଂ ଦେଓ୍ୱାନୀ କାର୍ଯ୍ୟବିଧି ସଂହିତା ୧୯୦୮ (୧୯୦୮ର ୫) ଅଥବା ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ବିଧିବ୍ୟବସ୍ଥା ଥାଉନା କାହିଁକି, ଏପରି ବିୟୋଗ ପରେ ଫଇସଲା ହୋଇଥିବା ପରିମାଣରୁ ଯେଉଁ ଅର୍ଥରାଶି ବକେୟା ରହିବ, ତହିଁର ନିଷ୍ପାଦନ କରାଯିବ ।

(୩) ଉପଧାରା (୧) ଅଧୀନସ୍ଥ ପ୍ରତି ଆବେଦନ ସେହି ପ୍ରକାର ଫର୍ମରେ ଲେଖାଯିବ ଏବଂ ସେଥିରେ ସେହିପ୍ରକାର ସବିଶେଷ ବିବରଣ ରହିବ, ଯାହାକି ବିହିତ କରାଯାଇପାରେ ଅଥବା ବିହିତ ବ୍ୟବସ୍ଥାର ଯଥାସମ୍ଭବ ପାଖାପାଖି ହୋଇଥିବ ।

(୪) ନ୍ୟାୟାଳୟ ନିକଟରେ ଆବେଦନ ପହଞ୍ଚିବା ପରେ ମାଜିଷ୍ଟ୍ରେଟ୍ ଏହାର ପ୍ରଥମ ଶୁଣାଣିର ତାରିଖ ଧାର୍ଯ୍ୟ କରିବେ, ଯାହାକି ସାଧାରଣତଃ ଆବେଦନ ପହଞ୍ଚିବା ତାରିଖ ଠାରୁ ୩ ଦିନରୁ ଅଧିକ ବିଳମ୍ବ ହେବ ନାହିଁ ।

(୫) ଉପଧାରା (୧) ଅଧୀନରେ ଉପସ୍ଥାପିତ ପ୍ରତି ଆବେଦନକୁ ପ୍ରଥମ ଶୁଣାଣିର ଷାଠିଏ ଦିନ ମଧ୍ୟରେ ଫଇସଲା କରିବାକୁ ମାଜିଷ୍ଟ୍ରେଟ୍ ପ୍ରୟାସ କରିବେ ।

**୧୩। ନୋଟିସ୍ ଜାରି –**

(୧) ଧାରା ୧୨ ଅଧୀନରେ ଶୁଣାଣି ପାଇଁ ଧାର୍ଯ୍ୟ ତାରିଖ ବିଷୟରେ ମାଜିଷ୍ଟ୍ରେଟ୍ ସୁରକ୍ଷା ଅଧିକାରୀଙ୍କୁ ନୋଟିସ୍ ପଠାଇବେ, ଏବଂ ସୁରକ୍ଷା ଅଧିକାରୀ ସେହି ନୋଟିସ୍‌କୁ ବିହିତ ହୋଇଥିବା ପଦ୍ଧତିରେ ପ୍ରତିବାଦୀଙ୍କୁ ତଥା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଅନ୍ୟ ବ୍ୟକ୍ତିଙ୍କ ନିକଟକୁ ପ୍ରସାର କରିବେ, ଏବଂ ଏହି ନୋଟିସ୍‌କୁ ସେ ପାଇବାର ସର୍ବାଧିକ ଦୁଇଦିନ ମଧ୍ୟରେ ଅଥବା ସେହି ଅତିରିକ୍ତ ଅଥଚ ଯଥୋଚିତ ସମୟସୀମା ମଧ୍ୟରେ ପ୍ରସାର କରିବେ, ଯାହାକି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଅନୁମୋଦିତ ହୋଇଥିବ ।

(୨) ନୋଟିସ୍ ପ୍ରସାରଣ ସମ୍ବନ୍ଧରେ ସୁରକ୍ଷା ଅଧିକାରୀ ସେହିପ୍ରକାର ଏକ ଫର୍ମରେ ଘୋଷଣା କରିବେ, ଯାହାକି ବିହିତ ହୋଇଥାଇପାରେ, ଏବଂ ଏହି ଘୋଷଣା ହିଁ ପ୍ରମାଣ କରିବ ନୋଟିସ୍‌ଟି ପ୍ରତିବାଦୀ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଅନ୍ୟ ବ୍ୟକ୍ତିମାନଙ୍କୁ ପ୍ରସାର କରାଯାଇଛି, ଯଦି ଏହାର ବିପରୀତ ତଥ୍ୟ ପ୍ରମାଣସିଦ୍ଧ ହୋଇନଥାଏ ।

**୧୪। ପରାମର୍ଶ–**

(୧) ଏହି ଆଇନ୍ ଅଧୀନରେ ଚାଲୁ ରହିଥିବା ଗୋଟିଏ କାର୍ଯ୍ୟବିଧିର ଯେକୌଣସି ପର୍ଯ୍ୟାୟରେ ମାଜିଷ୍ଟ୍ରେଟ୍ ପ୍ରତିବାଦୀ ବା ବ୍ୟଥିତ ବ୍ୟକ୍ତିଙ୍କୁ ଏକାକୀ ବା ମିଳିତ ଭାବେ ଗୋଟିଏ ସେବା ପ୍ରବନ୍ଧକ ସଂସ୍ଥାର ସେହି ସଦସ୍ୟଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି, ଯେ କି ପରାମର୍ଶ ପ୍ରଦାନ କ୍ଷେତ୍ରରେ ସେହିସବୁ ଯୋଗ୍ୟତା ଓ ଅଭିଜ୍ଞତା ହାସଲ କରିଛନ୍ତି, ଯାହାକି ବିହିତ ହୋଇଥାଇପାରେ ।

(୨) ଯେଉଁ ସ୍ଥଳେ ଉପଧାରା (୧) ଅନୁଯାୟୀ ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇଥିବେ, ସେପରି କ୍ଷେତ୍ରରେ ସେ ପରବର୍ତ୍ତୀ ଶୁଣାଣି ପାଇଁ ସେହି ତାରିଖ ଧାର୍ଯ୍ୟ କରିବେ, ଯାହାକି ଦୁଇମାସ ଠାରୁ ଅଧିକ ହେବ ନାହିଁ ।

**୧୫। କଲ୍ୟାଣ ବିଶେଷଜ୍ଞଙ୍କ ସହାୟତା–**

ଏହି ଆଇନ୍ ଅଧୀନରେ ଚାଲୁ ରହିଥିବା ଏକ କାର୍ଯ୍ୟଧାରାର ଯେ କୌଣସି ପର୍ଯ୍ୟାୟରେ ମାଜିଷ୍ଟ୍ରେଟ୍ ନିଜ ଉପରେ ନ୍ୟସ୍ତ କାର୍ଯ୍ୟାବଳୀର ସମ୍ପାଦନରେ ସହାୟତା ଲାଭ ପାଇଁ ଏପରି ଜଣେ ସୁଯୋଗ୍ୟ ବ୍ୟକ୍ତିଙ୍କର ସେବା ଲୋଡ଼ିପାରନ୍ତି, ଯେ କି ଜଣେ ମହିଳା ହୋଇଥିବା ଅଧିକ ବାଞ୍ଛନୀୟ; ସେ ବ୍ୟକ୍ତିଜଣକ ବ୍ୟଥିତ ବ୍ୟକ୍ତିଙ୍କ ସହ ସମ୍ପର୍କୀତ ହୋଇଥାନ୍ତୁ ବା ନାହିଁ, ସେଥିରେ କିଛି ଯା'ଆସ ନାହିଁ, କିନ୍ତୁ ସେ ତାଙ୍କ ଦୃଷ୍ଟିରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଆଗେଇ ନେବା କ୍ଷେତ୍ରରେ ନିୟୋଜିତ ଥିବେ ।

**୧୬। ରୁଦ୍ଧଦ୍ୱାର ପ୍ରକୋଷ୍ଠରେ ହେବାକୁ ଥିବା କାର୍ଯ୍ୟବିଧି –**

ମାଜିଷ୍ଟ୍ରେଟ୍ ପରିସ୍ଥିତି ଦୃଷ୍ଟିରୁ ଆବଶ୍ୟକ ଅନୁଭବ କଲେ କିମ୍ବା କାର୍ଯ୍ୟବିଧିର କୌଣସି ଏକ ପକ୍ଷ ଚାହିଁଲେ, ଏହି ଆଇନ୍ ଅଧୀନସ୍ଥ ଏକ କାର୍ଯ୍ୟବିଧିକୁ ମାଜିଷ୍ଟ୍ରେଟ୍ ଏକ ରୁଦ୍ଧଦ୍ୱାର ପ୍ରକୋଷ୍ଠରେ ପରିଚାଳନା କରିପାରନ୍ତି ।

**୧୭। ସହଭୁକ୍ତ ଗୃହରେ ବାସ କରିବାର ଅଧିକାର –**

(୧) ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ବିଧିବ୍ୟବସ୍ଥା ଥାଉନା କାହିଁକି, ତଥା ଏକ ସହଭୁକ୍ତ ଗୃହ ଉପରେ ସଂପୃକ୍ତ ମହିଳାଙ୍କର କୌଣସି ଅଧିକାର, ସତ୍ତ୍ୱ ବା ସକାରାତ୍ମକ ସ୍ୱାର୍ଥ ଥାଉ ବା ନଥାଉ, ଘରୋଇ ସମ୍ପର୍କ ଥିବା ଜଣେ ମହିଳାଙ୍କର ସେହି ସହଭୁକ୍ତ ଗୃହରେ ବାସ କରିବାର ଅଧିକାର ରହିବ ।

(୨) ଆଇନ୍ କର୍ତ୍ତୃକ ପ୍ରତିଷ୍ଠିତ ପ୍ରକ୍ରିୟା ବ୍ୟତିରେକ ପ୍ରତିବାଦୀ ବ୍ୟଥିତ ବ୍ୟକ୍ତିଙ୍କୁ ସହଭୁକ୍ତ ଗୃହ ଅଥବା ଏହାର କୌଣସି ଅଂଶରୁ ଉଚ୍ଛେଦ କି ବଞ୍ଚିତ କରିପାରିବେ ନାହିଁ ।

**୧୮। ସୁରକ୍ଷା ଆଦେଶ –**

ବ୍ୟଥିତ ବ୍ୟକ୍ତି ଓ ପ୍ରତିବାଦୀଙ୍କୁ ସେମାନଙ୍କ ବକ୍ତବ୍ୟ ପ୍ରଦାନ ପାଇଁ ସୁଯୋଗ ଦେବା ପରେ ମାଜିଷ୍ଟ୍ରେଟ୍ ଯଦି ହୃଦବୋଧ କରନ୍ତି ଯେ ଘରୋଇ ହିଂସା ଘଟିଛି ବା ଘଟିବାର ସମ୍ଭାବନା ଅଛି ବୋଲି ଆପାତ-ପ୍ରମାଣଯୋଗ୍ୟ ତଥ୍ୟ ରହିଛି, ତେବେ ସେ ବ୍ୟଥିତ ବ୍ୟକ୍ତିଙ୍କ ସପକ୍ଷରେ ଏକ ସୁରକ୍ଷା ଆଦେଶ ଜାରି କରିପାରନ୍ତି, ଏବଂ ପ୍ରତିବାଦୀଙ୍କୁ ନିମ୍ନୋକ୍ତ ବ୍ୟାପାରରେ ନିଷେଧ କରିପାରନ୍ତି;

(ଏ) କୌଣସି ଘରୋଇ ହିଂସା ଘଟାଇବା;

(ବି) ଘରୋଇ ହିଂସା ଉପୁଜାଉଥିବା କୌଣସି କାର୍ଯ୍ୟକୁ ସହାୟତା ବା ଉସ୍‌କାନି ଦେବା;

(ସି) ବ୍ୟଥିତ ବ୍ୟକ୍ତିଙ୍କ କର୍ମସ୍ଥଳୀକୁ ପ୍ରବେଶ କରିବା, ଅଥବା ଯଦି ବ୍ୟଥିତ ବ୍ୟକ୍ତି ଗୋଟିଏ ଶିଶୁ ହୋଇଥାନ୍ତି, ତେବେ ତାଙ୍କର ବିଦ୍ୟାଳୟକୁ ପ୍ରବେଶ କରିବା ଅଥବା ଯେଉଁ ସ୍ଥାନକୁ ବ୍ୟଥିତ ବ୍ୟକ୍ତି ବହୁଳ ଭାବେ କାରବାର କରିଥାନ୍ତି, ସେ ସ୍ଥାନକୁ ପ୍ରବେଶ କରିବା;

(ଡି) ବ୍ୟଥିତ ବ୍ୟକ୍ତିଙ୍କ ସହ ବ୍ୟକ୍ତିଗତ, ମୌଖିକ ବା ଲିଖିତ, ଇଲେକ୍ଟ୍ରନିକ୍ ବା ଟେଲିଫୋନ୍ ଯୋଗାଯୋଗ ସମେତ କୌଣସି ନା କୌଣସି ମାଧ୍ୟମରେ ବାର୍ତ୍ତାଳାପ କରିବାକୁ ଉଦ୍ୟମ କରିବା;

(ଇ) ବ୍ୟଥିତ ବ୍ୟକ୍ତିଙ୍କ ସ୍ତ୍ରୀଧନ ଅଥବା ଏପରି କୌଣସି ଧନ, ଯାହାକି ସଂପୃକ୍ତ ପକ୍ଷଙ୍କ ଦ୍ୱାରା ମିଳିତ ଭାବେ ବା ଅଲଗା ଅଲଗା ଭାବେ ସେମାନଙ୍କର ସ୍ୱତ୍ୱାଧିକାରରେ ଥିବ, ସେସବୁ ସମେତ ଅନ୍ୟ କୌଣସି ସମ୍ପତ୍ତି ଅଥବା କୌଣସି ବ୍ୟାଙ୍କ୍ ଲକର୍ ବା ଆକାଉଣ୍ଟ୍ ଯାହାକି ଉଭୟ ପକ୍ଷଙ୍କ ଦ୍ୱାରା ବ୍ୟବହୃତ ବା ପରିଚାଳିତ ବା ଉପଭୁକ୍ତ ହେଉଥିବ ଏବଂ ବ୍ୟଥିତ ବ୍ୟକ୍ତି ଏବଂ ପ୍ରତିବାଦୀଙ୍କ ଦ୍ୱାରା ମିଳିତ ଭାବେ ଅଥବା ପ୍ରତିବାଦୀଙ୍କ ଦ୍ୱାରା ଏକାକୀ ଭାବେ କାରବାର କରାଯାଉଥିବ, ତାକୁ ମାଜିଷ୍ଟ୍ରେଟ୍ଙ୍କ ବିନାନୁମତିରେ ହସ୍ତାନ୍ତର କରିବା;

(ଏଫ୍) ବ୍ୟଥିତ ବ୍ୟକ୍ତିଙ୍କ ଉପରେ ନିର୍ଭରଶୀଳ ଥିବା କୌଣସି ବ୍ୟକ୍ତି, ତାଙ୍କର ସମ୍ପର୍କୀୟ କିମ୍ବା ଅନ୍ୟ କେହି ବ୍ୟକ୍ତି, ଯେ କି ଘରୋଇ ହିଂସା କବଳରୁ ତାଙ୍କୁ ରକ୍ଷା କରିବା କ୍ଷେତ୍ରରେ ସହାୟତା ପ୍ରଦାନ କରୁଥିବେ, ସେମାନଙ୍କ ପ୍ରତି କୌଣସି ହିଂସା ଆଚରଣ ନ କରିବା;

(ଜି) ସୁରକ୍ଷା ଆଦେଶରେ ଉଲ୍ଲେଖ ହୋଇଥିବା ଅନ୍ୟ କୌଣସି ପ୍ରକାର ଆଚରଣ ।

**୧୯। ବାସସ୍ଥାନ ଆଦେଶ–**

(୧) ଧାରା ୧୨ର ଉପଧାରା (୧) ଅଧୀନସ୍ଥ ଏକ ଆବେଦନକୁ ଫଇସଲା କରିବାକୁ ଯାଇ ମାଜିଷ୍ଟ୍ରେଟ୍ଙ୍କର ଯଦି ହୃଦବୋଧ ହୁଏ ଯେ ଘରୋଇ ହିଂସା ଘଟିଅଛି, ତେବେ ସେ ନିମ୍ନମତେ ଏକ ବାସସ୍ଥାନ ଆଦେଶ ଜାରି କରିପାରିବେ –

(ଏ) ସହଭୁକ୍ତ ଗୃହର ସ୍ୱତ୍ୱାଧିକାରରେ ପ୍ରତିବାଦୀଙ୍କର ଆଇନ୍‌ଗତ କି ସମଭାଗୀ ସ୍ୱାର୍ଥ ଥାଉ ବା ନଥାଉ, ସେ ଯେପରି ବ୍ୟଥିତ ବ୍ୟକ୍ତିଙ୍କୁ ସହଭୁକ୍ତ ଗୃହରୁ ବେଦଖଲ ନକରିବେ ଅଥବା ସହଭୁକ୍ତ ଗୃହ ଭିତରେ ତାଙ୍କ ଆୟତ୍ତାଧୀନ ଥିବା କୌଣସି ସ୍ୱତ୍ୱାଧିକାରକୁ ଅନ୍ୟ କୌଣସି ପ୍ରକାରେ ବାଧାଗ୍ରସ୍ତ ନ କରିବେ, ସେଥିପାଇଁ ପ୍ରତିବାଦୀ ନିଜକୁ ସଂଯତ ରଖିବେ;

(ବି) ସହଭୁକ୍ତ ଗୃହରୁ ପ୍ରତିବାଦୀ ନିଜକୁ ଦୂରେଇ ରଖିବା ପାଇଁ ନିର୍ଦ୍ଦେଶ;

(ସି) ସହଭୁକ୍ତ ଗୃହର ଯେଉଁ ଅଂଶରେ ବ୍ୟଥିତ ବ୍ୟକ୍ତି ବାସ କରୁଥିବେ, ସେଠାକୁ ପ୍ରତିବାଦୀ କିମ୍ବା ତାଙ୍କର କୌଣସି ସମ୍ପର୍କୀୟ ଯେପରି ପ୍ରବେଶ ନ କରିବେ, ସେଥିପାଇଁ ନିର୍ଦ୍ଦେଶ;

(ଡି) ସହଭୁକ୍ତ ଗୃହକୁ ହସ୍ତାନ୍ତର ବା ବିକ୍ରୟ ବା ବନ୍ଧକ–ଆବଦ୍ଧ କରିବାରୁ ପ୍ରତିବାଦୀଙ୍କୁ ନିବୃତ୍ତ ରଖିବା;

(ଇ) ମାଜିଷ୍ଟ୍ରେଟ୍ଙ୍କ ବିନା ଅନୁମତିରେ ପ୍ରତିବାଦୀ ସହଭୁକ୍ତ ଗୃହରେ ଥିବା ନିଜ ଅଧିକାରକୁ ତ୍ୟାଜ୍ୟ ନ କରିବା ପାଇଁ ବାରଣ କରିବା;

(ଏଫ୍) ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ, ସହଭୁକ୍ତ ଗୃହରେ ବ୍ୟଥିତ ବ୍ୟକ୍ତି ଯେଉଁ ପ୍ରକାରେ ବାସ କରୁଥିଲେ ସମସ୍ତରୀୟ ବାସସ୍ଥାନ ଯୋଗାଡ଼ କରିବା ନଚେତ୍ ତହିଁର ଘରଭଡ଼ା ପ୍ରଦାନ ପାଇଁ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ;

**ପରନ୍ତୁ,** ଅଣ–ଉପଧାରା (ବି) ଅଧୀନରେ ଏକ ଆଦେଶ କୌଣସି ମହିଳାଙ୍କ ବିରୁଦ୍ଧରେ ଜାରି କରାଯାଇପାରିବ ନାହିଁ ।

(୨) ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କର କୌଣସି ସନ୍ତାନଙ୍କୁ ଯଥୋଚିତ ସୁରକ୍ଷା ଯୋଗାଇଦେବା ପାଇଁ ଆବଶ୍ୟକ ମନେକଲେ ମାଜିଷ୍ଟ୍ରେଟ୍ ଅନ୍ୟ କୌଣସି ଅତିରିକ୍ତ ସର୍ତ୍ତାବଳୀ ଆରୋପ କରିପାରନ୍ତି କିମ୍ବା ଅନ୍ୟ କୌଣସି ପ୍ରକାର ନିର୍ଦ୍ଦେଶନା ଜାରି କରିପାରନ୍ତି ।

(୩) ଘରୋଇ ହିଂସାକୁ ପ୍ରତିଷେଧ କରିବା ଉଦ୍ଦେଶ୍ୟରେ ମାଜିଷ୍ଟ୍ରେଟ୍ ପ୍ରତିବାଦୀଙ୍କୁ ପ୍ରତିଭୂ ସହିତ ବା ପ୍ରତିଭୂ ବ୍ୟତିରେକ ଏକ ବନ୍ଧପତ୍ର ଲେଖିଦେବା ପାଇଁ ବାଧ୍ୟ କରିପାରନ୍ତି ।

(୪) ଉପଧାରା (୩) ଅଧୀନସ୍ଥ ଏକ ଆଦେଶନାମା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୩ର ୨)ର ଅନ୍ତର୍ଗତ ୮ମ ଅଧ୍ୟାୟ ଅଧୀନସ୍ଥ ଏକ ଆଦେଶନାମା ରୂପେ ବିବେଚିତ ହେବ ଏବଂ ତଦନୁସାରେ କାର୍ଯ୍ୟକାରୀ ହେବ ।

(୫) ଉପଧାରା (୧), ଉପଧାରା (୨) କିମ୍ବା ଉପଧାରା (୩) ଅନୁଯାୟୀ ଆଦେଶନାମା ଜାରି କଲାବେଳେ ସଂପୃକ୍ତ ଅଦାଲତ ଆଉ ଏକ ଆଦେଶନାମା ମଧ୍ୟ ଜାରି କରିପାରନ୍ତି, ଯେଉଁଥିରେ ଉପରୋକ୍ତ ଆଦେଶନାମାର କାର୍ଯ୍ୟାନ୍ୱୟନ ସ୍ୱାର୍ଥରେ ନିକଟସ୍ଥ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ବ୍ୟଥିତ ବ୍ୟକ୍ତିଙ୍କୁ ସୁରକ୍ଷା ଅଥବା ସହାୟତା ପ୍ରଦାନ କିମ୍ବା ତାଙ୍କ ତରଫରୁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଅଥବା ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବ ।

(୬) ଉପଧାରା (୧) ଅଧୀନରେ ଏକ ଆଦେଶ ଦେଲାବେଳେ ମାଜିଷ୍ଟ୍ରେଟ୍ ସଂପୃକ୍ତ ପକ୍ଷମାନଙ୍କ ଆବଶ୍ୟକତା ଓ ସମ୍ବଳକୁ ଦୃଷ୍ଟିରେ ରଖି ପ୍ରତିବାଦୀଙ୍କ ଉପରେ ଘରଭଡ଼ା ଓ ଅନ୍ୟାନ୍ୟ ଦେୟ ପଇଠ କରିବା ବ୍ୟାପାରରେ ଅବଶ୍ୟ-ପାଳନୀୟ ଦାୟିତ୍ୱମାନ ନ୍ୟସ୍ତ କରିପାରନ୍ତି ।

(୭) ଯେଉଁ ପୋଲିସ୍ ଥାନାର କ୍ଷେତ୍ରାଧିକାର ଅଧୀନରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରାଯାଇଛି, ତହିଁର ଭାରପ୍ରାପ୍ତ ଅଧିକାରୀଙ୍କୁ ସୁରକ୍ଷା ଆଦେଶର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସହାୟତା ଯୋଗାଇ ଦେବାପାଇଁ ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇପାରନ୍ତି ।

(୮) ମାଜିଷ୍ଟ୍ରେଟ୍ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି ସେହିସବୁ ସ୍ତ୍ରୀ-ଧନ କିମ୍ବା ଅନ୍ୟାନ୍ୟ ସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂତିକୁ ବ୍ୟଥିତ ବ୍ୟକ୍ତିଙ୍କୁ ଫେରାଇ ଦେବାପାଇଁ, ଯେଉଁଗୁଡ଼ିକ ଉପରେ ବ୍ୟଥିତ ବ୍ୟକ୍ତିଙ୍କର ହକ୍ ରହିଛି ।

**୨୦। ଆର୍ଥିକ ଉପଶମ-**

(୧) ଧାରା ୧୨ ଅନ୍ତର୍ଗତ ଉପଧାରା (୧) ଅଧୀନରେ ଏକ ଆବେଦନର ଫଇସଲା କଲାବେଳେ ମାଜିଷ୍ଟ୍ରେଟ୍ ପ୍ରତିବାଦୀଙ୍କୁ ସେହି ପ୍ରକାର ଆର୍ଥିକ ଉପଶମ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି, ଘରୋଇ ହିଂସା କାରଣରୁ ବ୍ୟଥିତ ବ୍ୟକ୍ତି ବହନ କରିଥିବା ଖର୍ଚ୍ଚସମୂହ ତଥା ବ୍ୟଥିତ ବ୍ୟକ୍ତି ଓ ଯଦି ତାଙ୍କର ପିଲା ଥାଏ, ତେବେ ଉଭୟ ସହିଥିବା କ୍ଷୟକ୍ଷତିର ଭରଣା କରିବା, ଏବଂ ଏହି ଆର୍ଥିକ ଉପଶମ ଅଧୀନରେ ନିମ୍ନଲିଖିତ ବିଷୟମାନ ଅନ୍ତର୍ଭୁକ୍ତ ହୋଇପାରେ, ଯଦିଓ ସେଗୁଡ଼ିକ ଭିତରେ ସୀମିତ ନୁହେଁ -

(ଏ) ରୋଜଗାର ହରାଇବା;

(ବି) ଚିକିତ୍ସା ବାବଦ ଖର୍ଚ୍ଚ;

(ସି) ବ୍ୟଥିତ ବ୍ୟକ୍ତିଙ୍କ ଆୟତ୍ତରେ ଥିବା ଯେ କୌଣସି ଧନସମ୍ପତ୍ତିର ଧ୍ୱଂସ, ଭଙ୍ଗାରୁଜା ଏବଂ ଅପସାରଣ ଜନିତ କ୍ଷୟକ୍ଷତି;

(ଡି) ବ୍ୟଥିତ ବ୍ୟକ୍ତି ଏବଂ ଯଦି ତାଙ୍କର ସନ୍ତାନ ଥାଆନ୍ତି, ତେବେ ଉଭୟଙ୍କର ଭରଣପୋଷଣ, ଯାହା ଭିତରେ ଅନ୍ତର୍ଭୁକ୍ତ ହୋଇପାରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୩ର ୨)ର ଧାରା ୧୨୫ ବା ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଧୀନରେ ଭରଣପୋଷଣ ପାଇଁ ଆଦେଶ ଅଥବା ଯାହାକି ଏହାଠାରୁ ଅତିରିକ୍ତ ହୋଇପାରେ ।

(୨) ଏହି ଧାରା ଅଧୀନରେ ମଞ୍ଜୁର ହେଉଥିବା ଆର୍ଥିକ ଉପଶମ ପର୍ଯ୍ୟାପ୍ତ, ନ୍ୟାୟୋଚିତ ଏବଂ ଯଥୋଚିତ ହେବ ଏବଂ ତାହା ବ୍ୟଥିତ ବ୍ୟକ୍ତି ଯେଉଁ ଜୀବନର ମାନଦଣ୍ଡ ସହିତ ଅଭ୍ୟସ୍ତ, ତାହା ସହିତ ସୁସଂଗତ ହୋଇଥିବ ।

(୩) ମାମଲାର ପ୍ରକୃତି ଓ ପରିସ୍ଥିତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭରଣପୋଷଣ ଅର୍ଥକୁ ଯଥୋଚିତ ହେଲାଭଳି ଏକକାଳୀନ ମୋଟା ପରିମାଣରେ ଅଥବା ମାସିକ କିସ୍ତି ଆକାରରେ ପ୍ରଦାନ କରିବା ସକାଶେ ଆଦେଶ ଦେବା ପାଇଁ ମାଜିଷ୍ଟ୍ରେଟ୍‌ଙ୍କର କ୍ଷମତା ରହିବ ।

(୪) ଉପଧାରା (୧) ଅଧୀନରେ ଜାରି କରାଯାଇଥିବା ଆର୍ଥିକ ଉପଶମ ଆଦେଶର ଏକକିତା ଲେଖାଁ ନକଲକୁ ମାଜିଷ୍ଟ୍ରେଟ୍ ଆବେଦନର ଉଭୟ ପକ୍ଷ ତଥା ସେହି ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ପଠାଇବେ, ଯାହାଙ୍କର କ୍ଷେତ୍ରାଧିକାର ଅଞ୍ଚଳ ଭିତରେ ପ୍ରତିବାଦୀ ବାସ କରୁଥିବେ ।

(୫) ବ୍ୟଥିତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମଞ୍ଜୁର ହୋଇଥିବା ଆର୍ଥିକ ଉପଶମକୁ ପ୍ରତିବାଦୀ ସେହି ସମୟ ମଧ୍ୟରେ ପଇଠ କରିବେ, ଯାହାକି ଉପଧାରା (୧) ଅଧୀନସ୍ଥ ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବ ।

(୬) ଉପଧାରା (୧) ଅଧୀନସ୍ଥ ଆଦେଶର ସର୍ତ୍ତାବଳୀ ଅନୁସାରେ ଯଦି ପ୍ରତିବାଦୀ ନିଜର ଦେୟ ପଇଠ କରି ନ ପାରନ୍ତି, ତେବେ ମାଜିଷ୍ଟ୍ରେଟ୍ ପ୍ରତିବାଦୀଙ୍କ ନିଯୁକ୍ତିକର୍ତ୍ତା ଅଥବା ଋଣଗ୍ରହୀତାଙ୍କୁ ଏଭଳି ଏକ ନିର୍ଦ୍ଦେଶ ଦେଇପାରନ୍ତି, ଯାହାଫଳରେ ସେହି ନିଯୁକ୍ତିକର୍ତ୍ତା ଅଥବା ଋଣଗ୍ରହୀତା ପ୍ରତିବାଦୀଙ୍କର ପ୍ରାପ୍ୟ ହେଉଥିବା ପାରିଶ୍ରମିକ ବା ବେତନ ବା ଋଣ ପରିଶୋଧ ବାବଦରେ ତାଙ୍କୁ ମିଳିବାକୁ ଥିବା ଅର୍ଥରାଶିର ଏକାଂଶକୁ ସିଧାସଳଖ ବ୍ୟଥିତ ବ୍ୟକ୍ତିଙ୍କୁ ପ୍ରଦାନ କରିବେ କିମ୍ବା ଅଦାଲତ ନିକଟରେ ଜମା ଦେବେ, ଯାହାକି ପ୍ରତିବାଦୀଙ୍କ ଦ୍ୱାରା ପଇଠ ହେବାକୁ ଥିବା ଆର୍ଥିକ ଉପଶମର ପରିମାଣ ସହିତ ସମାୟୋଜନ (ଆଡ୍‌ଜଷ୍ଟ) କରାଯିବ ।

**୨୧। ଅଭିରକ୍ଷା ଆଦେଶ–**

ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଏହି ଆଇନ୍ ଅଧିନରେ ସୁରକ୍ଷା ଆଦେଶ ବା ଅନ୍ୟ କୌଣସି ଉପଶମ ହାସଲ ପାଇଁ ଆବେଦନର ଶୁଣାଣିର ଯେକୌଣସି ପର୍ଯ୍ୟାୟରେ ମାଜିଷ୍ଟ୍ରେଟ୍ ଏକ ବା ଏକାଧିକ ପିଲାମାନଙ୍କ ସାମୟିକ ଅଭିରକ୍ଷା ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ତରଫରୁ ଆବେଦନ କରିଥିବା ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କରିପାରନ୍ତି, ଏବଂ ସେ ଯଦି ଆବଶ୍ୟକ ଅନୁଭବ କରନ୍ତି, ତେବେ ପ୍ରତିବାଦୀଙ୍କ ଦ୍ୱାରା ପିଲାମାନଙ୍କୁ ଦେଖା କରିବାର ପଦ୍ଧତି ସମ୍ବନ୍ଧରେ ବିନିର୍ଦ୍ଦିଷ୍ଟ କରିପାରନ୍ତି ।

**ପରନ୍ତୁ,** ପ୍ରତିବାଦୀ ପିଲାଙ୍କୁ ଦେଖାକରିବା ଫଳରେ ପିଲାଙ୍କ ସ୍ୱାର୍ଥ କ୍ଷତିଗ୍ରସ୍ତ ହେବ ବୋଲି ଯଦି ମାଜିଷ୍ଟ୍ରେଟ୍ ମନେ କରନ୍ତି, ତେବେ ସେ ଏପ୍ରକାର ଦେଖାସାକ୍ଷାତକୁ ବାରଣ କରିପାରିବେ ।

**୨୨। କ୍ଷତିଭରଣା ଆଦେଶ–**

ବ୍ୟଥିତ ବ୍ୟକ୍ତିଙ୍କର ଆବେଦନ ପାଇଲା ପରେ ମାଜିଷ୍ଟ୍ରେଟ୍ ଏହି ଆଇନ୍ ଅଧୀନରେ ମଞ୍ଜୁର ଯୋଗ୍ୟ ଅନ୍ୟାନ୍ୟ ଉପଶମ ସହିତ ପ୍ରତିବାଦୀଙ୍କୁ ଏପରି ଏକ ଅତିରିକ୍ତ ନିର୍ଦ୍ଦେଶ ଦେଇପାରିବେ, ଯାହା ଫଳରେ ପ୍ରତିବାଦୀଙ୍କ ଦ୍ୱାରା ଘଟିତ ଘରୋଇ ହିଂସା ଜନିତ କାର୍ଯ୍ୟମାନ ଯୋଗୁଁ ବ୍ୟଥିତ ବ୍ୟକ୍ତିଙ୍କର ମାନସିକ ନିର୍ଯ୍ୟାତନା ଏବଂ ଭାବାବେଗଗତ ଦୂରବସ୍ଥା ସମେତ ସମସ୍ତ ପ୍ରକାର କ୍ଷୟକ୍ଷତିର ଭରଣା ଏବଂ ପରିପୂରଣ ହୋଇପାରିବ ।

**୨୩। ମଧ୍ୟବର୍ତ୍ତୀ ଏବଂ ଏକତରଫା ଆଦେଶ ଜାରି କରିବାର କ୍ଷମତା–**

(୧) ଏହି ଆଇନ୍ ଅଧୀନରେ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଚାଲୁଥିବା ଏକ କାର୍ଯ୍ୟବିଧି ପରିପ୍ରେକ୍ଷିରେ ସେ ଯେ କୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରିପାରନ୍ତି, ଯାହାକି ତାଙ୍କ ବିଚାରରେ ନ୍ୟାୟୋଚିତ ଓ ଯଥୋଚିତ ହେଉଥିବ ।

(୨) ଯଦି ମାଜିଷ୍ଟ୍ରେଟ୍ ଏକ ଆବେଦନରୁ ଆପାତତଃ ହୃଦବୋଧ କରନ୍ତି ଯେ, ପ୍ରତିବାଦୀ ଘରୋଇ ହିଂସା ଆଚରଣ କରୁଛନ୍ତି, କରିଛନ୍ତି କିମ୍ବା କରିବାକୁ ଯାଉଥିବାର ଆଶଙ୍କା ରହିଛି, ତେବେ ସେ ଧାରା ୧୮, ୧୯, ୨୦ , ୨୧ ଅଥବା ଯଥାସ୍ଥିତି ଧାରା ୨୨ ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କ ଠାରୁ ଏକ ଶପଥପାଠ (ଆଫିଡେଭିଟ୍) ଆଧାରରେ ପ୍ରତିବାଦୀଙ୍କ ବିରୁଦ୍ଧରେ ଗୋଟିଏ ଏକତରଫା ଆଦେଶ ଜାରି କରିପାରନ୍ତି, ଏବଂ ଏହି ଶପଥପାଠ ସେହି ପ୍ରକାର ଫର୍ମରେ ସ୍ଥାନିତ ହେବ, ଯାହାକି ବିହିତ ହୋଇପାରେ ।

**୨୪। ଅଦାଲତ ଦ୍ୱାରା ଆଦେଶର ନକଲକୁ ମାଗଣାରେ ଯୋଗାଇଦେବା–**

ଏହି ଆଇନ୍ ଅଧୀନରେ ଯେତେସବୁ ମାମଲାରେ ମାଜିଷ୍ଟ୍ରେଟ୍ ଆଦେଶ ଜାରି କରିଥିବେ, ପ୍ରତି କ୍ଷେତ୍ରରେ ସେ ଆଦେଶ ଦେବେ ଯେ, ଆଦେଶର ନକଲକୁ ମାଗଣାରେ ଯୋଗାଇ ଦିଆଯିବ ଆବେଦନର ପକ୍ଷମାନଙ୍କୁ, ସେହି ପୋଲିସ୍ ଥାନାର ଭାରପ୍ରାପ୍ତ ପୋଲିସ୍ ଅଧିକାରୀଙ୍କୁ, ଯାହାଙ୍କ କ୍ଷେତ୍ରାଧିକାର ଭିତରେ ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ କରାଯାଇଛି, ସେହି ସେବା-ପ୍ରବନ୍ଧକ ସଂସ୍ଥାଙ୍କୁ ଯେ କି ଅଦାଲତର କ୍ଷେତ୍ରାଧିକାରର ପରିସୀମା ଭିତରେ ଅବସ୍ଥିତ ତଥା ସେହି ସେବା-ପ୍ରବନ୍ଧକ ସଂସ୍ଥାଙ୍କୁ ଯେ କି ଘରୋଇ ଘଟଣା ବିବରଣକୁ ପଞ୍ଜିକୃତ କରିଥିଲେ ।

**୨୫। ଆଦେଶନାମାର କାଳାବଧି ଏବଂ ସଂଶୋଧନ–**

(୧) ଧାରା ୧୮ ଅଧୀନରେ ଜାରି ହୋଇଥିବା ଏକ ସୁରକ୍ଷା ଆଦେଶ ସେହି ପର୍ଯ୍ୟନ୍ତ ବଳବତ୍ତର ରହିବ ଯେ ପର୍ଯ୍ୟନ୍ତ ବ୍ୟଥିତ ବ୍ୟକ୍ତି ତାଙ୍କର ଅଭିଯୋଗ ପ୍ରତ୍ୟାହାର ପାଇଁ ଆବେଦନ କରିନାହାନ୍ତି ।

(୨) ବ୍ୟଥିତ ବ୍ୟକ୍ତି ବା ପ୍ରତିବାଦୀଙ୍କ ଠାରୁ ଏକ ଆବେଦନ ପାଇବା ପରେ ଯଦି ମାଜିଷ୍ଟ୍ରେଟ୍ ହୃଦ୍‌ବୋଧ କରନ୍ତି ଯେ, ପରିସ୍ଥିତିରେ ପରିବର୍ତ୍ତନ ଘଟିବା ଫଳରେ ଏହି ଆଇନ୍ ଅଧୀନରେ ପୂର୍ବରୁ ଜାରି କରାଯାଇଥିବା ଏକ ଆଦେଶର ସଂଶୋଧନ, ପରିବର୍ତ୍ତନ ବା ପ୍ରତ୍ୟାହାର କରିବା ଆବଶ୍ୟକ ପଡୁଛି, ତେବେ ସଂପୃକ୍ତ କାରଣଗୁଡ଼ିକୁ ଲିପିବଦ୍ଧ କରି ସେ ଏପରି ଏକ ଆଦେଶ ଜାରି କରିପାରିବେ, ଯାହାକି ତାଙ୍କ ମତରେ ଯଥାର୍ଥ ।

**୨୬। ଅନ୍ୟାନ୍ୟ ମାମଲା ଏବଂ ଆଇନ୍‌ଗତ କାର୍ଯ୍ୟବିଧିରେ ଉପଶମ –**

(୧) ଏହି ଆଇନ୍ ପ୍ରାରମ୍ଭ ହେବା ପୂର୍ବରୁ ଅଥବା ପରେ ବ୍ୟଥିତ ବ୍ୟକ୍ତି ଏବଂ ପ୍ରତିବାଦୀଙ୍କୁ ଜଡ଼ିତ କରି ଦେଓ୍ୱାନୀ ଅଦାଲତ, ପାରିବାରିକ ଅଦାଲତ କିମ୍ବା ଫୌଜଦାରୀ ଅଦାଲତ ସମ୍ମୁଖରେ ଆରମ୍ଭ ହୋଇଥିବା କୌଣସି ଏକ ଆଇନ୍‌ଗତ କାର୍ଯ୍ୟବିଧିରେ ସେହିସବୁ ଉପଶମ ପାଇଁ ଆବେଦନ କରିହେବ, ଯାହାକି ଏହି ଆଇନ୍‌ର ଧାରା ୧୮, ୧୯, ୨୦, ୨୧ ଏବଂ ୨୨ ଅଧୀନରେ ଉପଲବ୍ଧ ।

(୨) ଦେଓ୍ୱାନୀ ବା ଫୌଜଦାରୀ ଅଦାଲତରେ ରଜୁ ହୋଇଥିବା ଏକ ମାମଲା ବା ଆଇନ୍‌ଗତ କାର୍ଯ୍ୟବିଧି ଅଧୀନରେ ବ୍ୟଥିତ ବ୍ୟକ୍ତି ଅନ୍ୟ ଯେଉଁସବୁ ଉପଶମ ପାଇଁ ଆବେଦନ କରିଥିବେ, ତାହା ସହିତ ଏବଂ ତାହାକୁ ଛାଡ଼ି ଉପଧାରା (୧)ରେ ସୂଚୀତ ହୋଇଥିବା ଯେ କୌଣସି ଉପଶମ ପାଇଁ ସେ ଆବେଦନ କରିପାରିବେ ।

(୩) ଏହି ଆଇନ୍ ଅଧୀନସ୍ଥ କାର୍ଯ୍ୟବିଧିକୁ ଛାଡ଼ି ଅନ୍ୟ କୌଣସି କାର୍ଯ୍ୟବିଧିରେ ବ୍ୟଥିତ ବ୍ୟକ୍ତି ଯଦି କୌଣସି ଉପଶମ ହାସଲ କରିଥାନ୍ତି, ତେବେ ସେ ମାଜିଷ୍ଟ୍ରେଟ୍‌ଙ୍କୁ ଏହି ଉପଶମ ବିଷୟରେ ଅବଗତ କରାଇବାକୁ ବାଧ୍ୟ ରହିବେ ।

**୨୭ । କ୍ଷେତ୍ରାଧିକାର–**

(୧) ପ୍ରଥମ ଶ୍ରେଣୀ ବିଚାର–ବିଭାଗୀୟ ମାଜିଷ୍ଟ୍ରେଟ୍ ବା ଯଥାସ୍ଥିତି ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍, ଯାହାଙ୍କ ସ୍ଥାନୀୟ ପରିସୀମା ଭିତରେ–

(ଏ) ବ୍ୟଥିତ ବ୍ୟକ୍ତି ସ୍ଥାୟୀ ବା ଅସ୍ଥାୟୀ ଭାବରେ ବାସ କରୁଥାନ୍ତି ବା ବ୍ୟବସାୟ କରୁଥାନ୍ତି ଅଥବା ନିଯୁକ୍ତ ଥାଆନ୍ତି;

(ବି) ପ୍ରତିବାଦୀ ବାସ କରୁଥାନ୍ତି, ବ୍ୟବସାୟ କରୁଥାନ୍ତି ଅଥବା ନିଯୁକ୍ତ ଥାଆନ୍ତି; କିମ୍ବା

(ସି) ବିବାଦର କାରଣ ଘଟିଥିବ,

ତେବେ ସେ ଏହି ଆଇନ୍ ଅଧୀନରେ ସୁରକ୍ଷା ଆଦେଶ ଏବଂ ଅନ୍ୟାନ୍ୟ ଆଦେଶମାନ ଜାରି କରିବା ତଥା ଏହି ଆଇନ୍ ଅଧୀନରେ ଅପରାଧଗୁଡ଼ିକର ବିଚାର କରିବା ପାଇଁ କ୍ଷମତାପ୍ରାପ୍ତ ଅଦାଲତ ରୂପେ ବିବେଚିତ ହେବେ ।

(୨) ଏହି ଆଇନ୍ ଅଧୀନରେ ଜାରି କରାଯାଇଥିବା ଏକ ଆଦେଶନାମା ସମଗ୍ର ଭାରତରେ ବଳବତ୍ତର ରହିବ ।

**୨୮। ପ୍ରକ୍ରିୟା–**

(୧) ଏହି ଆଇନ୍‌ରେ ଯଦି ଅନ୍ୟପ୍ରକାର ବ୍ୟବସ୍ଥା ହୋଇ ନଥିବ, ତେବେ ଏହି ଆଇନ୍‌ର ଧାରା ୧୨, ୧୮,୧୯,୨୦, ୨୧,୨୨ ଏବଂ ୨୩ ଅଧୀନସ୍ଥ ସମସ୍ତ କାର୍ଯ୍ୟବିଧି ଏବଂ ଧାରା ୩୧ ଅଧୀନସ୍ଥ ଅପରାଧମାନ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨)ର ପ୍ରାବଧାନଗୁଡ଼ିକ ଅନୁସାରେ ପରିଚାଳିତ ହେବ ।

(୨) ଉପଧାରା (୧)ରେ ଯାହା କୁହାଯାଇ ଥାଉନା କାହିଁକି, ତଦ୍ଦ୍ୱାରା ଧାରା ୧୨ କିମ୍ବା ଧାରା ୨୩ ଅନ୍ତର୍ଗତ ଉପଧାରା (୨) ଅଧୀନସ୍ଥ ଏକ ଆବେଦନକୁ ଫଇସଲା କରିବା ବ୍ୟାପାରରେ ନିଜସ୍ୱ ପ୍ରକ୍ରିୟା ନିର୍ଦ୍ଧାରଣ କରିବା କ୍ଷେତ୍ରରେ ଅଦାଲତକୁ ବାରଣ କରାଯାଇପାରିବ ନାହିଁ ।

୨୯। ଅପିଲ–

ଯେଉଁ ଯେଉଁ ତାରିଖରେ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶନାମା ଯଥାସ୍ଥିତି ବ୍ୟଥିତ ବ୍ୟକ୍ତି ବା ପ୍ରତିବାଦୀଙ୍କ ହସ୍ତଗତ ହେବ, ଏବଂ ଏହି ଦୁଇଟି ତାରିଖ ମଧ୍ୟରୁ ଯେଉଁଟା ପରବର୍ତ୍ତୀ ହୋଇଥିବ, ତହିଁର ୩୦ ଦିନ ମଧ୍ୟରେ ଦୌରାଜଜ୍‌ଙ୍କ ନିକଟରେ ଅପିଲ୍ କରା ଯାଇପାରିବ ।

## ଅଧ୍ୟାୟ–୫ : ବିବିଧ

୩୦। ସୁରକ୍ଷା ଅଧିକାରୀ ଏବଂ ସେବା–ପ୍ରବନ୍ଧକ ସଦସ୍ୟମାନଙ୍କ ପାଇଁ ଜନସେବକ ପାହ୍ୟା–

ଏହି ଆଇନ୍‌ର କୌଣସି ପ୍ରାବ୍‌ଧାନ ବା ଏହା ଅଧୀନରେ ଜାରି ହୋଇଥିବା କୌଣସି ନିୟମାବଳୀ ବା ଆଦେଶ ଅନୁସାରେ କୌଣସି ସୁରକ୍ଷା ଅଧିକାରୀ କିମ୍ବା ସେବା–ପ୍ରବନ୍ଧକର ସଦସ୍ୟ କାର୍ଯ୍ୟ କଲାବେଳେ ଅଥବା କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଆଗଉଥିବା ବେଳେ ସେମାନଙ୍କୁ ଭାରତୀୟ ପିଙ୍ଗଳ ସଂହିତା, ୧୮୬୦ (୧୮୬୦ର ୪୫)ରେ ନ୍ୟସ୍ତ ହୋଇଥିବା ଅର୍ଥ ଅନୁସାରେ ଜନସେବକ ରୂପେ ବିବେଚନା କରାଯିବ ।

୩୧। ପ୍ରତିବାଦୀଙ୍କ ଦ୍ୱାରା ସୁରକ୍ଷା ଆଦେଶ ଉଲଙ୍ଘନ ପାଇଁ ଦଣ୍ଡବିଧାନ–

(୧) ପ୍ରତିବାଦୀ ଯଦି ଏକ ସୁରକ୍ଷା ଆଦେଶ ବା ଅନ୍ତର୍ବର୍ତ୍ତୀ–କାଳୀନ ସୁରକ୍ଷା ଆଦେଶକୁ ଉଲଂଘନ କରନ୍ତି, ତେବେ ତାହା ଏହି ଆଇନ୍ ଅନୁଯାୟୀ ଏକ ଅପରାଧ ରୂପେ ବିବେଚିତ ହେବ ଏବଂ ସେଥିପାଇଁ ତାଙ୍କୁ ଉଭୟ ଧରଣର କାରାବାସ ଭିତରୁ କୌଣସି ଧରଣର କାରାବାସ, ଯାହା କି ସର୍ବାଧିକ ଏକ ବର୍ଷ ହୋଇପାରେ କିମ୍ବା ଜୋରିମାନା ଯାହାକି ସର୍ବାଧିକ ୨୦ ହଜାର ଟଙ୍କା ହୋଇପାରେ, କିମ୍ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିପାରେ ।

(୨) ଉପଧାରା (୧) ଅନ୍ତର୍ଗତ ଅପରାଧକୁ ଯଥାସମ୍ଭବ ସେହି ମାଜିଷ୍ଟ୍ରେଟ୍ ବିଚାର କରିବେ, ଯେ କି ଆଦେଶ ଜାରି କରିଥିଲେ, ଏବଂ ଯାହାଙ୍କ ଆଦେଶର ଉଲ୍ଲଂଘନ ଅଭିଯୁକ୍ତଙ୍କ ଦ୍ୱାରା ଘଟିଛି ବୋଲି ଅଭିଯୋଗ କରାଯାଇଛି ।

(୩) ଉପଧାରା (୧) ଅନୁଯାୟୀ ଅଭିଯୋଗ–ଫର୍ଦ୍ଦ ପ୍ରସ୍ତୁତ କରିବା ବେଳେ, ଯଦି ତଥ୍ୟାବଳୀରୁ ଏହା ନିଷ୍ପନ୍ନ ହେଉଥାଏ ଯେ ସଂପୃକ୍ତ ଧାରାଗୁଡ଼ିକ ଅଧୀନରେ ଏକ ଅପରାଧ ଘଟିତ ହୋଇଛି, ତେବେ ମାଜିଷ୍ଟ୍ରେଟ୍ ଯଥାସ୍ଥିତି ଭାରତୀୟ ପିଙ୍ଗଳ ସଂହିତା, ୧୮୬୦ (୧୮୬୦ର ୪୫) ଅଧୀନସ୍ଥ ଧାରା ୪୯୮–ଏ ବା ଅନ୍ୟ କୌଣସି ଧାରା ଅଧୀନରେ ବା ଯୌତୁକ ନିବାରଣ ଆଇନ୍, ୧୯୬୧ (୧୯୬୧ର ୨୮) ଅଧୀନରେ ଅଭିଯୋଗ–ପତ୍ର ପ୍ରସ୍ତୁତ କରିପାରନ୍ତି ।

୩୨। ସଂଜ୍ଞାନ ଏବଂ ପ୍ରମାଣ–

(୧) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨)ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଏହି ଆଇନ୍‌ର ଧାରା ୩୧ ଅନ୍ତର୍ଗତ ଉପଧାରା (୧) ଅଧୀନସ୍ଥ ଏକ ଅପରାଧକୁ ଧର୍ତ୍ତବ୍ୟ ଏବଂ ଜାମିନ–ବିହୀନ ବୋଲି ମନେ କରାଯିବ ।

(୨) ଅଦାଲତ କେବଳ ବ୍ୟଥିତ ବ୍ୟକ୍ତିଙ୍କ ପାରିସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତଙ୍କ ଦ୍ୱାରା ଧାରା ୩୧ ଅନ୍ତର୍ଗତ ଉପଧାରା (୧) ଅଧୀନସ୍ଥ ଏକ ଅପରାଧ ଘଟିତ ହୋଇଛି ବୋଲି ନିଷ୍ପତ୍ତିରେ ପହଞ୍ଚି ପାରନ୍ତି ।

୩୩। କର୍ତ୍ତବ୍ୟ–ସଂପାଦନରେ ସୁରକ୍ଷା ଅଧିକାରୀଙ୍କ ଅବହେଳା ପାଇଁ ଦଣ୍ଡବିଧାନ :

ସୁରକ୍ଷା ଆଦେଶରେ ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ସମ୍ବନ୍ଧରେ ମାଜିଷ୍ଟ୍ରେଟ୍ ଯେଉଁ ନିର୍ଦ୍ଦେଶ ଜାରି କରିଥିବେ, ତାକୁ ଯଦି ସୁରକ୍ଷା ଅଧିକାରୀ ପର୍ଯ୍ୟାପ୍ତ କାରଣ ନ ଥାଇ ପାଳନ ନ କରନ୍ତି ଅଥବା ପାଳନ କରିବାକୁ ଅନିଚ୍ଛୁକ ହୁଅନ୍ତି, ତେବେ ସେହି ସୁରକ୍ଷା ଅଧିକାରୀଙ୍କୁ ଉଭୟ ଧରଣର କାରାବାସ ଭିତରୁ ଯେ କୌଣସି ଧରଣର କାରାବାସ ସର୍ବାଧିକ ଏକ ବର୍ଷ, କିମ୍ବା ଜୋରିମାନା ଯାହାକି ସର୍ବାଧିକ କୋଡ଼ିଏ ହଜାର ଟଙ୍କା କିମ୍ବା ଉଭୟ ପ୍ରକାର ଦଣ୍ଡ ଭୋଗିବାକୁ ପଡ଼ିପାରେ ।

**୩୪। ସୁରକ୍ଷା ଅଧିକାରୀଙ୍କ ଅପରାଧର ସଂଜ୍ଞାନ –**

ଗୋଟିଏ ଅଭିଯୋଗ ରାଜ୍ୟ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ସଂପୃକ୍ତ ଉଦ୍ଦେଶ୍ୟରେ କ୍ଷମତାପ୍ରାପ୍ତ ହୋଇଥିବା ଅଧିକାରୀଙ୍କ ପ୍ରାକ୍-ମଞ୍ଜୁରୀ ବିନା ଯଦି ଦାଖଲ ହୋଇଥିବ, ତେବେ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଅଭିଯୋଜନ କିମ୍ବା ଅନ୍ୟ କୌଣସି ଆଇନ୍‌ଗତ କାର୍ଯ୍ୟବିଧି ଆରମ୍ଭ କରାଯାଇପାରିବ ନାହିଁ ।

**୩୫। ସଦବିଶ୍ୱାସ ସହିତ କୃତ କାର୍ଯ୍ୟକୁ ସୁରକ୍ଷା ପ୍ରଦାନ–**

ଏହି ଆଇନ, କିମ୍ବା ଏହା ଅଧୀନରେ ଜାରି ହୋଇଥିବା କୌଣସି ନିୟମ ବା ଆଦେଶର ଅନୁପାଳନାର୍ଥେ ଯଦି ସୁରକ୍ଷା ଅଧିକାରୀ ସଦବିଶ୍ୱାସ ସହିତ ଏପରି କୌଣସି କାର୍ଯ୍ୟ କରିଥାନ୍ତି ବା କରିବାକୁ ଚାହିଁଥାନ୍ତି, ଯଦ୍ୱାରା କିଛି ଲୋକସାନ ଘଟିଛି ବା ଘଟିବାର ସମ୍ଭାବନା ରହିଛି, ତେବେ ତାଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିଯୋଜନ କିମ୍ବା ଅନ୍ୟାନ୍ୟ କାର୍ଯ୍ୟବିଧି ଆରମ୍ଭ ହୋଇପାରିବ ନାହିଁ ।

**୩୬। ଅନ୍ୟ କୌଣସି ଆଇନ୍‌ର ଗୁରୁତ୍ୱହାନି ନ କରୁଥିବା ଆଇନ୍ –**

ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଥିବା ପ୍ରାବ୍‌ଧାନଗୁଡ଼ିକର ଗୁରୁତ୍ୱହାନି ପାଇଁ ଏହି ଆଇନ୍‌ର ପ୍ରାବଧାନଗୁଡ଼ିକ ଉଦ୍ଦିଷ୍ଟ ନୁହେଁ, ବରଂ ସେଗୁଡ଼ିକ ବଜାୟ ରହିବା ସହିତ ଏହି ଆଇନ୍ ପ୍ରଯୁଜ୍ୟ ରହିବ ।

**୩୭। ନିୟମାବଳୀ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା–**

(୧) ଏହି ଆଇନ୍‌ର ପ୍ରାବଧାନଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ନିୟମାବଳୀ ଜାରି କରିପାରନ୍ତି ।

(୨) ବିଶେଷ କରି ଏବଂ ଉପରବର୍ଣ୍ଣିତ କ୍ଷମତାର ସାର୍ବିକତାକୁ କ୍ଷୁର୍ଣ୍ଣ ନ କରି, ଏତାଦୃଶ ନିୟମାବଳୀ ନିମ୍ନୋକ୍ତ ସମସ୍ତ କିମ୍ବା ତନ୍ମଧ୍ୟରୁ କେତେକ ବ୍ୟାପାର ସମ୍ବନ୍ଧରେ ପ୍ରାବ୍‌ଧାନମାନ ପ୍ରଣୟନ କରିପାରନ୍ତି :

(ଏ) ଧାରା ୮ ଅନ୍ତର୍ଗତ ଉପଧାରା (୨) ଅଧୀନରେ ସେହିସବୁ ଯୋଗ୍ୟତା ଓ ଅଭିଜ୍ଞତା, ଯାହାକି ଜଣେ ସୁରକ୍ଷା ଅଧିକାରୀଙ୍କର ରହିବ;

(ବି) ଧାରା ୮ ଅନ୍ତର୍ଗତ ଉପଧାରା (୩) ଅଧନୀରେ ସୁରକ୍ଷା ଅଧିକାରୀ ଏବଂ ତାଙ୍କର ଅଧସ୍ତନ ଅଧିକାରୀଙ୍କ ଚାକିରୀ ସର୍ତ୍ତାବଳୀ;

(ସି) ଧାରା ୯ ଅନ୍ତର୍ଗତ ଉପଧାରା (୧)ର ଅଣ-ଉପଧାରା (ବି)ଅଧୀନସ୍ଥ ଘରୋଇ ଘଟଣା ବିବରଣ କେଉଁ ଫର୍ମ ଏବଂ ପ୍ରଣାଳୀରେ ପେଶ କରାଯିବ;

(ଡି) ଧାରା ୯ ଅନ୍ତର୍ଗତ ଉପଧାରା (୧)ର ଅଣ-ଉପଧାରା (ସି) ଅନୁଯାୟୀ ସୁରକ୍ଷା ଆଦେଶ ନିମନ୍ତେ ମାଜିଷ୍ଟ୍ରେଟ୍‌ଙ୍କୁ କେଉଁ ଫର୍ମ ଏବଂ ପ୍ରଣାଳୀରେ ଆବେଦନ କରାଯିବ;

(ଇ) ଧାର ୯ ଅନ୍ତର୍ଗତ ଉପଧାରା (୧)ର ଅଣ-ଉପଧାରା (ଡି) ଅଧୀନରେ ଅଭିଯୋଗ କରିବା ଫର୍ମ;

(ଏଫ୍) ଧାରା ୯ ଅନ୍ତର୍ଗତ ଉପଧାରା ୧ର ଅଣ-ଉପଧାରା (୧) ଅଧୀନରେ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଅନ୍ୟ ଯେଉଁସବୁ କର୍ତ୍ତବ୍ୟ ସମ୍ପାଦିତ ହେବାକୁ ଥିବ;

(ଜି) ଧାରା ୧୦ ଅନ୍ତର୍ଗତ ଉପଧାରା (୧) ଅଧୀନରେ ସେବା ପ୍ରବନ୍ଧକମାନଙ୍କ ପଞ୍ଜୀକରଣକୁ ନିୟନ୍ତ୍ରିତ କରିବାକୁ ଥିବା ନିୟମାବଳୀ;

(ଏଚ୍) ଧାରା ୧୨ ଅନ୍ତର୍ଗତ ଉପଧାରା (୧) ଅନୁଯାୟୀ ଏହି ଆଇନ୍ ଅଧୀନରେ ପ୍ରାପ୍ତ ହେବାକୁ ଥିବା ବିଭିନ୍ନ ଉପଶମ ପାଇଁ କେଉଁ ଫର୍ମରେ ଆବେଦନ କରାଯିବ, ଏବଂ ଉକ୍ତ ଧାରା ଅନ୍ତର୍ଗତ ଉପଧାରା (୩) ଅନୁଯାୟୀ ସେହି ଆବେଦନରେ କି କି ସବିଶେଷ ତଥ୍ୟ ସ୍ଥାନିତ ହେବ;

(ଆଇ) ଧାରା ୧୩ ଅନ୍ତର୍ଗତ ଉପଧାରା (୧) ଅଧୀନରେ ନୋଟିସ୍ ଜାରି କରିବାର ପ୍ରଣାଳୀ;

(ଜେ) ଧାରା ୧୩ ଅନ୍ତର୍ଗତ ଉପଧାରା (୨) ଅଧୀନରେ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ନୋଟିସ୍ ଜାରି ସମ୍ପର୍କରେ ଘୋଷଣାନାମାର ଫର୍ମ;

(କେ) ଧାରା ୧୪ ଅନ୍ତର୍ଗତ ଉପଧାରା (୧) ଅଧୀନରେ ପରାମର୍ଶ ପ୍ରଦାନ କ୍ଷେତ୍ରରେ ସେହିସବୁ ଯୋଗ୍ୟତା ଏବଂ ଅଭିଜ୍ଞତା, ଯେଉଁଗୁଡ଼ିକର ଅଧିକାରୀ ସେବା ପ୍ରବନ୍ଧକ ସଂସ୍ଥାର ସଦସ୍ୟମାନେ ହୋଇଥିବେ;

(ଏଲ୍) ଧାରା ୨୩ ଅନ୍ତର୍ଗତ ଉପଧାରା (୨) ଅଧୀନରେ ବ୍ୟଥିତ ବ୍ୟକ୍ତି ଯେଉଁ ଫର୍ମରେ ନିଜର ସପଥପାଠ (ଆଫିଡେଭିଟ୍) ଦାଖଲ କରିବେ;

(ଏମ୍) ଅନ୍ୟାନ୍ୟ ବିଷୟମାନ, ଯାହାକି ବିହିତ କରାଯିବା ଆବଶ୍ୟକ ପଡ଼ିବ ବା ବିହିତ କରାଯାଇପାରେ ।

(୩) ଏହି ଆଇନ୍ ଅଧୀନରେ ପ୍ରଣୀତ ପ୍ରତି ନିୟମକୁ ଏହାର ପ୍ରଣୟନ ପରେ ଯଥାଶୀଘ୍ର ସଂସଦର ପ୍ରତ୍ୟେକ ଗୃହରେ ଉପସ୍ଥାପନ କରାଯିବ, ଏବଂ ଏହା ସେତିକିବେଳେ ଉପସ୍ଥାପିତ ହେବ, ଯେବେ ସେହି ଗୃହ ମୋଟ ୩୦ ଦିନ ଧରି କାର୍ଯ୍ୟରତ ଥିବ, ଯଦିଓ ଏହି ମୋଟ ଦିବସ ସଂଖ୍ୟା ଗୋଟିଏ, ଦିଓଟି ବା ତତୋଧିକ ଲଗାତାର ଅଧିବେଶନରେ ବ୍ୟାପ୍ତ ହୋଇଥାଇପାରେ; ଏବଂ ଯଦି ଉପରୋକ୍ତ ମତେ ଅଧିବେଶନଗୁଡ଼ିକର ସମୟାନ୍ତେ ଏକ ଅଧିବେଶନର କାର୍ଯ୍ୟକାଳ ପୂରିବା ପୂର୍ବରୁ ଉଭୟ ଗୃହ ନିୟମରେ କିଛି ସଂଶୋଧନ ଆଣିବା ପାଇଁ ଏକମତ ହୁଅନ୍ତି, ଅଥବା ଉଭୟ ଗୃହ ଏକମତ ହୁଅନ୍ତି ଯେ ସଂପୃକ୍ତ ନିୟମଟି ଜାରି ହେବା ଉଚିତ୍ ନୁହେଁ, ତେବେ ନିୟମଟି ତଦନୁଯାୟୀ ଯଥାସ୍ଥିତି ସଂଶୋଧିତ ରୂପରେ ପ୍ରଭାବ ବହନ କରିବ ଅଥବା କୌଣସି ପ୍ରଭାବ ବହନ କରିବ ନାହିଁ; କିନ୍ତୁ ଏତାଦୃଶ ସଂଶୋଧନ ବା ପ୍ରତ୍ୟାଖ୍ୟାନ ଦ୍ୱାରା ସେହି ନିୟମ ଅଧୀନରେ ପୂର୍ବରୁ ସମ୍ପାଦିତ ହୋଇଥିବା କୌଣସି କାର୍ଯ୍ୟର ପ୍ରଯୁଜ୍ୟତା ବ୍ୟାହତ ହେବନାହିଁ ।

**ଭୀମାବତାର ଅଗ୍ରଓ୍ୱାଲ୍**
**ଭାରତ ସରକାରଙ୍କ ଅତିରିକ୍ତ ସଚ୍ଚୀବ**

# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ନିୟମାବଳୀ, ୨୦୦୬

**[ଭାରତର ଗେଜେଟ୍ ଭାଗ–୨, ଅନୁଭାଗ ୩ (୧) ତା ୧୭.୧୦.୨୦୦୬ରେ ପ୍ରକାଶିତ,**
**ଦ୍ରଷ୍ଟବ୍ୟ – ଜି.ଏସ୍.ଆର୍. ୬୪୪ (ଇ) ତା ୧୭.୧୦.୨୦୦୬]**

ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ (୨୦୦୫ର ୪୩) ଅନ୍ତର୍ଗତ ଧାରା ୩୭ ଦ୍ୱାରା ନ୍ୟସ୍ତ କ୍ଷମତାବଳୀର ପ୍ରୟୋଗାର୍ଥେ କେନ୍ଦ୍ର ସରକାର ନିମ୍ନଲିଖିତ ନିୟମାବଳୀ ଜାରି କରୁଛନ୍ତି, ଯଥା :

**୧। ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ –**

(୧) ଏହି ନିୟମାବଳୀକୁ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ନିୟମାବଳୀ, ୨୦୦୬ ବୋଲି କୁହାଯାଇପାରେ ।

(୨) ଏହି ନିୟମାବଳୀ ୨୦୦୬ ମସିହା ଅକ୍ଟୋବର ମାସ ୨୬ ତାରିଖରୁ ବଳବତ୍ତର ହେବ ।

**୨। ସଂଜ୍ଞା** – ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ କରୁ ନଥିଲେ, ଏହି ନିୟମାବଳୀରେ,

(ଏ) **'ଆଇନ୍'** କହିଲେ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ର ୪୩)କୁ ବୁଝାଏ;

(ବି) **'ଅଭିଯୋଗ'** ବୋଇଲେ ସୁରକ୍ଷା ଅଧିକାରୀଙ୍କ ନିକଟରେ ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ମୌଖିକ ବା ଲିଖିତ ଆକାରରେ ଦାଖଲ ହୋଇଥିବା ଅଭିଯୋଗ;

(ସି) **'ପରାମର୍ଶଦାତା'** କହିଲେ ସେବା ପ୍ରବନ୍ଧକ ସଂସ୍ଥାର ଜଣେ ସଦସ୍ୟ ଯେ କି ଧାରା ୧୪ ଅନ୍ତର୍ଗତ ଉପଧାରା ୧ ଅଧୀନରେ ପରାମର୍ଶ ପ୍ରଦାନ ପାଇଁ କ୍ଷମତାପ୍ରାପ୍ତ;

(ଡି) **'ଫର୍ମ'** କହିଲେ ଏହି ନିୟମାବଳୀ ସହିତ ସଂଶ୍ଳିଷ୍ଟ ହୋଇଥିବା କୌଣସି ଏକ ଫର୍ମ;

(ଇ) **'ଧାରା'** ବୋଇଲେ ଆଇନ୍‌ର କୌଣସି ଏକ ଧାରା;

(ଏଫ୍) ନିୟମାବଳୀରେ ବ୍ୟବହୃତ ହୋଇଥିବା ଏବଂ ସଂଜ୍ଞାୟିତ ହୋଇନଥିବା ଶବ୍ଦାବଳୀ ଏବଂ ଉକ୍ତିସମୂହ, ଯେଉଁଗୁଡ଼ିକ କି ଆଇନ୍‌ରେ ସଂଜ୍ଞାୟିତ ହୋଇଛି, ସେଗୁଡ଼ିକ ଯଥାକ୍ରମେ ସେହି ଅର୍ଥ ବହନ କରିବ, ଯାହାକି ଆଇନ୍‌ରେ ନ୍ୟସ୍ତ କରାଯାଇଛି ।

**୩। ସୁରକ୍ଷା ଅଧିକାରୀମାନଙ୍କ ଯୋଗ୍ୟତା ଏବଂ ଅଭିଜ୍ଞତା–**

(୧) ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସୁରକ୍ଷା ଅଧିକାରୀମାନେ ସରକାରୀ ବ୍ୟକ୍ତି ହୋଇପାରନ୍ତି ନତୁବା ବେସରକାରୀ ସଂଗଠନର ସଦସ୍ୟ ହୋଇପାରନ୍ତି, ପରନ୍ତୁ, ଏଥିପାଇଁ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(୨) ଆଇନ୍ ଅଧୀନରେ ସୁରକ୍ଷା ଅଧିକାରୀଭାବେ ନିଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ସାମାଜିକ କାର୍ଯ୍ୟକ୍ଷେତ୍ରରେ ଅନ୍ୟୂନ ୩ ବର୍ଷର ଅଭିଜ୍ଞତାର ଅଧିକାରୀ ହୋଇଥିବେ ।

(୩) ଜଣେ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟକାଳ ସର୍ବନିମ୍ନ ୩ ବର୍ଷ ହେବ ।

(୪) ଆଇନ୍ ଏବଂ ଏହି ନିୟମାବଳୀ ଅଧୀନରେ ନ୍ୟସ୍ତ କାର୍ଯ୍ୟାବଳୀର ସୁଦକ୍ଷ ସମ୍ପାଦନ ପାଇଁ ସୁରକ୍ଷା ଅଧିକାରୀଙ୍କୁ ରାଜ୍ୟ ସରକାର ଆବଶ୍ୟକୀୟ କାର୍ଯ୍ୟାଳୟ ସହାୟତା ଯୋଗାଇଦେବେ ।

**୪। ସୁରକ୍ଷା ଅଧିକାରୀଙ୍କୁ ସୂଚନା–**

(୧) କୌଣସି ବ୍ୟକ୍ତି, ଯେ କି ଯଥାର୍ଥ କାରଣମାନ ଯୋଗୁଁ ହୃଦ୍‌ବୋଧ କରନ୍ତି ଯେ, ଘରୋଇ ହିଂସାର ଏକ ଘଟଣା ଘଟି ଯାଇଛି, ଘଟୁଛି ବା ଘଟିବାର ସମ୍ଭାବନା ଅଛି, ସେ ସଂପୃକ୍ତ ଅଞ୍ଚଳ ଉପରେ କ୍ଷେତ୍ରାଧିକାର ଥିବା ସୁରକ୍ଷା ଅଧିକାରୀଙ୍କୁ ଏ ବିଷୟରେ ମୌଖିକ ବା ଲିଖିତ ଭାବେ ସୂଚନା ଦେଇପାରିବେ ।

(୨) ଯଦି ଉପଧାରା (୧) ଅଧୀନରେ ସୁରକ୍ଷା ଅଧିକାରୀଙ୍କୁ ମୌଖିକ ସୂଚନା ଦିଆଯାଇଛି, ତେବେ ସେ ତାହାକୁ ଲିଖିତ ରୂପ ଦେବାର ବ୍ୟବସ୍ଥା କରିବେ ତଥା ଏହା ସୁନିଶ୍ଚିତ କରିବେ ଯେ, ସୂଚନା–ଦାତା ସେହି ଲେଖାକୁ ଯେପରି ସ୍ୱାକ୍ଷର କରନ୍ତି, ଏବଂ ଯଦି ସୂଚନା–ଦାତା ଲିଖିତ ସୂଚନା ଦେବା ଅବସ୍ଥାରେ ନ ଥାନ୍ତି, ତେବେ ସୁରକ୍ଷା ଅଧିକାରୀ ସୂଚନା–ଦାତାଙ୍କ ପରିଚୟରେ ନିଜେ ସନ୍ତୁଷ୍ଟ ହେବା ସହିତ ଏହାର ଏକ ରେକର୍ଡ ପ୍ରସ୍ତୁତ କରି ରଖିବେ ।

(୩) ସୁରକ୍ଷା ଅଧିକାରୀ ନିଜେ ପ୍ରସ୍ତୁତ କରିଥିବା ଲିଖିତ ବିବରଣର ଏକ ନକଲ ବିନା ମୂଲ୍ୟରେ ଅବିଳମ୍ୱେ ସୂଚନା–ଦାତାଙ୍କୁ ପ୍ରଦାନ କରିବେ ।

**୫। ଘରୋଇ ଘଟଣାର ବିବରଣୀ :**

(୧) ଘରୋଇ ହିଂସା ସମ୍ପର୍କିତ ଏକ ଅଭିଯୋଗ ପାଇଲା ପରେ ସୁରକ୍ଷା ଅଧିକାରୀ ଫର୍ମ–୧ରେ ଗୋଟିଏ ଘରୋଇ ଘଟଣା ବିବରଣୀ ପ୍ରସ୍ତୁତ କରିବେ ଏବଂ ତାହାକୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିବେ ଏବଂ ଏହାର ନକଲକୁ ସେହି ପୋଲିସ୍ ଥାନାର ଭାରପ୍ରାପ୍ତ ପୋଲିସ୍ ଅଧିକାରୀଙ୍କ ନିକଟକୁ ଅଭିପ୍ରେରଣ କରିବେ, ଯାହାଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳରେ ଆରୋପିତ ଘରୋଇ ହିଂସାର ଘଟଣା ଘଟିଅଛି, ତଥା ଆଉ ଏକ ନକଲକୁ ସେହି ଅଞ୍ଚଳର ସେବା ପ୍ରବନ୍ଧକମାନଙ୍କ ନିକଟକୁ ଅଭିପ୍ରେରଣ କରିବେ ।

(୨) କୌଣସି ଜଣେ ବ୍ୟଥିତ ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ଜଣେ ସେବା ପ୍ରବନ୍ଧକ ଫର୍ମ–୧ରେ ଘରୋଇ ଘଟଣାର ବିବରଣୀ ରେକର୍ଡ କରିପାରନ୍ତି ଏବଂ ତହିଁର ଏକକିତା ନକଲକୁ ସେହି ମାଜିଷ୍ଟ୍ରେଟ୍ ଏବଂ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଅଭିପ୍ରେରଣ କରିପାରନ୍ତି, ଯାହାଙ୍କ କ୍ଷେତ୍ରାଧିକାର ଥିବା ଅଞ୍ଚଳ ଭିତରେ ଘରୋଇ ହିଂସା ଘଟିଥିବାର ଅଭିଯୋଗ ହୋଇଛି ।

**୬। ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ :**

(୧) ଧାରା ୧୨ ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କର ପ୍ରତ୍ୟେକ ଆବେଦନ ଫର୍ମ–୨ରେ ସ୍ଥାନିତ ହେବ ନତୁବା ଯଥାସମ୍ଭବ ଅନୁରୂପ ହେବ ।

(୨) ଉପନିୟମ (୧) ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କ ଆବେଦନ ପ୍ରସ୍ତୁତ କରିବା ତଥା ତାକୁ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା ବ୍ୟାପାରରେ ସେ (ବ୍ୟଥିତ ବ୍ୟକ୍ତି) ସୁରକ୍ଷା ଅଧିକାରୀଙ୍କ ସହାୟତା ଲୋଡ଼ି ପାରନ୍ତି ।

(୩) ଯଦି ବ୍ୟଥିତ ବ୍ୟକ୍ତି ନିରକ୍ଷର ହୋଇଥାନ୍ତି, ତେବେ ସୁରକ୍ଷା ଅଧିକାରୀ ଆବେଦନଟିକୁ ତାଙ୍କ ଆଗରେ ପାଠ କରିବେ ତଥା ଏହାର ବିଷୟବସ୍ତୁକୁ ବୁଝାଇ ଦେବେ ।

(୪) ଧାରା ୨୩ର ଉପଧାରା (୨) ଅନୁଯାୟୀ ଶପଥପାଠ (ଆଫିଡେଭିଟ୍)କୁ ଫର୍ମ–୩ରେ ସ୍ଥାନିତ କରାଯିବ ।

(୫) ଧାରା ୧୨ ଅଧୀନସ୍ଥ ଆବେଦନଗୁଡ଼ିକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨) ଅନ୍ତର୍ଗତ ଧାରା ୧୨୫ ଅନୁଯାୟୀ ବିଚାର କରାଯିବ ଏବଂ ଆଦେଶଗୁଡ଼ିକ କାର୍ଯ୍ୟକାରୀ ହେବ ।

**୭। ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକତରଫା ଆଦେଶ ହାସଲ ପାଇଁ ସତ୍ୟପାଠ (ଆଫିଡେଭିଟ୍) :**

ଧାରା ୨୩ ଅନ୍ତର୍ଗତ ଉପଧାରା (୨) ଅଧୀନରେ ଏକତରଫା ଆଦେଶ ପାଇବା କରାଯାଉଥିବା ପ୍ରତ୍ୟେକ ସତ୍ୟପାଠ (ଆଫିଡେଭିଟ୍) ଫର୍ମ–୩ ଦାଖଲ କରାଯିବ ।

୮। ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ଏବଂ କାର୍ଯ୍ୟାବଳୀ :

(୧) ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ହେବ :

(୧) ଯଦି ବ୍ୟଥିତ ବ୍ୟକ୍ତି ଚାହାଁନ୍ତି, ତେବେ ଆଇନ୍ ଅଧୀନରେ ଏକ ଅଭିଯୋଗ ପ୍ରସ୍ତୁତ କରିବାରେ ତାଙ୍କୁ ସାହାଯ୍ୟ କରିବା;

(୨) ଇଂରାଜୀ ବା ସ୍ଥାନୀୟ ଭାଷାରେ ପ୍ରସ୍ତୁତ ଫର୍ମ-୪ରେ ସୂଚୀତ ହୋଇଥିବା ମତେ ଆଇନ୍ ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କର ଥିବା ଅଧିକାର ସମ୍ବନ୍ଧରେ ତାଙ୍କୁ ଜଣାଇବା;

(୩) ଆଇନ୍‌ର ଧାରା ୧୨ ବା ଧାରା ୨୩ ଅଧୀନସ୍ଥ ଉପଧାରା (୨) ବା ଏହାର ଅନ୍ୟ କୌଣସି ପ୍ରାବଧାନ ବା ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ଏକ ଆବେଦନ ପ୍ରସ୍ତୁତ କରିବାରେ ସଂପୃକ୍ତ ବ୍ୟକ୍ତିଙ୍କୁ ସହାୟତା କରିବା;

(୪) ପରିସ୍ଥିତିରେ ନିହିତ ବିପଦଗୁଡ଼ିକର ଆକଳନ କଲାପରେ ତଥା ଧାରା ୧୨ ଅଧୀନରେ ଏକ ଆବେଦନ ଦାଖଲ ହେବା ପରେ, ବ୍ୟଥିତ ବ୍ୟକ୍ତିଙ୍କ ପ୍ରତି ପୁଣି ଯେପରି ଘରୋଇ ହିଂସା ନଘଟେ ସେଥିପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକ ସମେତ ଏକ 'ନିରାପତ୍ତା ଯୋଜନା ବ୍ୟଥିତ ବ୍ୟକ୍ତିଙ୍କ ସହ ପରାମର୍ଶ ଭିତ୍ତିରେ ଫର୍ମ-୫ରେ ପ୍ରସ୍ତୁତ କରିବା;

(୫) ରାଜ୍ୟ ଆଇନ୍ ସହାୟତା ସେବା କର୍ତ୍ତୃପକ୍ଷଙ୍କ ଜରିଆରେ ବ୍ୟଥିତ ବ୍ୟକ୍ତିଙ୍କୁ ଆଇନ୍ ସହାୟତା ଯୋଗାଇଦେବା;

(୬) ବ୍ୟଥିତ ବ୍ୟକ୍ତି ଏବଂ ତାଙ୍କର କୌଣସି ପିଲା ଏକ ଚିକିତ୍ସା କେନ୍ଦ୍ରରୁ ଯେପରି ଚିକିତ୍ସା ସୁବିଧା ପାଇପାରିବେ, ଯାତାୟତ ସମେତ ସେପ୍ରକାର ସହାୟତା ସେମାନଙ୍କୁ ଯୋଗାଇ ଦେବା;

(୭) ବ୍ୟଥିତ ବ୍ୟକ୍ତି ଏବଂ ତାଙ୍କର ପିଲା ଆଶ୍ରୟ ଗୃହରେ ପହଞ୍ଚିବା ପାଇଁ ପରିବହନ ବ୍ୟବସ୍ଥା କରିବା;

(୮) ଆଇନ୍ ଅଧୀନସ୍ଥ କାର୍ଯ୍ୟବିଧିଗୁଡ଼ିକରେ ଆଇନ୍ ଅନୁଯାୟୀ ପଞ୍ଜିକୃତ ସେବା ପ୍ରବନ୍ଧକମାନଙ୍କ ସେବା ଆବଶ୍ୟକ ପଡ଼ିପାରେ ବୋଲି ସେମାନଙ୍କୁ ସୂଚାଇ ଦେବା ତଥା କାର୍ଯ୍ୟବିଧି ପ୍ରକ୍ରିୟାରେ ଯେଉଁ ସେବା ପ୍ରବନ୍ଧକ ସଦସ୍ୟମାନଙ୍କୁ ଧାରା ୧୪ ଅନ୍ତର୍ଗତ ଉପଧାରା (୧) ଅନୁଯାୟୀ ପରାମର୍ଶଦାତା ରୂପେ ନିଯୁକ୍ତି ଦିଆଯିବା କଥା ଅଥବା ଧାରା ୧୫ ଅନୁଯାୟୀ କଲ୍ୟାଣ ବିଶେଷଜ୍ଞ ରୂପେ ନିଯୁକ୍ତି ଦିଆଯିବା କଥା, ସେମାନଙ୍କର ସବିଶେଷ ବିବରଣ ସହିତ ସେବା-ପ୍ରବନ୍ଧକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରିବା;

(୯) ପରାମର୍ଶଦାତା ପଦବୀରେ ନିଯୁକ୍ତ ହେବା ପାଇଁ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ଯାଞ୍ଚ କରିବା ଏବଂ ଉପଲବ୍ଧ ପରାମର୍ଶଦାତାମାନଙ୍କର ଏକ ତାଲିକାକୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା;

(୧୦) ନୂତନ ଦରଖାସ୍ତ ଆହ୍ୱାନ କରି ପ୍ରତି ୩ ବର୍ଷରେ ଥରେ ଉପଲବ୍ଧ ପରାମର୍ଶଦାତାମାନଙ୍କର ତାଲିକାକୁ ସଂଶୋଧନ କରିବା ତଥା ତଦନୁଯାୟୀ ସଂଶୋଧିତ ହୋଇଥିବା ତାଲିକାକୁ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା;

(୧୧) ଆଇନ୍‌ର ଧାରା ୯, ୧୨, ୨୦, ୨୧, ୨୨, ୨୩ କିମ୍ବା ଅନ୍ୟ କୌଣସି ପ୍ରାବଧାନ କିମ୍ବା ଏହି ନିୟମାବଳୀ ଅଧୀନରେ ଅଭିପ୍ରେରିତ ହୋଇଥିବା ବିବରଣୀ ଏବଂ ନଥିଗୁଡ଼ିକର ରେକର୍ଡ ଏବଂ ନକଲଗୁଡ଼ିକୁ ରକ୍ଷଣାବେକ୍ଷଣ କରିବା;

(୧୨) ଘରୋଇ ହିଂସା ଘଟଣା ସମ୍ବନ୍ଧରେ ରିପୋର୍ଟ ଦାଏର୍ କାରଣରୁ ବ୍ୟଥିତ ବ୍ୟକ୍ତି ଯେପରି ଉତ୍ପୀଡ଼ିତ ଏବଂ ଚାପର ବଶବର୍ତ୍ତୀ ନହୁଅନ୍ତି, ତାହାକୁ ସୁନିଶ୍ଚିତ କରିବା ପାଇଁ ବ୍ୟଥିତ ବ୍ୟକ୍ତି ଏବଂ ତାଙ୍କର ପିଲାମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା;

(୧୩) ଆଇନ୍ ଏବଂ ଏହି ନିୟମାବଳୀ ଅଧୀନରେ ସୂଚୀତ ହୋଇଥିବା ପଦ୍ଧତିରେ ବ୍ୟଥିତ ବ୍ୟକ୍ତି ବା ବ୍ୟକ୍ତିଗଣ, ପୋଲିସ୍ ଏବଂ ସେବା ପ୍ରବନ୍ଧକଙ୍କ ମଧ୍ୟରେ ଯୋଗସୂତ୍ର ରଖିବା;

(୧୪) ନିଜ କ୍ଷେତ୍ରାଧିକାର ଇଲାକା ଭିତରେ କାର୍ଯ୍ୟରତ ସେବା ପ୍ରବନ୍ଧକ, ଚିକିତ୍ସା ସଂସ୍ଥା ଏବଂ ଆଶ୍ରୟ ଗୃହମାନଙ୍କ ସମ୍ବନ୍ଧରେ ଯଥୋଚିତ ରେକର୍ଡର ରକ୍ଷଣାବେକ୍ଷଣ କରିବା ।

(୨) ଧାରା ୯ ଅନ୍ତର୍ଗତ ଉପଧାରା (୧)ର ଅଣ-ଉପଧାରା (ଏ) ରୁ (ଏଚ୍) ଅଧୀନରେ ପ୍ରତି ସୁରକ୍ଷା ଅଧିକାରୀଙ୍କ ଉପରେ ନ୍ୟସ୍ତ ଦାୟିତ୍ୱ ଏବଂ କାର୍ଯ୍ୟ ଛଡ଼ା ସେ ଆହୁରି କେତେକ ଅତିରିକ୍ତ ଦାୟିତ୍ୱ ସମ୍ପାଦନ କରିବେ, ଯଥା-

(ଏ) ଆଇନ୍ ଏବଂ ଏହି ନିୟମାବଳୀର ପ୍ରାବ୍ଧାନଗୁଡ଼ିକ ଅନୁସାରେ ବ୍ୟଥିତ ବ୍ୟକ୍ତିମାନଙ୍କୁ ଘରୋଇ ହିଂସା କବଳରୁ ସୁରକ୍ଷା ଦେବା;

(ବି) ବ୍ୟଥିତ ବ୍ୟକ୍ତିଙ୍କ ବିରୁଦ୍ଧରେ ଘରୋଇ ହିଂସା ଯେପରି ପୁନର୍ବାର ନଘଟେ, ସେଥିପାଇଁ ଆଇନ୍ ଏବଂ ଏହି ନିୟମାବଳୀର ପ୍ରାବ୍ଧାନଗୁଡ଼ିକ ଅନୁସାରେ ସମସ୍ତ ପ୍ରକାର ଯଥୋଚିତ ପଦକ୍ଷେପମାନ ନେବେ ।

**୯। ଆପଦକାଳୀନ ପରିସ୍ଥିତିରେ ନିଆଯିବାକୁ ଥିବା ପଦକ୍ଷେପ :**

ଯଦି ଜଣେ ସୁରକ୍ଷା ଅଧିକାରୀ ବା ସେବା ପ୍ରବନ୍ଧକ ଇ-ମେଲ୍ ବା ଟେଲିଫୋନ୍ ବା ତଦୃଶ କୌଣସି ମାଧ୍ୟମରେ ବ୍ୟଥିତ ବ୍ୟକ୍ତି କିମ୍ବା ଆଉ କେହି ବ୍ୟକ୍ତିଙ୍କ ଠାରୁ ଏକ ବିଶ୍ୱାସଯୋଗ୍ୟ ଖବର ପାଆନ୍ତି, ଏବଂ ଯଦି ସେହି ବ୍ୟକ୍ତି ଯଥାର୍ଥ କାରଣରୁ ବିଶ୍ୱାସ କରୁଥାନ୍ତି ଯେ, ଘରୋଇ ହିଂସାର ଗୋଟିଏ ଘଟଣା ଘଟୁଅଛି ବା ଘଟିବାକୁ ଯାଉଛି, ତେବେ ଏ ପ୍ରକାର ଆପଦକାଳୀନ ସ୍ଥିତିରେ ଯଥାସ୍ଥିତି ସୁରକ୍ଷା ଅଧିକାରୀ ବା ସେବା ପ୍ରବନ୍ଧକ ତୁରନ୍ତ ପୋଲିସ୍ ସହାୟତା ଲୋଡ଼ିବେ, ଏବଂ ସଂପୃକ୍ତ ପୋଲିସ୍ ଯଥାସ୍ଥିତି ସୁରକ୍ଷା ଅଧିକାରୀ ବା ସେବା ପ୍ରବନ୍ଧକଙ୍କ ସହିତ ଘଟଣାସ୍ଥଳକୁ ଯିବେ ତଥା ଯଥାସ୍ଥିତି ସୁରକ୍ଷା ଅଧିକାରୀ ବା ସେବା ପ୍ରବନ୍ଧକ ଘରୋଇ ଘଟଣା ବିବରଣକୁ ଲିପିବଦ୍ଧ କରିବେ ଏବଂ ଆଇନ୍ ଅଧୀନରେ ଯଥୋଚିତ ଆଦେଶ ପାଇବା ସକାଶେ ଅବିଳମ୍ବେ ତାହାକୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଉପସ୍ଥାପନ କରିବେ ।

**୧୦। ସୁରକ୍ଷା ଅଧିକାରୀଙ୍କ ଅନ୍ୟ କେତେକ ଦାୟିତ୍ୱାବଳୀ :**

(୧) ମାଜିଷ୍ଟ୍ରେଟ୍ ଯଦି ସୁରକ୍ଷା ଅଧିକାରୀଙ୍କୁ କୌଣସି କାର୍ଯ୍ୟ କରିବା ପାଇଁ ଲିଖିତ ନିର୍ଦ୍ଦେଶ ଦିଅନ୍ତି, ତେବେ ସୁରକ୍ଷା ଅଧିକାରୀ ନିମ୍ନମତେ କାର୍ଯ୍ୟ କରିବେ -

(ଏ) ଯେଉଁ ସ୍ଥଳେ ଅଦାଲତ ଆଇନ୍ ଅନୁଯାୟୀ ବ୍ୟଥିତ ବ୍ୟକ୍ତିଙ୍କ ସ୍ୱାର୍ଥରେ ଏକ ଏକତରଫା ଅନ୍ତର୍ବର୍ତ୍ତୀ ଉପଶମ ଜାରି କରିବା ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଚାହିଁଥିବେ ଏବଂ ସଂପୃକ୍ତ ଗୃହକୁ ପରିଦର୍ଶନ କରିବା ପାଇଁ ଆଦେଶ ଜାରି କରିଥିବେ, ସେପରି ସ୍ଥଳେ ସହଭୁକ୍ତ ଗୃହ ପରିସରକୁ ପରିଦର୍ଶନ କରିବା ତଥା ଏକ ପ୍ରାଥମିକ ଅନୁସନ୍ଧାନ କରିବା;

(ବି) ଯଥୋଚିତ ଅନୁସନ୍ଧାନ କଳାପରେ ପାରିଶ୍ରମିକ-ଜନିତ ପ୍ରାପ୍ୟସମୂହ, ସମ୍ପତ୍ତି, ବ୍ୟାଙ୍କ ଆକାଉଣ୍ଟ୍ ଅଥବା ଅନ୍ୟ କୌଣସି ଦଲିଲ୍ ସମ୍ବନ୍ଧରେ ଏକ ବିବରଣୀ ଦାଖଲ କରିବା, ଯାହାକି ଅଦାଲତଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବ;

(ସି) ଉପହାର ଓ ଗହଣା ସାମଗ୍ରୀ ସମେତ ବ୍ୟଥିତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜିନିଷପତ୍ର ଏବଂ ସହଭୁକ୍ତ ଗୃହ ଉପରେ ଅଧିକାରକୁ ବ୍ୟଥିତ ବ୍ୟକ୍ତିଙ୍କୁ ଫେରସ୍ତ କରିବା;

(ଡି) ବ୍ୟଥିତ ବ୍ୟକ୍ତି ପିଲାମାନଙ୍କୁ ପୁଣି ନିଜ ହେପାଜତ୍ ଅଧୀନକୁ ଫେରାଇ ଆଣିବା ଏବଂ ତାଙ୍କ (ସୁରକ୍ଷା ଅଧିକାରୀଙ୍କ) ପରିବେକ୍ଷଣ ଅଧୀନରେ ପିଲାମାନଙ୍କୁ ଦେଖାସାକ୍ଷାତ କରିବାର ଅଧିକାର ହାସଲ କରିବା ସଂକ୍ରାନ୍ତରେ ବ୍ୟଥିତ ବ୍ୟକ୍ତିଙ୍କୁ ସେହି ପ୍ରକାରେ ସହାୟତା କରିବା, ଯେପରି ଅଦାଲତ ନିର୍ଦ୍ଦେଶ ଦେଇଥିବେ;

(ଇ) ଧାରା ୧୨, ଧାରା ୧୮, ଧାରା ୧୯, ଧାରା ୨୦, ଧାରା ୨୧ କିମ୍ବା ଧାରା ୨୩ ଅଧୀନସ୍ଥ ଆଦେଶଗୁଡ଼ିକୁ ଅଦାଲତଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବା ପଦ୍ଧତିରେ କାର୍ଯ୍ୟକାରୀ କରିବା ସହିତ ଆଇନ୍ ଅଧୀନରେ ଅଦାଲତର କାର୍ଯ୍ୟବିଧି ଭିତରେ ଜାରି ହୋଇଥିବା ଆଦେଶଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଅଦାଲତଙ୍କୁ ସେହି ପଦ୍ଧତିରେ ସହାୟତା କରିବା ଯାହାକି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବ;

(ଏଫ୍) ଅଭିଯୋଗ ହୋଇଥିବା ଘରୋଇ ହିଂସା ଘଟଣାରେ ଯଦି କୌଣସି ଅସ୍ତ୍ରଶସ୍ତ୍ର ବ୍ୟବହାର ହୋଇଥାଏ, ତେବେ ତାକୁ ଜବତ କରିବା ପାଇଁ ଆବଶ୍ୟକ ପଡ଼ିଲେ ପୋଲିସ୍‌ର ସହାୟତା ନେବା ।

(୨) ସୁରକ୍ଷା ଅଧିକାରୀ ଅନ୍ୟ ସେହିସବୁ ଦାୟିତ୍ୱ ସମ୍ପାଦନ କରିବେ, ଯାହାକି ଆଇନ୍ ତଥା ଏହି ନିୟମାବଳୀର ପ୍ରାବଧାନଗୁଡ଼ିକୁ ବାସ୍ତବ ରୂପ ଦେବାପାଇଁ ରାଜ୍ୟସରକାର ଓ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ସମୟାନ୍ତରରେ ତାଙ୍କ ଉପରେ ନ୍ୟସ୍ତ କରାଯାଇପାରେ ।

(୩) ନିର୍ଦ୍ଦିଷ୍ଟ ମାମଲାଗୁଡ଼ିକ ପରିପ୍ରେକ୍ଷିରେ ଯଥୋଚିତ ଉପଶମ ପାଇଁ ମାଜିଷ୍ଟ୍ରେଟ୍ ଜାରି କରୁଥିବା ଆଦେଶାବଳୀ ବ୍ୟତିରେକ ସେ ମଧ୍ୟ ମାମଲାଗୁଡ଼ିକର ଅଧିକ ଫଳପ୍ରଦ ପରିଚାଳନା ଦୃଷ୍ଟିରୁ ସାଧାରଣ ଆଚରଣବିଧି ସଂକ୍ରାନ୍ତରେ ତାଙ୍କ କ୍ଷେତ୍ରାଧିକାର ଇଲାକା ଭିତରେ କାର୍ଯ୍ୟରତ ସୁରକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶନାମା ଦେଇପାରନ୍ତି, ଏବଂ ସୁରକ୍ଷା ଅଧିକାରୀମାନେ ସେସବୁକୁ ମାନିବା ପାଇଁ ବାଧ୍ୟ ରହିବେ ।

**୧୧। ସେବା ପ୍ରବନ୍ଧକମାନଙ୍କ ପଞ୍ଜିକରଣ –**

(୧) ସମିତି ପଞ୍ଜିକରଣ ଆଇନ୍, ୧୮୬୦ (୧୮୬୦ର ୨୧) ଅଧୀନରେ ପଞ୍ଜିକୃତ ହୋଇଥିବା କୌଣସି ସ୍ୱେଚ୍ଛାସେବୀ ସଂସ୍ଥା କିମ୍ବା କମ୍ପାନୀ ଆଇନ୍, ୧୯୫୬ (୧୯୫୬ର ୧) ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଧୀନରେ ପଞ୍ଜିକୃତ ହୋଇଥିବା କୌଣସି କମ୍ପାନୀ, ଯେଉଁମାନେ କି ଆଇନ୍, ଚିକିତ୍ସା, ଆର୍ଥିକ ବା ଅନ୍ୟ ପ୍ରକାର ସହାୟତା ପ୍ରଦାନ ସମେତ ଯେ କୌଣସି ଆଇନ୍ ସଙ୍ଗତ ଉପାୟରେ ମହିଳାମାନଙ୍କ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ନିଜର ଲକ୍ଷ୍ୟ ରଖିଥିବେ ଏବଂ ଆଇନ୍ ଅଧୀନରେ ଗୋଟିଏ ସେବା ପ୍ରବନ୍ଧକ ରୂପେ ସେବା ଯୋଗାଣ ପାଇଁ ଇଚ୍ଛୁକ ଥିବେ, ସେମାନେ ଧାରା ୧୦ର ଉପଧାରା (୧) ଅଧୀନରେ ନିଜକୁ ସେବା ପ୍ରବନ୍ଧକ ରୂପେ ପଞ୍ଜିକରଣ କରିବା ପାଇଁ ଫର୍ମ–୬ରେ ରାଜ୍ୟ ସରକାରଙ୍କ ନିକଟକୁ ଆବେଦନ କରିବେ ;

(୨) ରାଜ୍ୟ ସରକାର ନିଜେ ଆବଶ୍ୟକ ମନେ କରୁଥିବା ଅନୁସନ୍ଧାନ କରିସାରିଲା ପରେ ତଥା ଆବେଦକଙ୍କ ଯୋଗ୍ୟତା ସମ୍ବନ୍ଧରେ ନିଜେ ସନ୍ତୁଷ୍ଟ ହେଲାପରେ ତାଙ୍କୁ ଗୋଟିଏ ସେବା ପ୍ରବନ୍ଧକ ରୂପେ ପଞ୍ଜିକରଣ କରିବେ ତଥା ଏହି ପଞ୍ଜିକରଣର ଏକ ସାର୍ଟିଫିକେଟ୍ ପ୍ରଦାନ କରିବେ ;

ପରନ୍ତୁ ଆବେଦକଙ୍କୁ ତାଙ୍କ ବୟାନ୍ ଶୁଣେଇବାର ସୁଯୋଗ ନଦେଇ ଏତାଦୃଶ କୌଣସି ଆବେଦନକୁ ଖାରଜ କରାଯିବ ନାହିଁ ;

(୩) ଧାରା ୧୦ର ଉପଧାରା (୧) ଅଧୀନରେ ପଞ୍ଜିକୃତ ହେବାକୁ ଚାହୁଁଥିବା ପ୍ରତି ସଂସ୍ଥା ବା କମ୍ପାନୀ ନିମ୍ନମତେ ଯୋଗ୍ୟତାର ମାନଦଣ୍ଡସମୂହକୁ ପୂରଣ କରୁଥିବେ, ଯଥା :

(ଏ) ଆଇନ୍ ଏବଂ ଏହି ନିୟମାବଳୀ ଅଧୀନରେ ଗୋଟିଏ ସେବା ପ୍ରବନ୍ଧକ ଭାବେ ପଞ୍ଜିକରଣ ପାଇଁ ଆବେଦନ କରିବା ତାରିଖର ଅନ୍ୟୂନ ୩ ବର୍ଷ ପୂର୍ବରୁ ଏହା ସେହି ପ୍ରକାର ସେବା ପ୍ରଦାନ କରି ଆସୁଥିବେ, ଯାହାକି ଆଇନ୍ ଅଧୀନରେ କରିବା ବିଧେୟ;

(ବି) ଯଦି ଲକ୍ଷ୍ୟ କରାଯାଏ ଯେ, ପଞ୍ଜିକରଣ ପାଇଁ ଆବେଦନ କରିଥିବା ଏକ ସଂସ୍ଥା ଗୋଟିଏ ଚିକିତ୍ସା କେନ୍ଦ୍ର ବା ମନସ୍ତାତ୍ତ୍ୱିକ ପରାମର୍ଶ କେନ୍ଦ୍ର ବା ଗୋଟିଏ ବୈଷୟିକ ତାଲିମ୍ କେନ୍ଦ୍ର ଚଳାଉଛି, ତେବେ ରାଜ୍ୟ ସରକାର ଏହାକୁ ସୁନିଶ୍ଚିତ କରିବେ ଯେ, ଏତାଦୃଶ ଏକ ସହାୟତା କେନ୍ଦ୍ର ବା ଅନୁଷ୍ଠାନକୁ ପରିଚାଳନା କରିବା ବ୍ୟାପାରରେ ସଂପୃକ୍ତ ବୃତ୍ତି ବା ଅନୁଷ୍ଠାନଗୁଡ଼ିକୁ ଯଥାମତେ ନିୟନ୍ତ୍ରଣ କରୁଥିବା ନିୟନ୍ତ୍ରକ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଯେଉଁ ସବୁ ପ୍ରୟୋଜନଗୁଡ଼ିକ ନିର୍ଦ୍ଧାରିତ ହୋଇଛି, ସେଗୁଡ଼ିକୁ ସେହି ସଂସ୍ଥା ଯେପରି ପୂରଣ କରିପାରେ ;

(ସି) ଯଦି ଗୋଟିଏ ଆବେଦକ ସଂସ୍ଥା ଆଶ୍ରୟ ଗୃହ ପରିଚାଳନା କରୁଥାଏ, ତେବେ ରାଜ୍ୟ ସରକାର ତାଙ୍କର ଜଣେ ପ୍ରାଧିକୃତ ଅଧିକାରୀ ବା କର୍ତ୍ତୃପକ୍ଷ ବା ସଂଗଠନ ମାଧ୍ୟମରେ ଏହି ଆଶ୍ରୟ ଗୃହକୁ ପରିବେକ୍ଷଣ କରିବେ, ଏକ ବିବରଣୀ ପ୍ରସ୍ତୁତ କରିବେ ଏବଂ ନିମ୍ନ ବ୍ୟାପାରଗୁଡ଼ିକ ସମ୍ବନ୍ଧରେ ବିଶଦ୍ ତଥ୍ୟାବଳୀ ସହ ସେହି ବିବରଣୀ ଉପରେ ନିଜର ଅନୁଧ୍ୟାନ ଲିପିବଦ୍ଧ କରିବେ–

(୧) ସର୍ବାଧିକ କେତେ ସଂଖ୍ୟକ ଆଶ୍ରୟ ଆଶାୟୀ ବ୍ୟକ୍ତିଙ୍କୁ ଆଶ୍ରୟ ଗୃହରେ ସ୍ଥାନ ଦିଆଯାଇ ପାରିବ;

(୨) ମହିଳାମାନଙ୍କ ପାଇଁ ଏକ ଆଶ୍ରୟ ଗୃହ ପରିଚାଳନା କରିବା ଦୃଷ୍ଟିରୁ ସ୍ଥାନଟି ସୁରକ୍ଷିତ, ଏବଂ ଆଶ୍ରୟ ଗୃହରେ ପର୍ଯ୍ୟାପ୍ତ ନିରାପତ୍ତା ବ୍ୟବସ୍ଥାକୁ ଆବଶ୍ୟକପଡ଼ିଲେ ସ୍ଥାନିତ କରାଯାଇ ପାରୁଥିବ;

(୩) ଆଶ୍ରୟ ଗୃହରେ ଅନ୍ତେବାସୀମାନଙ୍କ ବ୍ୟବହାର–ଉପଯୋଗୀ ଟେଲିଫୋନ୍ ସଂଯୋଗ ଅବା ଅନ୍ୟ କିଛି ଯୋଗାଯୋଗ ମାଧ୍ୟମ ପୂର୍ବରୁ ରହି ଆସିଥିବାର ପ୍ରମାଣ ଥିବ ।

(୪) ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଥିବା ସେବା ପ୍ରବନ୍ଧକମାନଙ୍କର ଏକ ତାଲିକା ସଂପୃକ୍ତ ସୁରକ୍ଷା ଅଧିକାରୀମାନଙ୍କୁ ଯୋଗାଇଦେବେ ତଥା ସମ୍ବାଦପତ୍ରମାନଙ୍କରେ ବା ନିଜ ୱେବ୍‌ସାଇଟ୍‌ରେ ପ୍ରକାଶନ କରିବେ ।

(୫) ସୁରକ୍ଷା ଅଧିକାରୀ ସେବା ପ୍ରବନ୍ଧକମାନଙ୍କ ସମ୍ବନ୍ଧରେ ସବିଶେଷ ବିବରଣ ବହନ କରୁଥିବା ରେଜିଷ୍ଟର୍‌ଗୁଡ଼ିକୁ ଯଥାର୍ଥ ଢଙ୍ଗରେ ସୂଚ୍ୟାଙ୍କିତ କରି ସାଇତି ରଖିବା ମାଧ୍ୟମରେ ସଂପୃକ୍ତ ରେକର୍ଡଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବେ ।

**୧୨। ନୋଟିସ୍ ପ୍ରେରଣ ପ୍ରଣାଳୀ**

(୧) ଆଇନ୍ ଅଧୀନସ୍ଥ ଏକ କାର୍ଯ୍ୟବିଧିରେ ଉପସ୍ଥିତି ପାଇଁ ଯେଉଁ ନୋଟିସ୍ ପଠାହେବ, ସେଥିରେ ସୂଚୀତ ହୋଇଥିବ ଘରୋଇ ହିଂସା ଘଟାଇଥିବା ଅଭିଯୁକ୍ତ(ମାନ)ଙ୍କ ନାମ, କି ଧରଣର ଘରୋଇ ହିଂସା ତଥା ଅନ୍ୟାନ୍ୟ ସେହିସବୁ ତଥ୍ୟ, ଯାହାକି ସଂପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନ କରିବାରେ ସହାୟକ ହେବ ।

(୨) ନୋଟିସ୍ ପ୍ରେରଣ ନିମ୍ନୋକ୍ତ ପ୍ରଣାଳୀରେ କରାଯିବ :

(ଏ) ଆଇନ୍ ଅଧୀନସ୍ଥ ଏକ କାର୍ଯ୍ୟବିଧି ସମ୍ବନ୍ଧରେ ଯେଉଁସବୁ ନୋଟିସ୍‌ଗୁଡ଼ିକ ପଠାହେବ, ସେଗୁଡ଼ିକ ସୁରକ୍ଷା ଅଧିକାରୀ ବା ତାଙ୍କ ତରଫରୁ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ପଠାଯିବ, ଏବଂ ସେହି ଠିକଣାରେ ପଠାଯିବ, ଯେଉଁଠାରେ ପ୍ରତିବାଦୀ ସାଧାରଣତଃ ବାସ କରୁଛନ୍ତି ବା ଯେଉଁଠାରେ ପ୍ରତିବାଦୀ ସବୈତନିକ ଭାବେ ନିଯୁକ୍ତ ଅଛନ୍ତି ବୋଲି ଯଥାସ୍ଥିତି ଅଭିଯୋକ୍ତା ବା ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ସୂଚୀତ ହୋଇଥିବ ।

(ବି) ସେହି ସମୟରେ ସଂପୃକ୍ତ ସ୍ଥାନର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ନୋଟିସ୍ ହସ୍ତାନ୍ତର କରାଯିବ ଏବଂ ଯଦି କୌଣସି କାରଣରୁ ଏପରି ହସ୍ତାନ୍ତର ସମ୍ଭବ ନୁହେଁ, ତେବେ ସେହି ସ୍ଥାନର ପରିସର ଭିତରେ ଏକ ସୁଦୃଶ୍ୟ ସ୍ଥଳରେ ଏହି ନୋଟିସ୍‌କୁ ଲଗାଇ ଦିଆଯିବ ।

(ସି) ଆଇନ୍‌ର ଧାରା ୧୩ ବା ଅନ୍ୟ କୌଣସି ପ୍ରାବଧାନ ଅଧୀନରେ ନୋଟିସ୍ ପ୍ରେରଣ କରିବା ପାଇଁ ଦେୱାନୀ କାର୍ଯ୍ୟବିଧି ସଂହିତା, ୧୯୦୮ (୧୯୦୮ର ୫) ଅଧୀନସ୍ଥ ଆଦେଶ–୫ ଅଥବା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨) ଅଧୀନସ୍ଥ ଅଧ୍ୟାୟ–୬ର ପ୍ରାବଧାନଗୁଡ଼ିକୁ ଯଥାସମ୍ଭବ ଅନୁସରଣ କରାଯିବ ।

(ଡି) ଆଇନ୍‌ର ଧାରା ୧୩ ବା ଅନ୍ୟ କୌଣସି ପ୍ରାବଧାନ ଅଧିନରେ ଏକ ନୋଟିସ୍ ପ୍ରେରଣର ଆଦେଶ ପରିପ୍ରେକ୍ଷିରେ ଯେଉଁ ପଦ୍ଧତି ଫଳପ୍ରଦ ହେବ ବୋଲି ଅନୁଭୂତ ହେବ, ତାକୁ ସାପେକ୍ଷ କରି ସେହିସବୁ ଗୋଟିଏ ଆଦେଶର ସେହିସବୁ ପରିଣାମ ଘଟିପାରେ, ଯାହାକି ଯଥାକ୍ରମେ ଦେୱାନି କାର୍ଯ୍ୟବିଧି ସଂହିତା, ୧୯୦୮ (୧୯୦୮ର ୫) ଅଧୀନସ୍ଥ ଆଦେଶ–୫ ଅଥବା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨) ଅଧୀନସ୍ଥ ଅଧ୍ୟାୟ–୬ ବଳରେ

ଜାରି ହୋଇଥିବା ଆଦେଶ କ୍ଷେତ୍ରରେ ପ୍ରଯୁଜ୍ୟ, ଏବଂ ଆଦେଶ-୫ ବା ଅଧ୍ୟାୟ-୬ ଅଧୀନରେ ବିହିତ ହୋଇଥିବା ପ୍ରକ୍ରିୟାକୁ ଛାଡ଼ି ଅଦାଲତ ଆଇନ୍‌ରେ ସୂଚୀତ ସମୟ-ସୀମାର ଅନୁପାଳନ ସ୍ୱାର୍ଥରେ କାର୍ଯ୍ୟବିଧିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ମନେ କରୁଥିବା ଅନ୍ୟାନ୍ୟ ପଦକ୍ଷେପମାନ ନେବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି।

(୩) ପ୍ରତିବାଦୀଙ୍କ ଉପସ୍ଥିତି ପାଇଁ ନିର୍ଦ୍ଧାରିତ ତାରିଖରେ ପ୍ରଦତ୍ତ ଏକ ବିବୃତ୍ତି ଅଥବା ଆଇନ୍ ଅଧୀନରେ ନୋଟିସ୍ ପ୍ରେରଣ ପାଇଁ ପ୍ରାଧିକୃତ ହୋଇଥିବା ବ୍ୟକ୍ତିଙ୍କ ବିବରଣୀରୁ ଯଦି ଏହା ନିଷ୍ପନ୍ନ ହୁଏ ଯେ ନୋଟିସ୍ ପ୍ରେରିତ ହୋଇସାରିଛି, ତେବେ ଅଭିଯୋକ୍ତା ବା ପ୍ରତିବାଦୀ ବା ଉଭୟଙ୍କୁ ଶୁଣାଣି କଲା ପରେ ଅଦାଲତ ଅନ୍ତର୍ବର୍ତ୍ତୀ ଉପଶମ ପାଇଁ କରାଯାଇଥିବା କୌଣସି ଏକ ବିଚାରାଧୀନ ଆବେଦନ ଉପରେ ଯଥୋଚିତ ଆଦେଶନାମା ଜାରି କରିପାରନ୍ତି ।

(୪) ସହଭୁକ୍ତ ଗୃହକୁ ପ୍ରତିବାଦୀର ପ୍ରବେଶ ଉପରେ କଟକଣା ଲାଗୁ କରି ଯଦି ଏକ ସୁରକ୍ଷା ଆଦେଶ ଜାରି ହୋଇଥାଏ ଅଥବା ଆବେଦକଙ୍କ ଠାରୁ ଦୂରେଇ ରହିବାକୁ ବା ତାଙ୍କ ସହିତ ଯୋଗାଯୋଗ ନ କରିବାକୁ ଯଦି ପ୍ରତିବାଦୀଙ୍କୁ ଆଦେଶ ଦିଆ ଯାଇଥାଏ, ତେବେ ସେପରି ସ୍ଥଳେ ବ୍ୟଥିତ ବ୍ୟକ୍ତିଙ୍କ କୌଣସି କାର୍ଯ୍ୟ, ଏପରିକି ତାଙ୍କ ଦ୍ୱାରା କୌଣସି ଆମନ୍ତ୍ରଣ ଫଳରେ ଅଦାଲତଙ୍କ ଦ୍ୱାରା ପ୍ରତିବାଦୀଙ୍କ ଉପରେ ଜାରି ହୋଇଥିବା କଟକଣା ପ୍ରତ୍ୟାହୃତ ହୋଇଗଲା ବୋଲି ବିବେଚିତ ହେବ ନାହିଁ, ଯେ ପର୍ଯ୍ୟନ୍ତ ଧାରା ୨୫ ଅଧୀନସ୍ଥ ଉପଧାରା (୨)ର ପ୍ରାବଧାନମାନ ଅନୁଯାୟୀ ପ୍ରଥମୋକ୍ତ ସୁରକ୍ଷା ଆଦେଶ ଯଥାବିଧି ସଂଶୋଧିତ ନ ହୋଇଛି ।

**୧୩। ପରାମର୍ଶଦାତାମାନଙ୍କୁ ନିଯୁକ୍ତି-**

(୧) ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଅଭିପ୍ରେରିତ ହୋଇଥିବା ଉପଲବ୍ଧ ପରାମର୍ଶଦାତାଙ୍କ ତାଲିକା ଭିତରୁ ଜଣେ ବ୍ୟକ୍ତିଙ୍କୁ ପରାମର୍ଶଦାତାରୂପେ ନିଯୁକ୍ତ କରାଯିବ ଏବଂ ଏ ବିଷୟରେ ବ୍ୟଥିତ ବ୍ୟକ୍ତିଙ୍କୁ ଅବହିତ କରାଯାଇଥିବ ।

(୨) କୌଣସି କାର୍ଯ୍ୟବିଧିରେ ନିମ୍ନୋକ୍ତ ବ୍ୟକ୍ତିମାନଙ୍କୁ ପରାମର୍ଶଦାତା ରୂପେ ନିଯୁକ୍ତି ସକାଶେ ଯୋଗ୍ୟ ବୋଲି ବିବେଚିତ କରାଯିବ ନାହିଁ, ଯଥା -

(୧) ଯେଉଁ ବ୍ୟକ୍ତି ସଂପୃକ୍ତ ବିବାଦୀୟ ପ୍ରସଙ୍ଗରେ ନିଜେ ଆଗ୍ରହୀ ଥିବେ ଅଥବା ସମ୍ପର୍କୀତ ହୋଇଥିବେ କିମ୍ବା ସଂପୃକ୍ତ ପକ୍ଷମାନଙ୍କ ସହ ବା ସେମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିମାନଙ୍କ ସହ ସମ୍ପର୍କୀତ ହୋଇଥିବେ, କିନ୍ତୁ ଯଦି ସମସ୍ତ ପକ୍ଷମାନେ ଲିଖିତ ଭାବେ ଚାହିଁବେ, ତେବେ ଏପ୍ରକାର କଟକଣା ଲାଗୁ ହେବ ନାହିଁ ।

(୨) କୌଣସି ଆଇନ୍ ବ୍ୟବସାୟୀ, ଯେ କି ପ୍ରତିବାଦୀଙ୍କ ପକ୍ଷ ନେଇ କୌଣସି ମାମଲାରେ ବା ତା ସହିତ ସମ୍ପର୍କୀତ ଅନ୍ୟ କୌଣସି ମକଦ୍ଦମା ବା କାର୍ଯ୍ୟବିଧିରେ ଠିଆ ହୋଇଥିବେ ।

(୩) ପରାମର୍ଶଦାତାମାନେ ଯଥାସମ୍ଭବ ମହିଳା ହୋଇଥିବେ ।

**୧୪। ପରାମର୍ଶଦାତାଙ୍କ ଦ୍ୱାରା ଅନୁସୃତ ହେବାକୁ ଥିବା ପ୍ରକ୍ରିୟା-**

(୧) ଅଦାଲତ ବା ସୁରକ୍ଷା ଅଧିକାରୀ ବା ଉଭୟଙ୍କ ସାଧାରଣ ତତ୍ତ୍ୱାବଧାନ ଅଧୀନରେ ପରାମର୍ଶଦାତା କାର୍ଯ୍ୟ କରିବେ।

(୨) ପରାମର୍ଶଦାତା ସେହି ଭଳି ଏକ ସ୍ଥାନରେ ବୈଠକ ଆହ୍ୱାନ କରିବେ, ଯାହାକି ବ୍ୟଥିତ ବ୍ୟକ୍ତି ବା ଉଭୟ ପକ୍ଷଙ୍କ ପାଇଁ ଅନୁକୂଳ ହେଉଥିବ।

(୩) ପରାମର୍ଶ ପ୍ରଦାନର ପ୍ରୟୋଜନ ଯେଉଁସବୁ କାରଣରୁ ଅଭିପ୍ରେତ ହୋଇଥାଏ, ସେଗୁଡ଼ିକ ହେଲା - ଯେଉଁ ଘରୋଇ ହିଂସା ସମ୍ବନ୍ଧରେ ଅଭିଯୋକ୍ତାଙ୍କ ଦ୍ୱାରା ଅଭିଯୋଗ କରାଯାଇଛି, ତାହା ନ ଘଟେଇବାକୁ ପ୍ରତିବାଦୀ ଅଙ୍ଗୀକାର କରିବେ, ଏବଂ କେତେକ ଯଥୋଚିତ ପରିସ୍ଥିତିରେ ପରାମର୍ଶଦାତାଙ୍କ ସମ୍ମୁଖରେ ବା କୌଣସି ଆଇନ୍ ବା କ୍ଷମତାପ୍ରାପ୍ତ ଅଦାଲତଙ୍କ ଆଦେଶ ବଳରେ ଅନୁମୋଦିତ ପରାମର୍ଶ କାର୍ଯ୍ୟବିଧି ବ୍ୟତିରେକ ପ୍ରତିବାଦୀ ବ୍ୟଥିତ ବ୍ୟକ୍ତିଙ୍କୁ ସାକ୍ଷାତ କରିବା ବା ଚିଠି, ଟେଲିଫୋନ୍, ଇମେଲ୍ ବା ଅନ୍ୟ କୌଣସି ମାଧମରେ ଯୋଗାଯୋଗ ପାଇଁ ଚେଷ୍ଟା ନ କରିବାକୁ ଅଙ୍ଗୀକାର କରିବେ ।

(୪) ପରାମର୍ଶଦାତା ପରାମର୍ଶ କାର୍ଯ୍ୟବିଧିକୁ ପରିଚାଳନା କରିବାକୁ ଗଲାବେଳେ ଏକଥା ଖିଆଲ ରଖିଥିବେ ଯେ, ଘରୋଇ ହିଂସା ଯେପରି ପୁନର୍ବାର ନଘଟିବ, ସେଥିପାଇଁ ଭରସା ସୃଷ୍ଟି କରିବା ।

(୫) ପରାମର୍ଶ ପ୍ରକ୍ରିୟା ଭିତରେ ଅଭିଯୋଗିତ ଘରୋଇ ହିଂସା ଘଟାଇବା ସପକ୍ଷରେ କୌଣସି ପ୍ରକାର ପ୍ରତିଯୁକ୍ତି ଦେବା ପାଇଁ ପ୍ରତିବାଦୀଙ୍କୁ ଅନୁମତି ଦିଆଯିବ ନାହିଁ, କାରଣ ପରାମର୍ଶ କାର୍ଯ୍ୟବିଧି ଆରମ୍ଭ ହେବା ପୂର୍ବରୁ ପ୍ରତିବାଦୀଙ୍କୁ ଜଣାଇ ଦିଆଯାଇଥିବ ଯେ ତାଙ୍କ ଦ୍ୱାରା ଘରୋଇ ହିଂସାର କାର୍ଯ୍ୟ ସପକ୍ଷରେ କୌଣସି ସଫେଇକୁ ପରାମର୍ଶ କାର୍ଯ୍ୟବିଧିର ଅଙ୍ଗୀଭୂତ କରାଯିବ ନାହିଁ ।

(୬) ଯେଉଁ ଘରୋଇ ହିଂସା ସମ୍ବନ୍ଧରେ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଅଭିଯୋଗ କରାଯାଇଛି, ତାହା ନ ଘଟେଇବାକୁ ପ୍ରତିବାଦୀ ପରାମର୍ଶଦାତାଙ୍କ ନିକଟରେ ଅଙ୍ଗୀକାର କରିବେ ଏବଂ କେତେକ ଆବଶ୍ୟକୀୟ ପରିସ୍ଥିତିରେ ପ୍ରତିବାଦୀ ପୁଣି ଅଙ୍ଗୀକାର କରିବେ ଯେ, ପରାମର୍ଶଦାତାଙ୍କ ସମ୍ମୁଖରେ ପରାମର୍ଶ କାର୍ଯ୍ୟବିଧି ବ୍ୟତିରେକ ସେ ବ୍ୟଥିତ ବ୍ୟକ୍ତିଙ୍କୁ ସାକ୍ଷାତ କରିବା ବା ଚିଠି, ଟେଲିଫୋନ୍, ଇମେଲ୍ ବା ଅନ୍ୟ କୌଣସି ମାଧ୍ୟମରେ ଯୋଗାଯୋଗ ପାଇଁ ଚେଷ୍ଟା କରିବେ ନାହିଁ ।

(୭) ଯଦି ବ୍ୟଥିତ ବ୍ୟକ୍ତି ଚାହାଁନ୍ତି, ତେବେ ପରାମର୍ଶଦାତାଙ୍କର ପ୍ରଚେଷ୍ଟା ହେବ ସମସ୍ୟାର ଏକ ସମାଧାନରେ ପହଞ୍ଚିବା ।

(୮) ପରାମର୍ଶଦାତାଙ୍କ ପ୍ରଚେଷ୍ଟାର ସୀମିତ ଲକ୍ଷ୍ୟ ହେବ ବ୍ୟଥିତ ବ୍ୟକ୍ତିଙ୍କ ଅଭିଯୋଗଗୁଡ଼ିକ ସମ୍ବନ୍ଧରେ ଏକ ଉପଲବ୍ଧିରେ ପହଞ୍ଚିବା ଏବଂ ସେହି ଅଭିଯୋଗଗୁଡ଼ିକର ଏକ ସମ୍ଭାବ୍ୟ ସର୍ବୋତ୍କୃଷ୍ଟ ସମାଧାନ କରେଇବା, ଏବଂ ପୁଣି ପ୍ରଚେଷ୍ଟା କରାଯିବ, ଏତାଦୃଶ ସମାଧାନ ପାଇଁ ଆବଶ୍ୟକ ହେଉଥିବା ପ୍ରତିକାର ଏବଂ ପଦକ୍ଷେପଗୁଡ଼ିକର ନିରୂପଣ ଉପରେ ଧ୍ୟାନ ନିବେଶ କରିବା ।

(୯) ପରାମର୍ଶ ପ୍ରକ୍ରିୟା ଭିତରେ ସଂପୃକ୍ତ ପକ୍ଷମାନଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବା ପଦକ୍ଷେପ ଓ ପ୍ରତିକାରଗୁଡ଼ିକୁ ଆଖି ଆଗରେ ରଖି ବ୍ୟଥିତ ବ୍ୟକ୍ତିଙ୍କ ଅଭିଯୋଗଗୁଡ଼ିକର ସମାଧାନ ପାଇଁ କାର୍ଯ୍ୟପନ୍ଥା ସୁପାରିଶ କରିବା ତଥା ଯଥାସ୍ଥିତି ଆବଶ୍ୟକ ମୁତାବକ ସମାଧାନର ସର୍ତ୍ତଗୁଡ଼ିକର ପୁନଃନିର୍ଦ୍ଧାରଣ ଜରିଆରେ ସଂପୃକ୍ତ ବିବାଦର ଏକ ମୀମାଂସାରେ ପହଞ୍ଚିବା ପାଇଁ ପରାମର୍ଶଦାତା ପ୍ରଚେଷ୍ଟା ଚଳାଇବେ ।

(୧୦) ଭାରତୀୟ ପ୍ରମାଣ ଆଇନ୍, ୧୮୭୨ (୧୮୭୨ର ୧) କିମ୍ବା ଦେୱାନୀ କାର୍ଯ୍ୟବିଧି ସଂହିତା ୧୯୦୮ (୧୯୦୮ର ୫) କିମ୍ବା ପୌଜ୍‌ଦାରୀ ସଂହିତା, ୧୯୭୩ (୧୯୭୪ର ୨) ଅଧୀନରେ ଥିବା ପ୍ରାବ୍‌ଧାନଗୁଡ଼ିକ ଦ୍ୱାରା ପରିଚାଳିତ ହେବା ପାଇଁ ପରାମର୍ଶଦାତା ବାଧ ରହିବେନି ଏବଂ ତାଙ୍କର କାର୍ଯ୍ୟଧାରା ଔଚିତ୍ୟବୋଧ ଓ ନ୍ୟାୟବୋଧ ଦ୍ୱାରା ପରିଚାଳିତ ହେବ, ଏବଂ ଏହାର ଲକ୍ଷ୍ୟ ହେବ ବ୍ୟଥିତ ବ୍ୟକ୍ତିଙ୍କର ସନ୍ତୋଷଜନକ ହେଲାଭଳି ଘରୋଇ ହିଂସାର ପୂର୍ଣ୍ଣଚ୍ଛେଦ ପକାଇବା ସକାଶେ ରାସ୍ତା ବାହାର କରିବା ଏବଂ ପରାମର୍ଶଦାତା ଏପରି ପ୍ରଚେଷ୍ଟା କରିବା ବେଳେ ବ୍ୟଥିତ ବ୍ୟକ୍ତିଙ୍କ ଇଚ୍ଛା ଏବଂ ଆବେଗକୁ ଯଥାର୍ଥ ଗୁରୁତ୍ୱ ପ୍ରଦାନ କରିବେ ।

(୧୧) ଯଥୋଚିତ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶଦାତା ତାଙ୍କର ବିବରଣୀ ଯଥାଶୀଘ୍ର ମାଜିଷ୍ଟ୍ରେଟ୍‌ଙ୍କୁ ପେଶ୍ କରିବେ ।

(୧୨) ଯଦି ପରାମର୍ଶଦାତା ବିବାଦର ଏକ ସମାଧାନରେ ପହଞ୍ଚନ୍ତି, ତେବେ ସେ ସମାଧାନର ସର୍ତ୍ତାବଳୀକୁ ଲିପିବଦ୍ଧ କରିବେ ଏବଂ ସଂପୃକ୍ତ ପକ୍ଷମାନଙ୍କ ଦ୍ୱାରା ଅନୁମୋଦିତ କରାଇନେବେ ।

(୧୩) ଯଦି ସମାଧାନର ପ୍ରଭାବଶୀଳତା ସମ୍ବନ୍ଧରେ ଅଦାଲତ ସନ୍ତୁଷ୍ଟ ହୁଅନ୍ତି, ତେବେ ସେ ସଂପୃକ୍ତ ପକ୍ଷମାନଙ୍କ ଠାରୁ ପ୍ରାରମ୍ଭିକ ଅନୁସନ୍ଧାନ କରିପାରନ୍ତି, ଏବଂ ଏଭଳି ସନ୍ତୁଷ୍ଟ ହେବାର କାରଣଗୁଡ଼ିକୁ ଲିପିବଦ୍ଧ କରିପାରନ୍ତି, ଏବଂ ଏହି କାରଣଗୁଡ଼ିକ ଭିତରେ ଅନ୍ତର୍ଭୁକ୍ତ ଥାଇପାରେ ପ୍ରତିବାଦୀମାନଙ୍କ ଦ୍ୱାରା ଏକ ଅଙ୍ଗୀକାର ଯେଉଁଥିରେ ସେମାନେ ନିଜର ସ୍ୱୀକାରୋକ୍ତି ଅନୁଯାୟୀ ପୂର୍ବରୁ ଘଟାଇଥିବା ଘରୋଇ ହିଂସାମୂଳକ କାର୍ଯ୍ୟକୁ ପୁନର୍ବାର ଘଟାଇବାରୁ ନିବୃତ୍ତ ରହିବେ ବୋଲି ପ୍ରତିଶ୍ରୁତି; ଏହାପରେ ଅଦାଲତ ସେହି ସମାଧାନର ସୂତ୍ରକୁ ସସର୍ତ୍ତ ବା ନିଃର୍ସର୍ତ୍ତ ଭାବେ ଗ୍ରହଣ କରିପାରନ୍ତି ।

(୧୪) ଅଦାଲତ ପରାମର୍ଶ ସଂକ୍ରାନ୍ତୀୟ ବିବରଣୀରେ ସନ୍ତୁଷ୍ଟ ହେଲାପରେ ସମାଧାନ ସର୍ତ୍ତାବଳୀକୁ ଉଲ୍ଲେଖ କରି ଏକ ଆଦେଶ ଜାରି କରିପାରନ୍ତି ନଚେତ୍ ବ୍ୟଥିତ ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ତଥା ସଂପୃକ୍ତ ପକ୍ଷମାନଙ୍କ ସମ୍ମତିକ୍ରମେ ସମାଧାନର ସର୍ତ୍ତାବଳୀକୁ ସଂଶୋଧନପୂର୍ବକ ଏକ ଆଦେଶ ଜାରି କରିପାରନ୍ତି ।

(୧୫) ଯେଉଁସବୁ ସ୍ଥିତିରେ ପରାମର୍ଶ କାର୍ଯ୍ୟବିଧି ଜରିଆରେ ଏକ ସମାଧାନରେ ପହଞ୍ଚିବା ସମ୍ଭବପର ନୁହେଁ, ସେପରି ସ୍ଥଳେ ପରାମର୍ଶଦାତା ଏତାଦୃଶ କାର୍ଯ୍ୟବିଧିର ବିଫଳତା ସମ୍ବନ୍ଧରେ ଅଦାଲତକୁ ବିବରଣ ପ୍ରଦାନ କରିବେ ଏବଂ ତତ୍‌ପରେ ଅଦାଲତ ଆଇନ୍‌ର ପ୍ରାବ୍‌ଧାନମାନ ଅନୁସାରେ ମୋକଦ୍ଦମାର ବିଚାରକୁ ଆଗେଇ ନେବେ ।

(୧୬) ପରାମର୍ଶ କାର୍ଯ୍ୟବିଧିର ଅଭିଲେଖକୁ ଏକ ମୋକଦ୍ଦମା ପରିପ୍ରେକ୍ଷିରେ ପ୍ରାସଙ୍ଗିକ ଦଲିଲ୍ ବୋଲି ବିବେଚନା କରାଯିବ ନାହିଁ କି ଏହାକୁ ଭିତ୍ତି କରି କୌଣସି ସିଦ୍ଧାନ୍ତରେ ପହଞ୍ଚି ହେବ ନାହିଁ କି କେବଳ ଏହାକୁ ଭିତ୍ତି କରି ଏକ ଆଦେଶ ଜାରି କରାଯାଇପାରିବ ନାହିଁ ।

(୧୭) ଅଦାଲତ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ, ଆଦେଶ ପାଇଁ ଏକ ଆବେଦନ ବଳପ୍ରୟୋଗ, ଠକାମି ବା ଧମକଚମକ ବା ଏ ପ୍ରକାର ଅନ୍ୟ କୌଣସି କାରଣ ଦ୍ୱାରା ପ୍ରଭାବିତ ହୋଇନାହିଁ, ତେବେ ସେ ଧାରା ୨୫ ଅନୁଯାୟୀ ଏକ ଆଦେଶ ଜାରି କରିବେ, ଏବଂ ଏଭଳି ସନ୍ତୁଷ୍ଟ ହେବାର କାରଣସବୁକୁ ଆଦେଶରେ ଲିପିବଦ୍ଧ କରିବେ, ଏବଂ ପ୍ରତିବାଦୀଙ୍କ ଦ୍ୱାରା ଲିଖିତ ଅଙ୍ଗୀକାର ବା ପ୍ରତିଶୃତି ମଧ୍ୟ ଏହି କାରଣସମୂହ ଭିତରେ ଅନ୍ତର୍ଭୁକ୍ତ ଥାଇପାରେ ।

**୧୫। ସୁରକ୍ଷା ଆଦେଶର ଉଲ୍ଲଂଘନ–**

(୧) ଜଣେ ବ୍ୟଥିତ ବ୍ୟକ୍ତି ସୁରକ୍ଷା ଆଦେଶ କିମ୍ବା ଅନ୍ତର୍ବର୍ତ୍ତୀ–କାଳୀନ ସୁରକ୍ଷା ଆଦେଶର ଉଲ୍ଲଂଘନ ହେଉଥିବା ବିଷୟରେ ଏକ ବିବରଣୀ ସୁରକ୍ଷା ଅଧିକାରୀଙ୍କୁ ପଠାଇପାରନ୍ତି ।

(୨) ଉପନିୟମ (୧) ରେ ସୂଚୀତ ହୋଇଥିବା ପ୍ରତ୍ୟେକ ବିବରଣୀ ଲିଖିତ ଏବଂ ସୂଚନାଦାତାଙ୍କ ଦ୍ୱାରା ଯଥାବିଧି ସ୍ୱାକ୍ଷରିତ ହୋଇଥିବ ।

(୩) ସୁରକ୍ଷା ଅଧିକାରୀ ଏତାଦୃଶ ଅଭିଯୋଗର ଏକ ନକଲ ସହିତ ସେହି ସୁରକ୍ଷା ଆଦେଶଟିର ନକଲକୁ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଉପଯୁକ୍ତ ଆଦେଶନାମା ଉଦ୍ଦେଶ୍ୟରେ ଅଭିପ୍ରେରଣ କରିବେ, ଯାହାର ଉଲ୍ଲଂଘନ ଘଟିଛି ବୋଲି ଅଭିଯୋଗ ଦାଏର୍ ହୋଇଛି ।

(୪) ବ୍ୟଥିତ ବ୍ୟକ୍ତି ଇଚ୍ଛାକଲେ ସୁରକ୍ଷା ଆଦେଶ କିମ୍ବା ଅନ୍ତର୍ବର୍ତ୍ତୀକାଳୀନ ସୁରକ୍ଷା ଆଦେଶର ଉଲ୍ଲଂଘନ ଘଟିଛି ବୋଲି ନିଜର ଅଭିଯୋଗ ସିଧାସଳଖ ମାଜିଷ୍ଟ୍ରେଟ୍ କିମ୍ବା ପୋଲିସ୍ ନିକଟରେ ଦାଖଲ କରିପାରିବେ ।

(୫) ଯଦି ସୁରକ୍ଷା ଆଦେଶର ଉଲ୍ଲଂଘନ ଘଟି ସାରିବା ପରେ ବ୍ୟଥିତ ବ୍ୟକ୍ତି କେବେ ବି ସୁରକ୍ଷା ଅଧିକାରୀଙ୍କ ସହାୟତା ଲୋଡନ୍ତି, ତେବେ ସୁରକ୍ଷା ଅଧିକାରୀ ସ୍ଥାନୀୟ ପୋଲିସ୍ ଥାନାର ସାହାଯ୍ୟ ନେଇ ତାଙ୍କୁ (ବ୍ୟଥିତ ବ୍ୟକ୍ତିଙ୍କୁ) ତୁରନ୍ତ ଉଦ୍ଧାର କରିବେ ଏବଂ ଯଥାର୍ଥ କ୍ଷେତ୍ର ବିଶେଷରେ ସେ ବ୍ୟଥିତ ବ୍ୟକ୍ତିଙ୍କୁ ସ୍ଥାନୀୟ ପୋଲିସ୍ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ବିବରଣ ଦାଖଲ କରିବାରେ ସହାୟତା କରିବେ ।

(୬) ଯେତେବେଳେ ଆଇନ୍‌ର ଧାରା ୩୧ କିମ୍ବା ଭାରତୀୟ ଦଣ୍ଡବିଧି ସଂହିତା (୧୮୬୦ର ୪୫)ର ଧାରା ୪୯୮– ଏ ଅନ୍ତର୍ଗତ ଅପରାଧ କିମ୍ବା ସରାସରି ବିଚାର ହେଉନଥିବା ଅନ୍ୟାନ୍ୟ ଅପରାଧ ସମ୍ବନ୍ଧରେ ଅଭିଯୋଗ ପତ୍ର ପ୍ରସ୍ତୁତ କରାଯାଏ, ସେତେବେଳେ ଅଦାଲତ ସେହିସବୁ ଅପରାଧଗୁଡ଼ିକ ପାଇଁ କାର୍ଯ୍ୟବିଧିକୁ ପୃଥକ୍ କରିପାରନ୍ତି, ଯେଉଁଗୁଡ଼ିକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨) ଅଧୀନରେ ବିହିତ ହୋଇଥିବା ପଦ୍ଧତିରେ ବିଚାରଣ କରାଯିବ ଏବଂ ତା'ପରେ ଧାରା ୩୧ ଅଧୀନସ୍ଥ ସୁରକ୍ଷା ଆଦେଶର ଉଲ୍ଲଂଘନଜନିତ ଅପରାଧକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨) ଅନ୍ତର୍ଗତ ଅଧ୍ୟାୟ–୨୧ର ପ୍ରାବ୍‌ଧାନଗୁଡ଼ିକ ଅନୁସାରେ ସରାସରି ରୀତିରେ ବିଚାର କରିବା ଆରମ୍ଭ କରିପାରନ୍ତି ।

(୭) ଆଇନ୍ ଅଧୀନରେ ଜାରି କରାଯାଇଥିବା ଅଦାଲତଙ୍କ ଆଦେଶାବଳୀର କାର୍ଯ୍ୟାନ୍ୱୟନକୁ ଯଦି ପ୍ରତିବାଦୀ କିମ୍ବା ତାଙ୍କ ତରଫରୁ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି ବାଧା ଦିଅନ୍ତି, ତେବେ ତାହା ଆଇନ୍ ଅଧୀନସ୍ଥ ସୁରକ୍ଷା ଆଦେଶ କିମ୍ବା ଅନ୍ତର୍ବର୍ତ୍ତୀକାଳୀନ ସୁରକ୍ଷା ଆଦେଶର ଉଲ୍ଲଂଘନ ବୋଲି ବିବେଚିତ ହେବ ।

(୮) ସୁରକ୍ଷା ଆଦେଶ କିମ୍ବା ଅନ୍ତର୍ବର୍ତ୍ତୀକାଳୀନ ସୁରକ୍ଷା ଆଦେଶର ଉଲ୍ଲଂଘନ ବିଷୟରେ ସୂଚନାକୁ ତୁରନ୍ତ କ୍ଷେତ୍ରାଧିକାର ଥିବା ସ୍ଥାନୀୟ ପୋଲିସ୍ ଥାନାକୁ ଜଣାଇ ଦିଆଯିବ ଏବଂ ଧାରା ୩୧ ଏବଂ ୩୨ ଅନୁଯାୟୀ ଏହାକୁ ଏକ ଧର୍ତ୍ତବ୍ୟ ଅପରାଧ ରୂପେ ବିଚାର କରାଯିବ ।

(୯) ଆଇନ୍ ଅନୁସାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଜାମିନ୍‌ରେ ଛାଡ଼ କଲାବେଳେ, ବ୍ୟଥିତ ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ତଥା ଅଦାଲତଙ୍କ ସାମନାରେ ଅଭିଯୁକ୍ତ ଆସାମୀଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ଅଭିପ୍ରାୟରେ ଅଦାଲତ ଆଦେଶ ପୂର୍ବକ ଆବଶ୍ୟକୀୟ ସର୍ତ୍ତାବଳୀ ଆରୋପ କରିପାରନ୍ତି, ଯାହାମଧ୍ୟରେ ନିମ୍ନଲିଖିତ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ରହିପାରେ–

(ଏ) ଘରୋଇ ହିଂସା ଘଟାଇବାକୁ ଧମକ ଦେବା ଏବଂ ଘରୋଇ ହିଂସା ଘଟାଇବାରୁ ଅଭିଯୁକ୍ତଙ୍କୁ ନିବୃତ୍ତ କରିବା ସକାଶେ ଏକ ଆଦେଶ ;

(ବି) ଅଭିଯୁକ୍ତଙ୍କ ଦ୍ୱାରା ବ୍ୟଥିତ ବ୍ୟକ୍ତିଙ୍କୁ ହରକତ୍ କରିବା, ଟେଲିଫୋନ୍ କରିବା ବା ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଉପରେ ଏକ ନିଷେଧାଦେଶ;

(ସି) ବ୍ୟଥିତ ବ୍ୟକ୍ତିଙ୍କ ବାସସ୍ଥାନ କିମ୍ବା ଯେଉଁ ସ୍ଥାନକୁ ସେ ଯିବାର ସମ୍ଭାବନା ଅଛି, ସେଭଳି ସ୍ଥାନକୁ ଯଥାସ୍ଥିତି ଖାଲି କରିବା କିମ୍ବା ସେଠାରୁ ଦୂରେଇ ରହିବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଥିବା ଏକ ଆଦେଶ ;

(ଡି) ଆଗ୍ନେୟାସ୍ତ୍ର ବା ଅନ୍ୟ କୌଣସି ବିପଜ୍ଜନକ ଅସ୍ତ୍ରକୁ ଅକ୍ତିଆର ଅଥବା ବ୍ୟବହାର କରିବାକୁ ନିଷେଧ କରାଯାଇଥିବା ଏକ ଆଦେଶ ;

(ଇ) ମଦ କିମ୍ବା ଅନ୍ୟପ୍ରକାର ନିଶାଦ୍ରବ୍ୟର ସେବନ କରିବା ଉପରେ ନିଷେଧ ଜାରି କରିଥିବା ଏକ ଆଦେଶ ;

(ଏଫ୍) ବ୍ୟଥିତ ବ୍ୟକ୍ତିଙ୍କ ସୁରକ୍ଷା, ନିରାପତ୍ତା ଏବଂ ପର୍ଯ୍ୟାପ୍ତ ଉପଶମ ପାଇଁ ଆବଶ୍ୟକ ପଡୁଥିବା ଅନ୍ୟ କୌଣସି ଆଦେଶ ।

**୧୬। ବ୍ୟଥିତ ବ୍ୟକ୍ତିଙ୍କୁ ଆଶ୍ରୟ ପ୍ରଦାନ–**

(୧) ବ୍ୟଥିତ ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ସୁରକ୍ଷା ଅଧିକାରୀ କିମ୍ବା ସେବା ପ୍ରବନ୍ଧକ ଧାରା ୬ ଅଧୀନରେ ଏକ ଆଶ୍ରୟ ଗୃହର ଭାରପ୍ରାପ୍ତ ବ୍ୟକ୍ତିଙ୍କୁ ଲିଖିତ ଆକାରରେ ଏବଂ ସୁସ୍ପଷ୍ଟ ଭାଷାରେ ଅନୁରୋଧ ଜଣାଇପାରନ୍ତି ଯେ, ଧାରା ୬ ଅନୁଯାୟୀ ଏହି ଦରଖାସ୍ତଟି ପେସ୍ କରାଯାଉଛି ।

(୨) ଯେଉଁ ସ୍ଥଳେ ସୁରକ୍ଷା ଅଧିକାରୀ ଉପନିୟମ (୧)ରେ ସୂଚୀତ ହୋଇଥିବା ମତେ ଏକ ଅନୁରୋଧ ଜଣାଇଥିବେ, ସେପରି ସ୍ଥଳେ ଧାରା ୯ କିମ୍ବା ଧାରା ୧୦ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ଘରୋଇ ଘଟଣା ବିବରଣୀର ଏକ ନକଲ ସେହି ଅନୁରୋଧ ସହିତ ସଂଲଗ୍ନ ହୋଇଥିବ ।

**ପରନ୍ତୁ,** ଆଶ୍ରୟ ଗୃହରେ ଆଶ୍ରୟ ପାଇଁ ଅନୁରୋଧ ଦରଜ କରିବା ପୂର୍ବରୁ ତାଙ୍କ (ବ୍ୟଥିତ ବ୍ୟକ୍ତି) ଦ୍ୱାରା ଘରୋଇ ଘଟଣା ବିବରଣୀ ଦାଖଲ ହୋଇପାରି ନଥିବାର କାରଣ ଦର୍ଶାଇ ଆଶ୍ରୟ ଗୃହ ଆଶ୍ରୟ ପାଇଁ ତାଙ୍କର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ ।

(୩) ବ୍ୟଥିତ ବ୍ୟକ୍ତି ଯଦି ଚାହିଁବେ, ତେବେ ତାଙ୍କର ପରିଚୟକୁ ଆଶ୍ରୟ ଗୃହରେ ଜଣାଇ ଦିଆଯିବ ନାହିଁ କିମ୍ବା ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର୍ କରାଯାଇଛି, ତାଙ୍କୁ ମଧ୍ୟ ଆଶ୍ରୟ ଗୃହ ଏ କଥା ପ୍ରକାଶ କରିବେ ନାହିଁ ।

**୧୭। ବ୍ୟଥିତ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା–**

(୧) ଧାରା ୭ ଅନୁଯାୟୀ ବ୍ୟଥିତ ବ୍ୟକ୍ତି କିମ୍ବା ସୁରକ୍ଷା ଅଧିକାରୀ କିମ୍ବା ସେବା ପ୍ରବନ୍ଧକ ଏକ ଚିକିତ୍ସା ସୁବିଧାର ଭାରପ୍ରାପ୍ତ ବ୍ୟକ୍ତିଙ୍କୁ ଲିଖିତ ଭାବେ ଅନୁରୋଧ ଜଣାଇପାରନ୍ତି, ଏବଂ ଏଥିସହିତ ସେ ସୁସ୍ପଷ୍ଟ ଭାଷାରେ କହିଥିବେ ଯେ, ଏହି ଦରଖାସ୍ତ ଧାରା ୭ ଅଧୀନରେ ଦାଖଲ କରାଯାଉଛି ।

(୨) ଯେଉଁ ସ୍ଥଳେ ସୁରକ୍ଷା ଅଧିକାରୀ ଏପରି ଅନୁରୋଧ ଜଣାଇବେ, ଯେପରି ସ୍ଥଳେ ଅନୁରୋଧ ସହିତ ଘରୋଇ ଘଟଣା ବିବରଣୀର ଏକ ନକଲ ସଂଲଗ୍ନ କରାଯିବ ।

ପରନ୍ତୁ, ଚିକିତ୍ସା ସହାୟତା ବା ଡାକ୍ତରୀ ମାଇନା ପାଇଁ ଚିକିତ୍ସା ପ୍ରବନ୍ଧକଙ୍କ ନିକଟରେ ଅନୁରୋଧ ଦରଜ କରିବା ପୂର୍ବରୁ ତାଙ୍କ (ବ୍ୟଥିତ ବ୍ୟକ୍ତି) ଦ୍ୱାରା ଘରୋଇ ଘଟଣା ବିବରଣୀ ଦାଖଲ ହୋଇ ନଥିବାର କାରଣ ଦର୍ଶାଇ ଚିକିତ୍ସା ପ୍ରବନ୍ଧକ ଚିକିତ୍ସା ସହାୟତା ଦେବା ପାଇଁ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ ।

(୩) ଯଦି କୌଣସି ଘରୋଇ ଘଟଣା ବିବରଣୀ ଦାଖଲ କରାଯାଇ ନଥାଏ, ତେବେ ଚିକିତ୍ସା ସୁବିଧାର ଭାରପ୍ରାପ୍ତ ବ୍ୟକ୍ତି ଫର୍ମ–୧ ପୂରଣ କରିବେ ଏବଂ ତାକୁ ସ୍ଥାନୀୟ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଅଭିପ୍ରେରଣ କରିବେ ।

(୪) ଚିକିତ୍ସା ପ୍ରବନ୍ଧକ ବ୍ୟଥିତ ବ୍ୟକ୍ତିଙ୍କୁ ଡାକ୍ତରୀ ମାଇନାର ରିପୋର୍ଟର ଏକ ନକଲ ମାଗଣାରେ ଯୋଗାଇ ଦେବେ ।

*[ Translated from English by Prof. Prafulla Ch. Mohanty (Retd. Principal), Cuttack and Sri Chitta Behera, Contact Address- 4A Jubilee Tower, Choudhury Bazar, Cuttack-9, Ph: 0671-2308518, Mobile: 9437577546, Email: chittabehera1@yahoo.co.in ]*

# ଫର୍ମ–୧

## [ଦ୍ରଷ୍ଟବ୍ୟ ନିୟମ ୫ (୧) ଏବଂ ୨ ଏବଂ ୧୭ (୩)]

ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ (୨୦୦୫ର ୪୩) ର ଧାରା ୯(ବି) ଏବଂ ୩୭ (୨) (ସି) ଅଧିନରେ ଘରୋଇ ଘଟଣା ବିବରଣ

**୧. ଅଭିଯୋକ୍ତା/ବ୍ୟଥିତ ବ୍ୟକ୍ତିଙ୍କ ସମ୍ବନ୍ଧରେ ସବିଶେଷ ବିବରଣ :**

(୧) ଅଭିଯୋକ୍ତା/ବ୍ୟଥିତ ବ୍ୟକ୍ତିଙ୍କ ନାମ :

(୨) ବୟସ :

(୩) ସହଭୁକ୍ତ ଗୃହର ଠିକଣା :

(୪) ବର୍ତ୍ତମାନ ଠିକଣା :

(୫) ଫୋନ୍ ନମ୍ବର, ଯଦି ଥାଏ :

**୨. ପ୍ରତିବାଦୀଙ୍କ ସମ୍ବନ୍ଧରେ ସବିଶେଷ ବିବରଣ :–**

| କ୍ର.ସଂ. | ନାମ | ବ୍ୟଥିତ ବ୍ୟକ୍ତିଙ୍କ ସହ ସଂପର୍କ | ଠିକଣା | ଟେଲିଫୋନ ନମ୍ବର, ଯଦି ଥାଏ |
|---|---|---|---|---|
| | | | | |

**୩. ବ୍ୟଥିତ ବ୍ୟକ୍ତିଙ୍କର ଯଦି ପିଲା ଥାଆନ୍ତି ତେବେ ସେମାନଙ୍କର ସବିଶେଷ ବିବରଣ :**

(ଏ) ପିଲାଙ୍କ ସଂଖ୍ୟା

(ବି) ପିଲାଙ୍କ ବିଷୟରେ ସବିଶେଷ ବିବରଣ

| ନାମ | ବୟସ | ଲିଙ୍ଗ | କାହା ସହିତ ବର୍ତ୍ତମାନ ରହୁଛନ୍ତି |
|---|---|---|---|
| | | | |

**୪. ଘରୋଇ ହିଂସା ଘଟଣାର ବିବରଣ**

| କ୍ର.ସଂ. | ହିଂସା ଘଟିଥିବାର ତାରିଖ, ସ୍ଥାନ ଓ ସମୟ | ହିଂସା ଘଟାଇଥିବା ବ୍ୟକ୍ତିଙ୍କ ନାମ | କେଉଁ ପ୍ରକାର ହିଂସା<br>ଶାରୀରିକ ହିଂସା | ମନ୍ତବ୍ୟ |
|---|---|---|---|---|
| | | | ଯଦି ଆଘାତ ସୃଷ୍ଟି ହୋଇଥାଏ, ତେବେ ତହିଁର ସବିଶେଷ ଉଲ୍ଲେଖ | |

**(୧) ଯୌନଗତ ହିଂସା**

ପ୍ରଯୁଜ୍ୟ ସ୍ତମ୍ଭକୁ ଚିହ୍ନ (✓) ଦିଅ

| | | | |
|---|---|---|---|
| | | ☐ ଯୌନକ୍ରିୟା ପାଇଁ ବାଧ୍ୟ କରାଯାଇଛି ।<br>☐ ଅଶ୍ଳୀଳ ଚିତ୍ର ବା ଅନ୍ୟାନ୍ୟ ସାମଗ୍ରୀକୁ ଦେଖିବାପାଇଁ ବାଧ୍ୟ କରାଯାଇଛି ।<br>☐ ଅନ୍ୟମାନଙ୍କ ମନୋରଞ୍ଜନ କରିବା ପାଇଁ ତୁମକୁ ବାଧ୍ୟ କରାଯାଇଛି ।<br>☐ ତୁମର ମର୍ଯ୍ୟାଦା ହାନି ହେଲା ଭଳି ଯଦି ଦୁର୍ବ୍ୟବହାର, ଅବମାନନା, ଅପମାନ ବା ଅନ୍ୟ ପ୍ରକାର ଯୌନଗତ ଆଚରଣ ଯଦି କରାଯାଇଥାଏ, (ତେବେ ଏହାର ସବିଶେଷ ବିବରଣ ନିମ୍ନରେ ସ୍ଥାନିତ କର) : | |

## (୨) ବାଚନିକ ଏବଂ ଭାବାବେଗଗତ ଦୁର୍ବ୍ୟବହାର

| | | | | |
|---|---|---|---|---|
| | | | ☐ ତୁମର ଚରିତ୍ର ବା ଆଚରଣ ଉପରେ ଦୋଷାରୋପ ଓ ଆକ୍ଷେପ ଇତ୍ୟାଦି କରାଯାଇଛି ।<br>☐ ଯୌତୁକାଦି ଧନ ସମ୍ପତ୍ତିକୁ ନ ଆଣିବା କାରଣରୁ ଅପମାନ ଦିଆଯାଇଛି ।<br>☐ ପୁଅପିଲା ଜନ୍ମ ନ କରିବା କାରଣରୁ ଅପମାନ ଦିଆଯାଇଛି ।<br>☐ କୌଣସି ସନ୍ତାନ ପ୍ରସବ ନ କରିବା କାରଣରୁ ଅପମାନ କରାଯାଇଛି ।<br>☐ ତୁମକୁ ଛୋଟ କରିବା, ଅପମାନ କରିବା ବା ଉପେକ୍ଷା କଲାଭଳି ମନ୍ତବ୍ୟ ଓ ବାକ୍ୟ ପ୍ରୟୋଗ କରାଯାଇଛି ।<br>☐ ଉପହାସ ।<br>☐ ଥଟ୍ଟା କରାଯାଇଛି ।<br>☐ ସ୍କୁଲ, କଲେଜ କିମ୍ବା ଅନ୍ୟ କୌଣସି ଶିକ୍ଷାସଂସ୍ଥାରେ ଯୋଗଦାନ କରିବାରୁ ବାଧତାମୂଳକ ଭାବେ ବାରଣ କରାଯାଇଛି ।<br>☐ କୌଣସି କର୍ମନିଯୁକ୍ତିରେ ଯୋଗଦାନକୁ ବାଧ କରି ନିଷେଧ କରାଯାଇଛି ।<br>☐ ଗୃହକୁ ଛାଡ଼ି ଚାଲିଯିବାରୁ ନିଷେଧ କରାଯାଇଛି ।<br>☐ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଖାସାକ୍ଷାତ କରିବାରୁ ବାରଣ କରାଯାଇଛି ।<br>☐ ତୁମର ଇଚ୍ଛା ବିରୁଦ୍ଧରେ ବିଭାହେବା ପାଇଁ ତୁମକୁ ବାଧ କରାଯାଇଛି ।<br>☐ ତୁମର ପସନ୍ଦ ମୁତାବକ ବ୍ୟକ୍ତିଙ୍କୁ ବିବାହ କରିବାରୁ ବାରଣ କରାଯାଇଛି ।<br>☐ ସେମାନଙ୍କ ପସନ୍ଦ ମୁତାବକ ବ୍ୟକ୍ତିକୁ ବିଭା ହେବାପାଇଁ ତୁମକୁ ବାଧ କରାଯାଇଛି ।<br>☐ ଅନ୍ୟକୌଣସି ପ୍ରକାର ବାଚନିକ ବା ଭାବାବେଗଗତ ଦୁର୍ବ୍ୟବହାର (ନିମ୍ନରେ ଥିବା ଫାଙ୍କା ସ୍ଥାନରେ ଏହାର ସବିଶେଷ ବିବରଣ ଉଲ୍ଲେଖ କର) । | |

## (୩) ଆର୍ଥିକ ହିଂସା

| | | | | |
|---|---|---|---|---|
| | | | ☐ ତୁମର ଓ ତୁମ ପିଲାମାନଙ୍କର ଭରଣପୋଷଣ ପାଇଁ ଅର୍ଥ ଦେଉନାହାନ୍ତି<br>☐ ତୁମର ଓ ତୁମ ପିଲାମାନଙ୍କର ଖାଦ୍ୟ, ପୋଷାକ, ଔଷଧ ଇତ୍ୟାଦି ପାଇଁ ବ୍ୟବସ୍ଥା କରୁନାହାନ୍ତି<br>☐ ତୁମେ ରହୁଥିବା ସ୍ଥାନରୁ ବଳପୂର୍ବକ ଭାବେ ବହିଷ୍କାର କରିଦେଇଛନ୍ତି | |

| | | | | |
|---|---|---|---|---|
| | | | ☐ ଗୃହକୁ ପ୍ରବେଶ ବା ଏହାର କୌଣସି ଏକାଂଶକୁ ବ୍ୟବହାର କରିବାକୁ ବାରଣ କରାଯାଇଛି ।<br>☐ ତୁମର ନିଯୁକ୍ତି ଅନୁଯାୟୀ କାମ କରିବାକୁ ବାରଣ କରାଯାଉଛି ବା ବାଧା ଦିଆଯାଉଛି ।<br>☐ ତୁମକୁ କୌଣସି କର୍ମ ନିଯୁକ୍ତିରେ ଯୋଗଦେବା ପାଇଁ ଅନୁମତି ଦିଆଯାଉନି ।<br>☐ ତୁମେ ଘରଭଡ଼ା ନେଇ ରହିଥିବା ଜାଗାର ଘରଭଡ଼ା ଦିଆଯାଉନି<br>☐ ପରିବାରର ସମସ୍ତ ବ୍ୟକ୍ତିଙ୍କ ଦ୍ୱାରା ସାଧାରଣ ଭାବେ ବ୍ୟବହୃତ ହେଉଥିବା ଲୁଗାପଟା ଓ ସାମଗ୍ରୀକୁ ତୁମକୁ ବ୍ୟବହାର କରିବା ପାଇଁ ଅନୁମତି ଦିଆଯାଉନି ।<br>☐ ତୁମକୁ ନଜଣାଇ ବା ତୁମର ବିନା ସହମତିରେ ତୁମର ସ୍ତ୍ରୀଧନ କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ୍ ସାମଗ୍ରୀକୁ ବିକ୍ରୀ କିମ୍ବା ବନ୍ଧକ ଦିଆଯାଇଛି ।<br>☐ ତୁମର ଦରମା, ଆୟ କି ମଜୁରୀ ଇତ୍ୟାଦିକୁ ବଳପୂର୍ବକ ଭାବେ ଛଡ଼ାଇ ନିଆଯାଉଛି ।<br>☐ ତୁମର ସ୍ତ୍ରୀଧନକୁ ହସ୍ତାନ୍ତର କରାଯାଉଛି ।<br>☐ ବିଦ୍ୟୁତ୍ ଦେୟ ଭଳି ଅନ୍ୟାନ୍ୟ ଦେୟକୁ ପଇଠ କରାଯାଉନି<br>☐ ଅନ୍ୟ କୌଣସି ପ୍ରକାର ଆର୍ଥିକ ହିଂସା ।<br>(ନିମ୍ନରେ ପ୍ରଦତ୍ତ ସ୍ଥାନରେ ସବିଶେଷ ଭାବେ ଉଲ୍ଲେଖ କର) | |

## (୪) ଯୌତୁକ ସଂବନ୍ଧୀୟ ନିର୍ଯ୍ୟାତନା

| | | | | |
|---|---|---|---|---|
| | | | ☐ ଯୌତୁକ ପାଇଁ ଦାବୀ ଇତ୍ୟାଦି ବିଷୟରେ ସବିଶେଷ ସୂଚନା ଦିଅ ।<br>☐ ଯୌତୁକ ସମ୍ବନ୍ଧରେ ଆଉ କିଛି ତଥ୍ୟ ଥିଲେ, ସବିଶେଷ ଭାବେ ଉଲ୍ଲେଖ କର ।<br>☐ ଯୌତୁକ ସାମଗ୍ରୀ, ସ୍ତ୍ରୀଧନ ଇତ୍ୟାଦି ବିଷୟରେ ସବିଶେଷ ବିବରଣ ଏହି ଫର୍ମ ସହିତ ସଂଶ୍ଳିଷ୍ଟ କରାଯାଇଛି କି ?<br>☐ ହଁ<br>☐ ନାହିଁ | |

## (୫) ତୁମ ଓ ତୁମ ପିଲାମାନଙ୍କ ବିରୁଦ୍ଧରେ ଘଟିଥିବା ଘରୋଇ ହିଂସାର ଘଟଣା ସଂବନ୍ଧରେ ଆଉ କିଛି ସୂଚନା ଥିଲେ ଉଲ୍ଲେଖ କର ।

| | | | | |
|---|---|---|---|---|
| | | | | |

ଅଭିଯୋକ୍ତା/ବ୍ୟଥିତ ବ୍ୟକ୍ତିଙ୍କ ସ୍ୱାକ୍ଷର ବା ବୃଦ୍ଧାଙ୍ଗୁଳି ଛାପ

**୫. ସଂଶ୍ଲିଷ୍ଟ ନଥିଗୁଡ଼ିକର ତାଲିକା**

| ନଥିର ନାମ | ତାରିଖ | ଅନ୍ୟ କୌଣସି ସବିଶେଷ ତଥ୍ୟ |
|---|---|---|
| ମେଡ଼ିକାଲ ଆଇନ୍‌ଗତ ସାର୍ଟିଫିକେଟ୍ | | |
| ଡାକ୍ତରଙ୍କ ସାର୍ଟିଫିକେଟ୍ ବା ଅନ୍ୟ କୌଣସି ପରାମର୍ଶ | | |
| ସ୍ତ୍ରୀଧନର ତାଲିକା | | |
| ଅନ୍ୟ କୌଣସି ନଥି | | |

**୬. ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ ଅଧିନରେ କେଉଁ ପ୍ରକାର ଆଦେଶ ଆପଣ ଆବଶ୍ୟକ କରୁଛନ୍ତି**

| କ୍ର.ସଂ. | ଆଦେଶମାନ | ହଁ/ନାହିଁ | ଅନ୍ୟ କିଛି |
|---|---|---|---|
| (୧) | ଧାରା ୧୮ ଅଧିନରେ ସୁରକ୍ଷା ଆଦେଶ | | |
| (୨) | ଧାରା ୧୯ ଅଧିନରେ ବାସସ୍ଥାନ ଆଦେଶ | | |
| (୩) | ଧାରା ୨୦ ଅଧିନରେ ଭରଣପୋଷଣ ଆଦେଶ | | |
| (୪) | ଧାରା ୨୧ ଅଧିନରେ ଅଭିରକ୍ଷା ଆଦେଶ | | |
| (୫) | ଧାରା ୨୨ ଅଧିନରେ କ୍ଷତିପୂରଣ ଆଦେଶ | | |
| (୬) | ଅନ୍ୟ କୌଣସି ଆଦେଶ ଚାହୁଁଥିଲେ, ଉଲ୍ଲେଖ କର | | |

**୭. ତୁମେ କେଉଁ ପ୍ରକାର ସହାୟତା ଚାହୁଁଛ**

| କ୍ର.ସଂ. | ଉପଲବ୍ଧ ହେଉଥିବା ସହାୟତା | ହଁ/ନାହିଁ | ସହାୟତାର ପ୍ରକାର ଭେଦ |
|---|---|---|---|
| (୧) | (୨) | (୩) | (୪) |
| (୧) | ପରାମର୍ଶଦାତା | | |
| (୨) | ପୋଲିସ୍ ସହାୟତା | | |
| (୩) | ଫୌଜଦାରୀ କାର୍ଯ୍ୟବିଧି ଆରମ୍ଭ କରିବା ପାଇଁ ସହାୟତା | | |
| (୪) | ଆଶ୍ରୟ ଗୃହ | | |
| (୫) | ଚିକିତ୍ସା ସହାୟତା | | |
| (୬) | ଆଇନ୍ ସହାୟତା | | |

**୮. ଏକ ଘରୋଇ ଘଟଣା ବିବରଣକୁ ପଞ୍ଜିକରଣ କରିବାରେ ସହାୟତା କରୁଥିବା ପୋଲିସ୍ ଅଧିକାରୀଙ୍କ ପାଇଁ ନିର୍ଦ୍ଦେଶ :**

ଏହି ଫର୍ମରେ ସ୍ଥାନିତ ହୋଇଥିବା ସୂଚନା ଦ୍ୱାରା ଯଦି ଏକଥା ପ୍ରତୀୟମାନ ହେଉଥାଏ ଯେ, ଭାରତୀୟ ପିଙ୍ଗଳ ସଂହିତା ବା ଅନ୍ୟ କୌଣସି ଆଇନ୍ ଅଧିନରେ ଏକ ଅପରାଧ ଘଟିତ ହୋଇଛି, ତେବେ ପୋଲିସ୍ ଅଧିକାରୀ –

(ଏ) ବ୍ୟଥିତ ବ୍ୟକ୍ତିଙ୍କୁ ଜଣାଇବେ ଯେ, ସେ (ବ୍ୟଥିତ ବ୍ୟକ୍ତି) ଚାହିଁଲେ ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୯୭୩ (୧୯୭୪ ର ୨) ଅଧିନରେ ପ୍ରାଥମିକ ସୂଚନା ବିବରଣ (ଏଫ୍.ଆଇ.ଆର୍.) ଦାଖଲ ପୂର୍ବକ ଏକ ଫୌଜଦାରୀ କାର୍ଯ୍ୟବିଧି ଆରମ୍ଭ କରିପାରିବେ ।

(ବି) ଯଦି ବ୍ୟଥିତ ବ୍ୟକ୍ତି ଫୌଜଦାରୀ କାର୍ଯ୍ୟବିଧି ଆରମ୍ଭ କରିବାକୁ ଚାହାଁନ୍ତି ନାହିଁ, ତେବେ ସେ (ପୋଲିସ୍ ଅଧିକାରୀ) ଘରୋଇ ଘଟଣା ବିବରଣରେ ସ୍ଥାନିତ ହୋଇଥିବା ସୂଚନା ମତେ ନିଜର ଦୈନିକ ଡାଏରୀରେ ଟିପ୍‌ପଣୀ ଲେଖି ରଖିବେ, ଏବଂ ତା ସହିତ ଏକ ମନ୍ତବ୍ୟ ଲେଖି ରଖିବେ ଯେ, ବ୍ୟଥିତ ବ୍ୟକ୍ତିଙ୍କର ଅଭିଯୁକ୍ତ ବ୍ୟକ୍ତିଙ୍କ ସହ ଏକ ନିବିଡ଼ ସଂପର୍କ ଥିବା କାରଣରୁ ସେ (ବ୍ୟଥିତ ବ୍ୟକ୍ତି) ଘରୋଇ ହିଂସାରୁ ସୁରକ୍ଷା ନିମିତ୍ତ ଦେୱାନୀ ଧରଣର ପ୍ରତିକାର ମାନ ହାସଲ କରିବା ପାଇଁ ଆଗ୍ରହୀ ଏବଂ ସେ (ବ୍ୟଥିତ ବ୍ୟକ୍ତି) ଅନୁରୋଧ କରିଛନ୍ତି ଯେ, ତାଙ୍କୁ (ପୋଲିସ୍ ଅଧିକାରୀଙ୍କୁ)

ମିଳିଥିବା ସୂଚନା ଭିତ୍ତିରେ ଏକ ପ୍ରାଥମିକ ସୂଚନା ବିବରଣ (ଏଫ୍.ଆଇ.ଆର୍) ର ପଞ୍ଜିକରଣ ହେବା ପୂର୍ବରୁ ଯଥୋଚିତ ଅନୁସନ୍ଧାନ ପାଇଁ ମାମଲାଟିକୁ ବିଚାରାଧୀନ (ପେଣ୍ଡିଂ) ରଖାଯାଇଛି ।

(ସି) ଶାରୀରିକ ଆଘାତ ବା ଯନ୍ତ୍ରଣା ଘଟିଛି ବୋଲି ବ୍ୟଥିତ ବ୍ୟକ୍ତି ଯଦି ସୂଚନା (ରିପୋର୍ଟ) ଦେଇଥାନ୍ତି, ତେବେ ତାଙ୍କୁ (ବ୍ୟଥିତ ବ୍ୟକ୍ତିଙ୍କୁ) ତୁରନ୍ତ ଡାକ୍ତରୀ ସହାୟତା ଯୋଗାଇ ଦେବାପାଇଁ ସେ ନିଜ (ପୋଲିସ୍ ଅଧିକାରୀ) ତରଫରୁ ଆଗ୍ରହ ପ୍ରକାଶ କରିବେ ଏବଂ ବ୍ୟଥିତ ବ୍ୟକ୍ତିଙ୍କର ଡାକ୍ତରୀ ପରୀକ୍ଷା କରାଇବେ ।

**ସ୍ଥାନ :**
**ତାରିଖ :**

........................................................................

(ସୁରକ୍ଷା ଅଧିକାରୀ/ସେବା ପ୍ରବନ୍ଧକଙ୍କ ସହ-ସ୍ୱାକ୍ଷର)

ନାମ ...................................................................

ଠିକଣା.................................................................

(ମୋହର)

ଏହାର ଏକକିତା ନକଲ ଅଭିପ୍ରେରଣ କରାଗଲା -

୧- ସ୍ଥାନୀୟ ପୋଲିସ୍ ଥାନା
୨- ସେବା ପ୍ରବନ୍ଧକ/ସୁରକ୍ଷା ଅଧିକାରୀ
୩- ବ୍ୟଥିତ ବ୍ୟକ୍ତି
୪- ମାଜିଷ୍ଟ୍ରେଟ୍

# ଫର୍ମ – ୨

## [(ଦ୍ରଷ୍ଟବ୍ୟ – ନିୟମ ୬ (୧)]

**ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ (୨୦୦୫ ର ୪୩)ର ଧାରା ୧୨ ଅଧିନରେ ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ**

ପ୍ରାପ୍ତେଷୁ

ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ

.....................................................................

.....................................................................

.....................................................................

.....................................................................

**ଉପସ୍ଥାପିତ**

**୧. ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ର ଧାରା........... ଅଧିନରେ ଘରୋଇ ଘଟଣା ବିବରଣର ନକଲ ସହିତ ଏକ ଆବେଦନ ନିମ୍ନୋକ୍ତ ବ୍ୟକ୍ତିଙ୍କ ଦ୍ୱାରା ଏତଦ୍ୱାରା ଦାଖଲ କରାଯାଉଛି–**

(ଏ) ବ୍ୟଥିତ ବ୍ୟକ୍ତି ☐

(ବି) ସୁରକ୍ଷା ଅଧିକାରୀ ☐

(ସି) ବ୍ୟଥିତ ବ୍ୟକ୍ତିଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତି ☐

(ପ୍ରଯୁଜ୍ୟ ସ୍ଥାନରେ ଠିକ୍ ଚିହ୍ନ ଲଗାଅ)

**୨. ଏତଦ୍ୱାରା ପ୍ରାର୍ଥନା କରାଯାଉଛି ଯେ, ଅଭିଯୋଗ/ଘରୋଇ ଘଟଣା ବିବରଣକୁ ମାନନୀୟ ଅଦାଲତ ସଂଜ୍ଞାନ କରିବେ ଏବଂ ଘଟଣାର ପରିସ୍ଥିତି ପରିପ୍ରେକ୍ଷିରେ ଆବଶ୍ୟକ ମନେ କରାଯାଉଥିବା କୌଣସି ବା ସମସ୍ତ ଆଦେଶ ଜାରି କରିବେ,**

(ଏ) ଧାରା ୧୮ ଅଧୀନରେ ସୁରକ୍ଷା ଆଦେଶ ଜାରି କରିବେ ଏବଂ/ଅଥବା

(ବି) ଧାରା ୧୯ ଅଧୀନରେ ବାସସ୍ଥାନ ଆଦେଶ ଜାରି କରିବେ ଏବଂ/ଅଥବା

(ସି) ଧାରା ୨୦ ଅଧୀନରେ ଆର୍ଥିକ ଉପଶମ (ରିଲିଫ୍) ପ୍ରଦାନ କରିବା ପାଇଁ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ କରିବେ ଏବଂ/ଅଥବା

(ଡି) ଆଇନ୍‌ର ଧାରା ୨୧ ଅଧିନରେ ଆଦେଶ ଜାରି କରିବେ ଏବଂ/ଅଥବା

(ଇ) ଧାରା ୨୨ ଅଧୀନରେ କ୍ଷତିପୂରଣ ବା କ୍ଷତିଭରଣା ପ୍ରଦାନ କରିବା ପାଇଁ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦେବେ ଏବଂ/ଅଥବା

(ଏଫ୍) ଏପରି ଅନ୍ତର୍ବର୍ତ୍ତୀ ଆଦେଶ ଜାରି କରିବେ, ଯାହାକି ଅଦାଲତଙ୍କ ବିଚାରରେ ନ୍ୟାୟୋଚିତ ଓ ଯଥୋଚିତ,

(ଜି) ଘଟଣାର ପରିସ୍ଥିତି ସମୂହ ପରିପ୍ରେକ୍ଷିରେ ଯାହା ଯଥାର୍ଥ ମନେ ହେଉଥିବ, ସେପରି ଅନ୍ୟ କୌଣସି ଆଦେଶ ଜାରି କରିବେ ।

**୩. ଆବଶ୍ୟକ ପଡୁଥିବା ଆଦେଶସମୂହ :**

**(୧) ଧାରା ୧୮ ଅଧୀନରେ ସୁରକ୍ଷା ଆଦେଶ –**

☐ ଘରୋଇ ହିଂସାର ଘଟଣାମାନଙ୍କୁ ନିଷେଧ କରିବା ଉଦ୍ଦେଶ୍ୟରେ ଆବେଦନର ସ୍ତମ୍ଭ ୪ (ଏ)/(ବି)/(ସି)/(ଡ଼ି)/(ଇ)/(ଏଫ୍)/(ଜି)ରେ ସୂଚୀତ ହୋଇଥିବା କୌଣସି କାର୍ଯ୍ୟକୁ ପୁନର୍ବାର ନ କରିବା ପାଇଁ ପ୍ରତିବାଦୀଙ୍କ ଉପରେ ନିଷେଧାଜ୍ଞା ଜାରି କରିବା ।

☐ ସ୍କୁଲ/କଲେଜ/କର୍ମସ୍ଥଳୀକୁ ପ୍ରବେଶ ନ କରିବା ପାଇଁ ପ୍ରତିବାଦୀ (ଗଣ)ଙ୍କୁ ନିଷେଧ କରିବା

☐ ନିଯୁକ୍ତି ସ୍ଥଳକୁ ତୁମେ ଯିବାବେଳେ ସମ୍ମୁଖୀନ ହେଉଥିବା ବାଧାକୁ ନିଷେଧ କରିବା

☐ ତୁମର ପିଲାମାନେ ରହୁଥିବା ସ୍କୁଲ/କଲେଜ ବା ଅନ୍ୟ କୌଣସି ସ୍ଥାନକୁ ପ୍ରତିବାଦୀ(ଗଣ)ଙ୍କୁ ଯିବା ପାଇଁ ନିଷେଧ କରିବା

☐ ତୁମେ ସ୍କୁଲକୁ ଯିବାବେଳେ ସମ୍ମୁଖୀନ ହେଉଥିବା ବାଧାକୁ ନିଷେଧ କରିବା

☐ ତୁମ ସହିତ କୌଣସି ନା କୌଣସି ପ୍ରକାର ଯୋଗାଯୋଗ ରଖିବା ପାଇଁ ପ୍ରତିବାଦୀ କରୁଥିବା ଚେଷ୍ଟାକୁ ନିଷେଧ କରିବା

- ☐ ସମ୍ପତ୍ତି ହସ୍ତାନ୍ତର କରିବା ପାଇଁ ପ୍ରତିବାଦୀଙ୍କୁ ନିଷେଧ କରିବା
- ☐ ଜଏଣ୍ଟ୍ ବ୍ୟାଙ୍କ୍ ଲକର ଏବଂ ଆକାଉଣ୍ଟ୍ ପରିଚାଳନା କରିବାପାଇଁ ପ୍ରତିବାଦୀଙ୍କୁ ନିଷେଧ କରିବା ଏବଂ ସେଗୁଡ଼ିକୁ ପରିଚାଳନା କରିବା ପାଇଁ ବ୍ୟଥିତ ବ୍ୟକ୍ତିଙ୍କୁ ଅନୁମତି ପ୍ରଦାନ କରିବା
- ☐ ବ୍ୟଥିତ ବ୍ୟକ୍ତିଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତି, ତାଙ୍କର ସଂପର୍କୀୟ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପରେ ହିଂସା ଘଟାଇବାରୁ ନିବୃତ୍ତ ରଖିବା ଉଦ୍ଦେଶ୍ୟରେ ସେମାନଙ୍କ ଠାରୁ ନିଜକୁ ଦୂରେଇ ରଖିବା ସକାଶେ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦେବା
- ☐ ଅନ୍ୟ କୌଣସି ଆଦେଶ ଚାହୁଁଥିଲେ, ତହିଁର ସବିଶେଷ ସୂଚନା ଦିଅ ........................................................................

**(୨) ଧାରା ୧୯ ଅଧୀନରେ ବାସସ୍ଥାନ ଆଦେଶ**

ପ୍ରତିବାଦୀ (ଗଣ)ଙ୍କୁ ନିମ୍ନୋକ୍ତ କାର୍ଯ୍ୟରୁ ବାରଣ କରିବାପାଇଁ ଆଦେଶ

- ☐ ମୋତେ ସହଭୁକ୍ତ ଗୃହରୁ ବେଦଖଲ ଓ ବହିଷ୍କାର କରିବା
- ☐ ସହଭୁକ୍ତ ଗୃହର ଯେଉଁ ଅଂଶରେ ମୁଁ ରହୁଛି, ସେଠାକୁ ପ୍ରବେଶ କରିବା
- ☐ ସହଭୁକ୍ତ ଗୃହକୁ ହସ୍ତାନ୍ତର, ବିକ୍ରୀ ବା ବନ୍ଧକସୂତ୍ରରେ ଆବଦ୍ଧ କରିବା
- ☐ ସହଭୁକ୍ତ ଗୃହ ଉପରେ ପ୍ରତିବାଦୀ ନିଜର ଅଧିକାରକୁ ତ୍ୟାଜ୍ୟ କରିବା
- ☐ ବ୍ୟକ୍ତିଗତ କ୍ଷେତ୍ରଗୁଡ଼ିକୁ ପ୍ରବେଶ କରିବାର ଅଧିକାର ମୋତେ ପ୍ରଦାନ କରିବା ପାଇଁ ଆଦେଶ
- ☐ ପ୍ରତିବାଦୀ(ଗଣ)ଙ୍କୁ ନିମ୍ନ  କାର୍ଯ୍ୟପାଳନ ପାଇଁ ନିର୍ଦ୍ଦେଶ ଦେବାର ଆଦେଶ
  - ସହଭୁକ୍ତ ଗୃହରୁ ନିଜକୁ ଅଲଗା ରଖିବା
  - ସମାନ ଧରଣର ବିକଳ୍ପ ବାସସ୍ଥାନ ଯୋଗାଇଦେବା ନଚେତ୍ ସେ ବାବଦରେ ଘରଭଡ଼ା ଦେବା
- ☐ ଯଦି ଅନ୍ୟ ଆଦେଶ ଚାହୁଁଥାନ୍ତି, ତେବେ ସୂଚନା ଦିଅ ..........................................................................................

**(୩) ଧାରା ୨୦ ଅଧୀନରେ ଆର୍ଥିକ ଉପଶମ**

- ☐ ରୋଜଗାରହାନି ଯୋଗୁଁ ଦାବୀର ପରିମାଣ ................................
- ☐ ମେଡ଼ିକାଲ୍ ଖର୍ଚ୍ଚ ବାବଦ ଦାବୀର ପରିମାଣ ................................
- ☐ ବ୍ୟଥିତ ବ୍ୟକ୍ତିଙ୍କ ହେପାଜତ୍‌ରେ ଥିବା ସମ୍ପତ୍ତିର ବିନଷ୍ଟ, ଭଙ୍ଗାରୁଜା ବା ସ୍ଥାନାନ୍ତର ଯୋଗୁଁ ଘଟିଥିବା କ୍ଷୟକ୍ଷତି ବାବଦରେ ଦାବୀର ପରିମାଣ ................................
- ☐ ଅନ୍ୟ କୌଣସି କ୍ଷତି ବା ଖଣ୍ଡ ୧୦ (ଡି)ରେ ସୂଚୀତ ହୋଇଥିବା ଶାରୀରିକ ବା ମାନସିକ ଆଘାତ ବାବଦରେ ଦାବୀର ପରିମାଣ ................................
- ☐ ଦାବୀର ମୋଟ ପରିମାଣ ................................
- ☐ ଅନ୍ୟ କୌଣସି ଆଦେଶ ଚାହୁଁଥିଲେ, ସୂଚନା ଦିଅ ................................

**(୪) ଧାରା ୨୦ ଅଧୀନରେ ଆର୍ଥିକ ଉପଶମ**

- ☐ ଆର୍ଥିକ ଉପଶମ ବାବଦରେ ନିମ୍ନୋକ୍ତ ଖର୍ଚ୍ଚଗୁଡ଼ିକୁ ଭରଣା କରିବା ପାଇଁ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦେବେ :
  - ☐ ଖାଦ୍ୟ, ପୋଷାକ, ଚିକିତ୍ସା ଏବଂ ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ପରିମାଣ................................ ମାସିକ
  - ☐ ସ୍କୁଲ ଫିସ୍ ଏବଂ ସେ ସଂକ୍ରାନ୍ତୀୟ ଅନ୍ୟାନ୍ୟ ଖର୍ଚ୍ଚ ପରିମାଣ................................ ମାସିକ
  - ☐ ପରିବାର ଚଳେଇବା ଖର୍ଚ୍ଚ ସମୂହ ପରିମାଣ................................ ମାସିକ
  - ☐ ଅନ୍ୟ କୌଣସି ପ୍ରକାର ଖର୍ଚ୍ଚ ପରିମାଣ................................ ମାସିକ

  **ମୋଟ ............................ ମାସିକ**
- ☐ ଅନ୍ୟ କୌଣସି ଆଦେଶ ଚାହୁଁଥିଲେ, ସୂଚନା ଦିଅ ..........................................................................

**(୫) ଧାରା ୨୧ ଅଧୀନରେ ଅଭିରକ୍ଷା ଆଦେଶ**

☐ ବ୍ୟଥିତ ବ୍ୟକ୍ତିଙ୍କ ନିକଟରେ ଏକ ବା ଏକାଧିକ ପିଲାଙ୍କ ଅଭିରକ୍ଷା ସମର୍ପଣ କରିବାପାଇଁ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ .......................

☐ ତାଙ୍କ ତରଫରୁ ଅନ୍ୟକୌଣସି ବ୍ୟକ୍ତିଙ୍କୁ, ସେହି ବ୍ୟକ୍ତିଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ.......................

**(୬) ଧାରା ୨୨ ଅଧିନରେ କ୍ଷତିପୂରଣ ଆଦେଶ**...............................................................................................

**(୭) ଅନ୍ୟ କୌଣସି ଆଦେଶ ଚାହୁଁଥିଲେ, ସୂଚନା ଦିଅ**....................................................................................

**୪. ଯଦି ପୂର୍ବରୁ କିଛି ମାମଲା ଥାଏ, ତେବେ ତହିଁର ବିଶଦ୍ ବିବରଣ :**

(ଏ) ☐ ଭାରତୀୟ ପିଙ୍ଗଳ ସଂହିତାର ଧାରା..............ଅଧୀନରେ..............................ଅଦାଲତରେ ବିଚାରଧୀନ ରହିଛି ।

☐ ଫଇସଲା ହୋଇଯାଇଛି, ଉପଶମ ସମ୍ବନ୍ଧରେ ବିଶଦ୍ ତଥ୍ୟ ..................................................................

(ବି) ☐ ସି.ଆର.ପି.ସି.ର ଧାରା.................ଅଧୀନରେ......................................ଅଦାଲତରେ ବିଚାରଧୀନ ରହିଛି ।

☐ ଫଇସଲା ହୋଇଯାଇଛି, ଉପଶମ ସମ୍ବନ୍ଧରେ ବିଶଦ୍ ତଥ୍ୟ ..................................................................

(ସି) ☐ ହିନ୍ଦୁ ବିବାହ ଆଇନ୍, ୧୯୫୬ର ଧାରା.................ଅଧୀନରେ.......................ଅଦାଲତରେ ବିଚାରଧୀନ ରହିଛି ।

☐ ଫଇସଲା ହୋଇଯାଇଛି, ଉପଶମ ସମ୍ବନ୍ଧରେ ବିଶଦ୍ ତଥ୍ୟ ..................................................................

(ଡି) ☐ ହିନ୍ଦୁ ପୋଷ୍ୟସନ୍ତାନ ଗ୍ରହଣ ଓ ଭରଣ ପୋଷଣ ଆଇନ୍ ୧୯୫୬ର ଧାରା .....................................ଅଧୀନରେ

☐ ଫଇସଲା ହୋଇଯାଇଛି, ଉପଶମ ସମ୍ବନ୍ଧରେ ବିଶଦ୍ ତଥ୍ୟ ..................................................................

(ଇ) ☐ ...........ଆଇନ୍‌ର ଧାରା .................ଅଧୀନରେ ଭରଣ ପୋଷଣ ପାଇଁ ଆବେଦନ

ଅନ୍ତର୍ବର୍ତ୍ତୀ ଭରଣପୋଷଣ ................................ଟଙ୍କା ମାସିକ

ମଞ୍ଜୁର ହୋଇଥିବା ଭରଣପୋଷଣ .......................ଟଙ୍କା ମାସିକ

(ଏଫ୍) ☐ ଅଦାଲତ ହାଜତକୁ ପ୍ରତିବାଦୀଙ୍କୁ ପଠାଯାଇଥିଲା କି ?

☐ ଗୋଟିଏ ସପ୍ତାହରୁ କମ୍ ☐ ଗୋଟିଏ ମାସରୁ କମ୍ ☐ ଏକମାସରୁ ଅଧିକ

ସମୟାବଧିର ସୂଚନା ଦିଅ.......................................................................................................

(ଜି) ଅନ୍ୟ କୌଣସି ଆଦେଶ.......................................................................................................

**ପ୍ରାର୍ଥନା :**

ଅତ୍ୟନ୍ତ ସମ୍ମାନର ସହ ଏତଦ୍ଵାରା ପ୍ରାର୍ଥନା କରାଯାଉଛି ଯେ, ଏହି ମାନନୀୟ ଅଦାଲତ ସନ୍ତୁଷ୍ଟ ହେବା ପୂର୍ବକ ଉପରୋକ୍ତ ମତେ ନିବେଦିତ ଉପଶମ (ସମୂହ)ଙ୍କୁ ମଞ୍ଜୁର କରିବେ ତଥା ଘରୋଇ ହିଂସା କବଳରୁ ବ୍ୟଥିତ ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ ତଥା ନ୍ୟାୟର ସ୍ଵାର୍ଥରକ୍ଷା ନିମନ୍ତେ ସୂଚୀତ ମାମଲାର ସମସ୍ତ ତଥ୍ୟ ଓ ପରିସ୍ଥିତି, ପରିପ୍ରେକ୍ଷିରେ ଉପଯୁକ୍ତ ମନେକରୁଥିବା ଆଦେଶ ବା ଆଦେଶମାନ ଜାରି କରିବେ ।

ସ୍ଥାନ :

ତାରିଖ : ଅଭିଯୋକ୍ତା / ବ୍ୟଥିତ ବ୍ୟକ୍ତି ଓକିଲଙ୍କ ଜରିଆରେ

**ସତ୍ୟପାଠ**

ମୁଁ............................(ସ୍ଥାନ) ଆଜିର ତାରିଖ...................ରେ ସତ୍ୟପାଠ କରୁଛି ଯେ, ଉପରୋକ୍ତ ଆବେଦନର ଅନୁଚ୍ଛେଦ ୧ ରୁ ୧୨ ଭିତରେ ସ୍ଥାନିତ ହୋଇଥିବା ସୂଚନା ସମୂହ ମୋର ସର୍ବୋତ୍କୃଷ୍ଟ ଜ୍ଞାତସାରରେ ସତ୍ୟ ଓ ନିର୍ଭୁଲ ଅଟେ ଏବଂ କୌଣସି ଆବଶ୍ୟକୀୟ ସୂଚନା ସେଥିରୁ ଲୁକ୍‌କାୟିତ ରଖାଯାଇନାହିଁ ।

ଅଭିସାକ୍ଷୀ

....................................................

ସୁରକ୍ଷା ଅଧିକାରୀଙ୍କ ସହସ୍ଵାକ୍ଷର

ତାରିଖ ସହ

# ଫର୍ମ–୩

## [ଦ୍ରଷ୍ଟବ୍ୟ ନିୟମ ୬ (୪) ଓ ୭]

### ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ର ଧାରା ୨୩ (୨) ଅଧିନରେ ଆଫିଡେଭିଟ୍ (ସତ୍ୟପାଠ)

ଅଦାଲତ......................................ଏମ୍.ଏମ୍................................ପୋଲିସ୍ ଥାନା.........................ସମ୍ମୁଖରେ ନିମ୍ନ ସଂକ୍ରାନ୍ତରେ :

ସୁଶ୍ରୀ....................................................ଏବଂ ଅନ୍ୟମାନେ..........................ଅଭିଯୋକ୍ତା

*ବନାମ*

ଶ୍ରୀ....................................................ଏବଂ ଅନ୍ୟମାନେ ପ୍ରତିବାଦୀ

**ଆଫିଡେଭିଟ୍ (ଶପଥପତ୍ର)**

ମୁଁ .......................................................,ପତ୍ନୀ ଶ୍ରୀ.....................................ନିବାସୀ...............................ଙ୍କର

ଝିଅ ଶ୍ରୀ.......................................................ନିବାସୀ............................ବର୍ତ୍ତମାନ ରହୁଥିବା ସ୍ଥାନ..................ଙ୍କର

ଏତଦ୍ୱାରା ସତ୍ୟନିଷ୍ଠ ଭାବେ ପ୍ରତିଜ୍ଞା କରୁଛି ଏବଂ ଶପଥ ପୂର୍ବକ ନିମ୍ନମତେ ଘୋଷଣା କରୁଛି ଯେ;

୧. ମୋପାଇଁ ଓ ମୋର ଝିଅ/ପୁଅ ପାଇଁ.......................ସକାଶେ ଏଥିରେ ସଂଲଗ୍ନ କରାଯାଇଥିବା ଆବେଦନରେ ମୁଁ ଆବେଦକ ଅଟେ ।

୨. ଏଥିରେ ମୁଁ ....................................................................ଙ୍କର ପ୍ରକୃତ ଅଭିଭାବକ ଅଟେ ।

୩. ମାମଲାର ତଥ୍ୟାବଳୀ ଓ ପରିସ୍ଥିତ ବିଷୟରେ ସୁପରିଚିତ ହୋଇ ମୁଁ ଏହି ସତ୍ୟପାଠ କରିବା ପାଇଁ ସମର୍ଥ ଅଟେ ।

୪. ଅଭିସାକ୍ଷୀ ପ୍ରତିବାଦୀ/ପ୍ରତିବାଦୀମାନଙ୍କ ସହ ................ସ୍ଥାନରେ.............ତାରିଖରୁ...........ତାରିଖ ପର୍ଯ୍ୟନ୍ତ ବାସ କରିଆସୁଥିଲେ ।

୫. .........................ଧାରା ଅଧିନରେ ଉପଶମ ମଞ୍ଜୁରି ପାଇଁ କରାଯାଇଥିବା ଏହି ଆବେଦନରେ ସନ୍ନିବେଶିତ ହୋଇଥିବା ସବିଶେଷ ତଥ୍ୟାବଳୀ ମୋ ଦ୍ୱାରା / ମୋ ଅନୁଦେଶ ମତେ ସ୍ଥାନିତ କରାଯାଇଛି ।

୬. ଆବେଦନର ବିଷୟବସ୍ତୁ ମୋ ଆଗରେ ପଠିତ ଓ ବ୍ୟାଖ୍ୟାୟିତ କରିଦିଆଯାଇଛି । ଇଂରାଜୀ / ହିନ୍ଦୀ ଅଥବା ସ୍ଥାନୀୟ ଭାଷା.................... (ଭାଷାର ନାମ ଲେଖ) ରେ ।

୭. ଉଲ୍ଲିଖିତ ଆବେଦନର ବିଷୟବସ୍ତୁକୁ ଏହି ସତ୍ୟପାଠରେ ଅଂଶ ବିଶେଷ ରୂପେ ପାଠ କରାଯାଇପାରେ ଏବଂ ସଂକ୍ଷିପ୍ତତାକୁ ଦୃଷ୍ଟିରେ ରଖି ଏଠାରେ ପୁନର୍ବାର ଅବତାରଣା କରାଯାଉ ନାହିଁ ।

୮. ଆବେଦକ ଆଶଙ୍କା କରୁଛନ୍ତି ଯେ, ପ୍ରତିବାଦୀଙ୍କ ଦ୍ୱାରା ଘରୋଇ ହିଂସା ମୂଳକ ଘଟଣା ପୁଣି ଘଟିପାରେ ଏବଂ ତହିଁର ଉପଶମ ନିମନ୍ତେ ସଂଲଗ୍ନ ଆବେଦନରେ ନିବେଦନ କରାଯାଇଛି ।

୯. ପ୍ରତିବାଦୀ ଆବେଦକଙ୍କୁ ଧମକ ଦେଇଛନ୍ତି ଯେ,.......................................................................................

୧୦. ସଂଲଗ୍ନ ଆବେଦନରେ ଦାବୀ କରାଯାଇଥିବା ଉପଶମଗୁଡିକ ହାସଲ କରିବା ଜରୁରୀ ଅଟେ ଏବଂ ଯଦି ସେହି ଉପଶମ ଗୁଡିକ ଏକ ତରଫା ଓ ଅନ୍ତର୍ବର୍ତ୍ତୀ ଭିତ୍ତିରେ ମଞ୍ଜୁର ନ ହୁଏ, ତେବେ ଆବେଦକ ଦାରୁଣ ଆର୍ଥିକ ଦୁଃଖକଷ୍ଟର ସମ୍ମୁଖୀନ ହେବେ ଏବଂ ପ୍ରତିବାଦୀ (ଗଣ)ଙ୍କ ଦ୍ୱାରା ଯେଉଁ ପ୍ରକାର ଘରୋଇ ହିଂସା ଘଟାଯାଉଛି ବୋଲି ସଂଲଗ୍ନ ଆବେଦନରେ ଅଭିଯୋଗ କରାଯାଇଛି, ସେଗୁଡିକ ପୁନର୍ବାର ଘଟିବା ଓ ଅଧିକ ସାଂଘାତିକ ଆକାର ଧାରଣ କରିବାର ଆଶଙ୍କା ଭିତରେ ଜୀବନ ନିର୍ବାହ କରିବାକୁ ବାଧ୍ୟ ହେବେ ।

୧୧. ମୋର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ଏଠାରେ ସୂଚୀତ ସମସ୍ତ ତଥ୍ୟାବଳୀ ସତ୍ୟ ଓ ସଠିକ୍ ଅଟେ ଏବଂ କୌଣସି ପ୍ରୟୋଜନୀୟ ତଥ୍ୟକୁ ଲୁକ୍କାୟିତ ରଖାଯାଇନାହିଁ ।

**ଅଭିସାକ୍ଷୀ**

**ସତ୍ୟପାଠ**

ମୁଁ ଆଜି.............(ତାରିଖ).............(ମାସ).............(ବର୍ଷ).............(ସ୍ଥାନ)ରେ ସତ୍ୟପାଠ କରୁଛି ଯେ, ଉପରୋକ୍ତ ସତ୍ୟପାଠର ସମସ୍ତ ବିଷୟବସ୍ତୁ ମୋର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ସଠିକ୍ ଅଟେ ଏବଂ ଏହାର କୌଣସି ଅଂଶ ମିଥ୍ୟା ନୁହେଁ ତଥା କୌଣସି ପ୍ରୟୋଜନୀୟ ତଥ୍ୟ ଲୁକ୍କାୟିତ ରଖାଯାଇନାହିଁ ।

**ଅଭିସାକ୍ଷୀ**

# ଫର୍ମ–୪

## [ଦ୍ରଷ୍ଟବ୍ୟ ନିୟମ ୮ (୧)(୨)]

### ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ ଅଧିନରେ ବ୍ୟଥିତ ବ୍ୟକ୍ତିଙ୍କର ଅଧିକାର ସମୂହ ସମ୍ବନ୍ଧରେ ସୂଚନା

୧. ଯଦି ତୁମ ଘରେ ଏପରି ଜଣେ ବ୍ୟକ୍ତିଙ୍କ ଦ୍ୱାରା ମାଡ ଖାଇଥାଅ ବା ଧମକ ବା ନିର୍ଯ୍ୟାତନା ପାଇଥାଅ, ଯେ କି ସେହି ଘରେ ତୁମ ସହିତ ବାସ କରନ୍ତି, ତେବେ ତୁମେ ଘରୋଇ ହିଂସାର ଶୀକାର ହୋଇଛ । ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ, ୨୦୦୫ ତୁମକୁ ଘରୋଇ ହିଂସା କବଳରୁ ସୁରକ୍ଷା ତଥା ଏଥିପାଇଁ ସହାୟତା ପାଇବା ପାଇଁ ଦାବୀ କରିବା ସକାଶେ ଅଧିକାର ପ୍ରଦାନ କରୁଛି ।

୨. ଯଦି ଗୋଟିଏ ଘରେ ତୁମେ ଯାହାଙ୍କ ସହିତ ରହୁଥିଲ ବା ରହୁଛ, ସେହି ବ୍ୟକ୍ତି ବା ବ୍ୟକ୍ତିମାନେ ତୁମପ୍ରତି ବା ତୁମର ଯତ୍ନ ଓ ହେପାଜତ୍‌ରେ ରହୁଥିବା ପିଲା ପ୍ରତି ନିମ୍ନ ପ୍ରକାରର ହିଂସାତ୍ମକ ଆଚରଣ କରିଥାନ୍ତି, ତେବେ ତୁମେ ଆଇନ୍ ଅଧିନରେ ସୁରକ୍ଷା ଓ ସହାୟତା ପାଇପାରିବ ।

**(୧) ଶାରୀରିକ ହିଂସା :**

ଉଦାହରଣ ସ୍ୱରୂପ

(୧) ମାଡ ମାରିବା
(୨) ଚାପୁଡ଼ା ପକାଇବା
(୩) ଆଘାତ ଦେବା
(୪) କାମୁଡିବା
(୫) ଗୋଇଠା ମାରିବା
(୬) ଫୋଡ଼ିବା
(୭) ଠେଲିଦେବା
(୮) ପେଲିଦବା
(୯) ବା ଅନ୍ୟକୌଣସି ଉପାୟରେ ଶାରୀରିକ ଯନ୍ତ୍ରଣା ବା ଆଘାତ ଦେବା ।

**(୨) ଯୌନ ହିଂସା :**

ଉଦାହରଣ ସ୍ୱରୂପ –

(୧) ବଳପୂର୍ବକ ସମ୍ଭୋଗ କରିବା;
(୨) କାମୋଦ୍ଦୀପକ ବା ଅନ୍ୟ କୌଣସି ଅଶ୍ଳୀଳ ଛବି ବା ସରଞ୍ଜାମକୁ ଦେଖିବା ପାଇଁ ବାଧ କରାଇବା;
(୩) ତୁମକୁ ହୀନ, ଅପମାନ ଓ ଅବମାନନା କରୁଥିବା ଯେକୌଣସି ଯୌନଗତ ଆଚରଣ ଅଥବା ତୁମର ମର୍ଯ୍ୟାଦାକୁ ଉଲଂଘନ କରୁଥିବା ଅଥବା ଅଶ୍ୱସ୍ତିକର ବୋଧ ହେଉଥିବା ଅନ୍ୟ ଯେକୌଣସି ଯୌନଗତ ଆଚରଣ ।
(୪) ପିଲାଙ୍କ ପ୍ରତି ଯୌନଗତ ଦୁର୍ବ୍ୟବହାର

**(୩) ବାଚନିକ ଓ ଭାବାବେଗଗତ ହିଂସା :**

ଉଦାହରଣ ସ୍ୱରୂପ –

(୧) ଅପମାନ କରିବା;
(୨) ଗାଳିଗୁଲଜ କରିବା;
(୩) ତୁମର ଚରିତ୍ର ବା ଆଚରଣକୁ ଆକ୍ଷେପ କରି ଦୋଷାରୋପ କରିବା;
(୪) ପୁତ୍ର ସନ୍ତାନ ଜନ୍ମ ନ କରିବା କାରଣରୁ ଅପମାନ ଦେବା;
(୫) ଯୌତୁକ ନଆଣିବା କାରଣରୁ ଅପମାନ ଦେବା;
(୬) ତୁମକୁ ବା ତୁମ ହେପାଜତ୍‌ରେ ଥିବା ପିଲାକୁ ସ୍କୁଲ, କଲେଜ ବା ଅନ୍ୟକୌଣସି ଶିକ୍ଷାନୁଷ୍ଠାନରେ ଯୋଗଦେବାକୁ ବାରଣ କରିବା;
(୭) ଚାକିରୀ କରିବାକୁ ବାରଣ କରିବା;
(୮) ଚାକିରୀ ଛାଡ଼ିବାପାଇଁ ତୁମକୁ ବାଧ୍ୟ କରିବା;

(୯) ତୁମକୁ ବା ତୁମ ହେପାଜତ୍‌ରେ ଥିବା ପିଲାଙ୍କୁ ଘରୁ ବାହାରକୁ ଯିବାପାଇଁ ବାରଣ କରିବା;
(୧୦) ସାଧାରଣ ଘଟଣା  କ୍ରମରେ କୌଣସି ବ୍ୟକ୍ତି ସହିତ ଦେଖାସାକ୍ଷାତ କରିବାପାଇଁ ତୁମକୁ ବାରଣ କରିବା;
(୧୧) ବିଭାହେବାକୁ ଚାହୁଁନଥିବାବେଳେ ତୁମକୁ ବିଭା ହେବାପାଇଁ ବାଧ୍ୟ କରିବା;
(୧୨) ତୁମ ପସନ୍ଦର ଜଣେ ବ୍ୟକ୍ତିଙ୍କୁ ବିଭାହେବାପାଇଁ ତୁମକୁ ବାରଣ କରିବା;
(୧୩) ସେ / ସେମାନେ ତାଙ୍କ ପସନ୍ଦ ମୁତାବକ ଜଣେ ବ୍ୟକ୍ତିଙ୍କୁ ବିଭାହେବା ପାଇଁ ତୁମକୁ ବାଧ୍ୟ କରିବା;
(୧୪) ଆତ୍ମହତ୍ୟା କରିବାପାଇଁ ଧମକ ଦେବା;
(୧୫) ଅନ୍ୟ କୌଣସି ପ୍ରକାରର ବାଚନିକ ବା ଭାବାବେଗଗତ ଦୁର୍ବ୍ୟବହାର ।

**(୪) ଆର୍ଥିକ ହିଂସା :**

ଉଦାହରଣ ସ୍ୱରୂପ –

(୧) ତୁମର ଓ ତୁମ ପିଲାମାନଙ୍କର ଭରଣପୋଷଣ ପାଇଁ ଅର୍ଥ ନ ଦେବା;
(୨) ତୁମ ବା ତୁମର ପିଲାମାନଙ୍କର ଖାଦ୍ୟ, ପୋଷାକ, ଚିକିତ୍ସା ଆଦିର ବ୍ୟବସ୍ଥା ନ କରିବା;
(୩) ତୁମର ଚାକିରୀ ସହ ଜଡ଼ିତ କାର୍ଯ୍ୟ ସମ୍ପାଦନ କରିବାରୁ ତୁମକୁ ନିଷେଧ କରିବା;
(୪) ତୁମର ଚାକିରୀ ସହ ଜଡ଼ିତ କାର୍ଯ୍ୟ ସମ୍ପାଦନ କରିବା କ୍ଷେତ୍ରରେ ତୁମକୁ ହଇରାଣ କରିବା;
(୫) ଗୋଟିଏ ଚାକିରୀରେ ଯୋଗଦେବାପାଇଁ ତୁମକୁ ଅନୁମତି ନଦେବା;
(୬) ଦରମା, ମଜୁରୀ ଇତ୍ୟାଦିରୁ ତୁମର ଆୟକୁ ନେଇଯିବା;
(୭) ତୁମ ଦରମା, ମଜୁରୀ ଇତ୍ୟାଦିକୁ ତୁମକୁ ବ୍ୟବହାର କରିବାପାଇଁ ଅନୁମତି ନ ଦେବା;
(୮) ତୁମେ ରହୁଥିବା ଘରୁ ତୁମକୁ ବଳପୂର୍ବକ ନିକାଲି ଦେବା;
(୯) ଗୃହ ବା ଏହାର ଏକାଂଶରେ ପ୍ରବେଶ କରିବା ବା ବ୍ୟବହାର କରିବା ପାଇଁ ତୁମକୁ ଅନୁମତି ନ ଦେବା ।
(୧୦) ପୋଷାକ ଏବଂ ଗୃହର ସାଧାରଣ ବ୍ୟବହାର୍ଯ୍ୟ ସାମଗ୍ରୀ ବା ଜିନିଷକୁ ବ୍ୟବହାର କରିବା ପାଇଁ ଅନୁମତି ନଦେବା ।
(୧୧) ଯଦି ଭଡାରେ ରହୁଥାନ୍ତି, ତେବେ ଘରଭଡ଼ା ନ ଦେବା ।

**୩. ଗୋଟିଏ ଘରେ ତୁମେ ଯେଉଁମାନଙ୍କ ସହ ଏକାଠି ବାସ କରୁଅଛ ବା ରହୁଥିଲ, ସେପରି ବ୍ୟକ୍ତି (ମାନେ) ଯଦି ତୁମ ବିରୁଦ୍ଧରେ ଘରୋଇ ହିଂସା ଆଚରଣ କରୁଥାନ୍ତି, ତେବେ ତୁମେ ସେହି ବ୍ୟକ୍ତି(ମାନଙ୍କ) ବିରୁଦ୍ଧରେ ନିମ୍ନୋକ୍ତ ଆଦେଶନାମା ଭିତରୁ କୌଣସିଟିକୁ ବା ସବୁଗୁଡ଼ିକୁ ହାସଲ କରିପାରିବ–**

**(ଏ) ଧାରା ୧୮ ଅଧିନରେ**

(୧) ତୁମ ବା ତୁମ ପିଲାମାନଙ୍କ ଉପରେ ପୁଣି ସେମାନେ ଘରୋଇ ହିଂସା କରିବାରୁ ସେମାନଙ୍କୁ ନିଷେଧ କରିବା,
(୨) ସ୍ତ୍ରୀଧନ, ଗହଣାପତ୍ର ଓ ଲୁଗାପଟା ଇତ୍ୟାଦିକୁ ତୁମେ ଯେପରି ଫେରସ୍ତ ପାଇ ପାରିବ,
(୩) ଅଦାଲତର ବିନା ଅନୁମତିରେ ଜଏଣ୍ଟ ବ୍ୟାଙ୍କ ଆକାଉଣ୍ଟ ବା ଲକରକୁ ସେମାନେ ଯେପରି କାରବାର କରିପାରିବେନି ।

**(ବି) ଧାରା ୧୯ ଅଧିନରେ**

(୧) ସଂପୃକ୍ତ ବ୍ୟକ୍ତି(ମାନଙ୍କ) ସହ ରହୁଥିବା ଘରେ ତୁମେ ରହିବାକୁ ସେମାନେ ଯେପରି ବାରଣ କରିପାରିବେ ନାହିଁ,
(୨) ତୁମେ ଶାନ୍ତିପୂର୍ଣ୍ଣ ଭାବେ ବାସ କରିବାକୁ ସେମାନେ ଯେପରି ବାଧାଗ୍ରସ୍ତ ଓ ହସ୍ତକ୍ଷେପ କରିପାରିବେନି,
(୩) ତୁମେ ରହୁଥିବା ଘରକୁ ସେମାନେ ଯେପରି ହସ୍ତାନ୍ତର କରିପାରିବେନି,
(୪) ଯଦି ତୁମର ବାସସ୍ଥଳ ଭଡ଼ାସୂତ୍ରରେ ନିଆଯାଇଥାଏ, ତେବେ ଏହାର ଭଡ଼ା ଯେପରି ନିଶ୍ଚିତ ରୂପେ ପଇଠ କରାଯିବ ଅଥବା ଏପରି ଏକ ଯଥୋଚିତ ବିକଳ୍ପ ବାସସ୍ଥଳ ଯୋଗାଡ଼ କରିଦିଆଯିବ, ଯଦ୍ୱାରା ପୂର୍ବ ବାସସ୍ଥଳ ଭଳି ସମାନ ଧରଣର ନିରାପତ୍ତା ଓ ସୁବିଧାସୁଯୋଗ ମିଳିପାରୁଥିବ,
(୫) ଅଦାଲତର ବିନା ଅନୁମତିରେ ତୁମେ ବାସସ୍ଥାନ ରୂପେ ବ୍ୟବହାର କରୁଥିବା ସମ୍ପତ୍ତି ଉପରୁ ସେମାନେ ଯେପରି ନିଜର ଅଧିକାର ପ୍ରତ୍ୟାହାର କରିନେବେ ନାହିଁ ।
(୬) ତୁମେ ବାସ କରୁଥିବା ଘର/ସମ୍ପତ୍ତିକୁ ଦେଖାଇ ସେମାନେ ଯେପରି କୌଣସି ଋଣ ନ ଆଣନ୍ତି ବା ସମ୍ପତ୍ତିକୁ ବନ୍ଧକ ନ ରଖନ୍ତି ବା ଏହାକୁ କେନ୍ଦ୍ର କରି ନୂତନ ଧରଣର ଆର୍ଥିକ ବୋଝ ସୃଷ୍ଟି ନ କରନ୍ତି,
(୭) ତୁମର ନିରାପତ୍ତା ସ୍ୱାର୍ଥରେ ସଂପୃକ୍ତ ବ୍ୟକ୍ତି (ମାନ)ଙ୍କ ଦ୍ୱାରା ....... ନିମ୍ନୋକ୍ତ କୌଣସି ବା ସମସ୍ତ ଆଦେଶ –

**(ସି) ସାଧାରଣ ଆଦେଶ :**

(୧) ପ୍ରାପ୍ତ ଅଭିଯୋଗ/ବିବରଣୀରେ ସୂଚୀତ ହୋଇଥିବା ଘରୋଇ ହିଂସାର ଆଚରଣ ବନ୍ଦ କରିବା।

**(ଡି) ସ୍ୱତନ୍ତ୍ର ଆଦେଶମାନ**

(୧) ତୁମର ବାସସ୍ଥଳ ବା କାର୍ଯ୍ୟସ୍ଥଳରୁ ସେ ନିଜକୁ ଅଲଗା କରିବେ ବା ଦୂରେଇ ରଖିବେ ।

(୨) ତୁମକୁ ଦେଖାସାକ୍ଷାତ୍ ପାଇଁ ଉଦ୍ୟମ କରିବାରୁ ସେ ନିବୃତ୍ତ ରହିବେ ।

(୩) ସେ ତୁମ ସହିତ ଟେଲିଫୋନରେ କଥା ହେବାରୁ ନିବୃତ୍ତ ରହିବେ ତଥା ଚିଠି, ଇ-ମେଲ୍ ଇତ୍ୟାଦି ମାଧ୍ୟମରେ ତୁମ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟାରୁ ନିବୃତ୍ତ ରହିବେ ।

(୪) ବିବାହ ବିଷୟରେ ତୁମ ସହିତ କଥା ହେବାରୁ ନିବୃତ୍ତ ରହିବେ ତଥା ସେମାନଙ୍କ ପସନ୍ଦ ମୁତାବକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବିବାହ ଉଦ୍ଦେଶ୍ୟରେ ଦେଖା କରିବାପାଇଁ ବାଧ କରିବାରୁ ନିବୃତ୍ତ ରହିବେ ।

(୫) ତୁମର ପିଲା ବା ପିଲାମାନଙ୍କ ସ୍କୁଲରୁ ତଥା ତୁମେ ଓ ତୁମର ପିଲାମାନେ ଯାଉଥିବା ସ୍ଥାନରୁ ସେ ନିଜକୁ ଦୂରେଇ ରଖିବେ,

(୬) ଆଗ୍ନେୟାସ୍ତ୍ର, ଅନ୍ୟ କୌଣସି ଅସ୍ତ୍ର ବା ଅନ୍ୟ କୌଣସି ବିପଦଜ୍ଜନକ ସାମଗ୍ରୀକୁ ସମର୍ପଣ କରିବେ ।

(୭) ଆଗ୍ନେୟାସ୍ତ୍ର, ଅନ୍ୟ କୌଣସି ଅସ୍ତ୍ର ବା ଅନ୍ୟ କୌଣସି ବିପଦଜ୍ଜନକ ପଦାର୍ଥକୁ ନିଜ ସ୍ୱତ୍ୱାଧିକାରରେ ରଖିବେ ନାହିଁ, କିମ୍ବା ତାଦୃଶ କୌଣସି ସାମଗ୍ରୀ ପାଖରେ ରଖିବେ ନାହିଁ ।

(୮) ସେହିସବୁ ମଦ ବା ନିଶାଦ୍ରବ୍ୟ, ଯାହାର ପ୍ରଭାବ ଯୋଗୁଁ ଅତୀତରେ ଘରୋଇ ହିଂସା ଘଟିଛି, ସେଗୁଡ଼ିକୁ ସେବନ କରିବେନାହିଁ।

(୯) ତୁମର ଏବଂ ତୁମ ପିଲାମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବାର ଆବଶ୍ୟକତା ଦୃଷ୍ଟିରୁ ଅନ୍ୟ ଯେ କୌଣସି ପଦକ୍ଷେପ ।

**(ଇ) ଧାରା ୨୦ ଓ ୨୨ ଅଧିନରେ ଅନ୍ତର୍ବର୍ତ୍ତୀକାଳୀନ ଆର୍ଥିକ ଉପଶମ ପାଇଁ ଏକ ଆଦେଶ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିବ –**

(୧) ତୁମ ଏବଂ ତୁମର ପିଲାମାନଙ୍କ ପାଇଁ ଭରଣ ପୋଷଣ ।

(୨) ଚିକିତ୍ସା ଖର୍ଚ୍ଚ ସମେତ ଶାରୀରିକ ଆଘାତ ପାଇଁ କ୍ଷତି ପୂରଣ ।

(୩) ମାନସିକ ନିର୍ଯ୍ୟାତନା ଓ ଭାବାବେଗଗତ ଦୂରବସ୍ଥା ପାଇଁ କ୍ଷତିପୂରଣ ।

(୪) ରୋଜଗାର ହାନି ବାବଦରେ କ୍ଷତିପୂରଣ ।

(୫) ତୁମର ଆୟତ୍ତ ଓ ନିୟନ୍ତ୍ରଣ ଅଧିନରେ ଥିବା କୌଣସି ସମ୍ପତ୍ତିର ବିନଷ୍ଟ, ଭଙ୍ଗାରୁଜା ବା ଅପସାରଣ କାରଣରୁ ଘଟିଥିବା କ୍ଷୟକ୍ଷତି ବାବଦରେ କ୍ଷତିପୂରଣ ।

ଦ୍ରଷ୍ଟବ୍ୟ-୧: ଘରୋଇ ହିଂସା ସମ୍ବନ୍ଧରେ ଆପଣ ଗୋଟିଏ ଅଭିଯୋଗ କରିବା ତଥା ଅଦାଲତ ସମ୍ମୁଖରେ କୌଣସି ଉପଶମ ଉଦ୍ଦେଶ୍ୟରେ ଆପଣଙ୍କ ଆବେଦନ ଉପସ୍ଥାପିତ ହେବା ସଙ୍ଗେ ସଙ୍ଗେ ଉପରେ ସୂଚୀତ ହୋଇଥିବା ଯେ କୌଣସି ଉପଶମ ଆପଣଙ୍କୁ ଅନ୍ତର୍ବର୍ତ୍ତୀ ଭିତ୍ତିରେ ମଞ୍ଜୁର ହୋଇପାରିବ ।

ଦ୍ରଷ୍ଟବ୍ୟ-୨ : ଘରୋଇ ହିଂସା ସମ୍ବନ୍ଧରେ ଫର୍ମ-୧ରେ ପ୍ରସ୍ତୁତ ଏକ ଅଭିଯୋଗକୁ 'ଘରୋଇ ଘଟଣା ବିବରଣୀ' ବୋଲି କୁହାଯିବ ।

**୪. ଆପଣ ଯଦି ଘରୋଇ ହିଂସାର ଶରବ୍ୟ ହୋଇଥାନ୍ତି ତେବେ ଆପଣଙ୍କର ନିମ୍ନୋକ୍ତ ଅଧିକାରମାନ ରହିଛି :**

(୧) ଆଇନ୍ ଧାରା ୫ ଅଧୀନରେ ଆପଣଙ୍କର ଯେଉଁ ସବୁ ଅଧିକାର ସମୂହ ଓ ଉପଶମ ରହିଛି, ସେଗୁଡ଼ିକ ସମ୍ବନ୍ଧରେ ଆପଣଙ୍କୁ ଅବଗତ କରାଇବା କ୍ଷେତ୍ରରେ ସୁରକ୍ଷା ଅଧିକାରୀ ଓ ସେବା ପ୍ରବନ୍ଧକମାନଙ୍କର ସହାୟତା ।

(୨) ଧାରା ୯ ଓ ଧାରା ୧୦ ଅଧିନରେ ଆପଣଙ୍କ ଅଭିଯୋଗର ପଞ୍ଜିକରଣ ଓ ଆବେଦନ ରଜୁ କରିବା ବ୍ୟାପାରରେ ଆପଣଙ୍କୁ ସୁରକ୍ଷା ଅଧିକାରୀ, ସେବା ପ୍ରବନ୍ଧକ ଓ ନିକଟତମ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସହାୟତା ପ୍ରଦାନ ।

(୩) ଧାରା ୧୮ ଅଧୀନରେ ଆପଣ ଓ ଆପଣଙ୍କ ପିଲାମାନଙ୍କୁ ଘରୋଇ ହିଂସା କବଳରୁ ସୁରକ୍ଷା ପ୍ରାପ୍ତି

(୪) ଆପଣଙ୍କ ପିଲାମାନେ ନିର୍ଦ୍ଦିଷ୍ଟଭାବେ ସମ୍ମୁଖୀନ ହେଉଥିବା ବିପଦ ଓ ନିସହାୟତାରୁ ସୁରକ୍ଷିତ ରହିବା ନିମନ୍ତେ ପଦକ୍ଷେପ ଓ ଆଦେଶମାନ ଦାବୀ କରିବା ପାଇଁ ଆପଣଙ୍କର ଅଧିକାର ରହିଛି ।

(୫) ଯେଉଁ ଗୃହରେ ଆପଣ ଘରୋଇ ହିଂସା ଭୋଗିଛନ୍ତି, ସେଠି ରହିବାର ଅଧିକାର ଆପଣଙ୍କର ରହିଛି ତଥା ଧାରା ୧୯ ଅଧୀନରେ ସେହି ଗୃହରେ ରହୁଥିବା ଅନ୍ୟ ବ୍ୟକ୍ତିଙ୍କ ଉପରେ କଟକଣା ଜାରି କରାଯିବ, ଯଦ୍ଦ୍ୱାରା ଆପଣ ଓ ଆପଣଙ୍କ ପିଲାମାନେ ସେହିଗୃହରେ ଶାନ୍ତିପୂର୍ଣ୍ଣ ଭାବେ ବସବାସ କରିବା ଏବଂ ଉପଭୋଗ କରୁଥିବା ସୁବିଧାସୁଯୋଗ ଉପରେ ସେ ହସ୍ତକ୍ଷେପ କି ଗୋଳମାଳ କରିବେ ନାହିଁ ।

(୬) ଆପଣଙ୍କର ସ୍ତ୍ରୀଧନ, ଗହଣାପତ୍ର, ଲୁଗାପଟା, ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ଗୃହଉପକରଣକୁ ଧାରା ୧୮ ଅଧୀନରେ ଫେରସ୍ତ ପାଇବା ।

(୭) ଧାରା ୬,୭,୯ ଏବଂ ୧୪ ଅଧୀନରେ ଚିକିତ୍ସା ସହାୟତା, ଆଶ୍ରୟ, ପରାମର୍ଶ ଏବଂ ଆଇନ୍ ସହାୟତା ଲାଭ କରିବା

(୮) ଆପଣଙ୍କ ଉପରେ ଘରୋଇ ହିଂସା କରିଥିବା ବ୍ୟକ୍ତିଙ୍କ ଉପରେ ଧାରା ୧୮ ଅଧୀନରେ ଏପରି କଟକଣା ଜାରିହେବ, ଯଦ୍ୱାରା ସେ କୌଣସି ମାଧ୍ୟମରେ ଆପଣଙ୍କୁ ଯୋଗାଯୋଗ କରିବା ବା ଆପଣଙ୍କ ସହ ବାର୍ତ୍ତା ବିନିମୟ କରିବାରୁ କ୍ଷାନ୍ତ ରହିବେ ।

(୯) ଧାରା ୨୨ ଅଧୀନରେ ଶାରୀରିକ ବା ମାନସିକ କ୍ଷୟକ୍ଷତି ଅଥବା ଅନ୍ୟ କୌଣସି ଆର୍ଥିକ କ୍ଷତି, ଯାହାକି ଘରୋଇ ହିଂସା କାରଣରୁ ଘଟିଥିବ, ସେ ବାବଦରେ କ୍ଷତିପୂରଣ ପାଇବା ।

(୧୦) ଧାରା ୧୨,୧୮,୧୯,୨୦,୨୧,୨୨ ଓ ୨୩ ଅଧୀନରେ ଅଦାଲତଙ୍କ ପାଖରେ ସିଧାସଳଖ ଅଭିଯୋଗ ବା ଉପଶମ ପାଇଁ ଆବେଦନ ଦାଖଲ କରିବାର ଅଧିକାର ।

(୧୧) ଆପଣଙ୍କ ଦ୍ୱାରା ଦାଏର ହୋଇଥିବା ଅଭିଯୋଗ ଏବଂ ଆବେଦନର ନକଲ ତଥା ଆପଣ କିମ୍ବା ଆପଣଙ୍କ ପିଲାମାନଙ୍କର ଯେଉଁସବୁ ଡାକ୍ତରୀ ବା ଅନ୍ୟ ପରୀକ୍ଷା କରାଯାଇଥିବ, ସେଗୁଡ଼ିକର ବିବରଣୀର ନକଲ ସବୁକୁ ପାଇବାର ଅଧିକାର ।

(୧୨) ଘରୋଇ ହିଂସା ପରିପ୍ରେକ୍ଷିରେ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଯେତେସବୁ ବୟାନ୍ ଅଭିଲିଖିତ (ରେକର୍ଡ) ହୋଇଥିବ, ସେଗୁଡ଼ିକର ନକଲ ପାଇବାର ଅଧିକାର ।

(୧୩) କୌଣସି ବିପଦରୁ ଆପଣଙ୍କୁ ଉଦ୍ଧାର କରିବା ପାଇଁ ସୁରକ୍ଷା ଅଧିକାରୀ ବା ପୋଲିସ୍‌ର ସହାୟତା ।

**୫. ଏହି ଫର୍ମ ଦାଖଲ କରୁଥିବା ବ୍ୟକ୍ତି ଏହାକୁ ସୁନିଶ୍ଚିତ କରିବା ଉଚିତ୍ ଯେ, ସମସ୍ତ ପଞ୍ଜିକୃତ ସେବା ପ୍ରବନ୍ଧକମାନଙ୍କ ସମ୍ବନ୍ଧରେ ବିଶଦ୍ ବିବରଣ ନିମ୍ନରେ ପ୍ରଦତ୍ତ ପ୍ରଣାଳୀ ଓ ସ୍ଥାନ ଅନୁଯାୟୀ ଦରଜ କରାଯିବ । ସ୍ଥାନୀୟ ଇଲାକାରେ ଥିବା ସେବା ପ୍ରବନ୍ଧକମାନଙ୍କର ତାଲିକା ନିମ୍ନରେ ଦିଆଯାଉଛି :**

| ସଂସ୍ଥାର ନାମ | କେଉଁ ପ୍ରକାର ସେବା | ଯୋଗାଯୋଗ କରିବାର ବିବରଣ |
|---|---|---|
| | | |
| | | |
| | | |
| | | |
| | | |
| | | |
| | | |
| | | |

ଯଦି ଏହି ତାଲିକାକୁ ଲମ୍ବେଇବାକୁ ପଡ଼େ, ତେବେ ଏଥିପାଇଁ ସ୍ୱତନ୍ତ୍ର ପୃଷ୍ଠା ଯୋଡ଼ନ୍ତୁ....

# ଫର୍ମ–୫

## [ଦ୍ରଷ୍ଟବ୍ୟ ନିୟମ ୮ (୧)(୪)]

### ନିରାପତ୍ତା ଯୋଜନା

୧. ଯେତେବେଳେ ଜଣେ ସୁରକ୍ଷା ଅଧିକାରୀ, ପୋଲିସ୍ ଅଧିକାରୀ ବା ଅନ୍ୟ କୌଣସି ସେବା ପ୍ରବନ୍ଧକ ଏହି ଫର୍ମ ପୂରଣ କରବା ପାଇଁ ସଂପୃକ୍ତ ମହିଳାଙ୍କୁ ସହାୟତା ଦେବେ, ସେତେବେଳେ ଯଥାସ୍ଥିତି ସେମାନେ ସ୍ତମ୍ଭ 'ସି' ଓ 'ଡି'ରେ ଆବଶ୍ୟକ ପଡୁଥିବା ବିଶଦ୍ ତଥ୍ୟାବଳୀକୁ ଅଭିଯୋକ୍ତାଙ୍କ ସହ ପରାମର୍ଶ କରି ଓ ତାଙ୍କ ସମ୍ମତି ଦେଇ ସ୍ଥାନିତ କରିବେ ।

୨. ଯେଉଁ ବ୍ୟଥିତ ବ୍ୟକ୍ତି ସିଧାସଳଖ ଅଦାଲତର ଦ୍ୱାରସ୍ଥ ହେବେ, ସେ ସ୍ତମ୍ଭ 'ସି' ଓ 'ଡ଼ି' ରେ ବିଶଦ୍ ତଥ୍ୟାବଳୀ ନିଜେ ପ୍ରଦାନ କରିପାରନ୍ତି ।

୩. ଯଦି ବ୍ୟଥିତ ବ୍ୟକ୍ତି ସ୍ତମ୍ଭ 'ସି' ଓ 'ଡ଼ି'କୁ ଖାଲି ରଖି ସିଧାସଳଖ ଅଦାଲତର ଦ୍ୱାରସ୍ଥ ହେଉଥାନ୍ତି, ତେବେ ଅଭିଯୋକ୍ତାଙ୍କ ସହ ପରାମର୍ଶ କରି ତଥା ତାଙ୍କର ସମ୍ମତି ନେଇ ସଂପୃକ୍ତ ସୁରକ୍ଷା ଅଧିକାରୀ ସେହି ସ୍ତମ୍ଭ ଗୁଡ଼ିକରେ ଆବଶ୍ୟକ ତଥ୍ୟାବଳୀ ସ୍ଥାନିତ କରିବେ ।

| | ଏ | ବି | ସି | ଡି | ଇ |
|---|---|---|---|---|---|
| କ୍ର.ସଂ | ପ୍ରତିବାଦୀଙ୍କ ଦ୍ୱାରା ଘଟିଥିବା ହିଂସା | ସ୍ତମ୍ଭ 'ଏ' ଅନୁଯାୟୀ ବ୍ୟଥିତ ବ୍ୟକ୍ତି ଭୋଗିଥିବା ହିଂସାର ପରିଣତି ସମୂହ | ସ୍ତମ୍ଭ 'ଏ'ରେ ସୂଚୀତ ହୋଇ ଥିବା ହିଂସା ସମ୍ବନ୍ଧରେ ବ୍ୟଥିତ ବ୍ୟକ୍ତିଙ୍କ ଆଶଙ୍କା ସମୂହ | ନିରାପତ୍ତା ପାଇଁ ଆବଶ୍ୟକ ପଡୁଥିବା ପଦକ୍ଷେପମାନ | ଅଦାଲତଙ୍କ ଠାରୁ କେଉଁସବୁ ଆଦେଶ ଚାହୁଁଛନ୍ତି |
| ୧. | ପ୍ରତିବାଦୀଙ୍କ ଦ୍ୱାରା ଘଟିଥିବା ଶାରୀରିକ ହିଂସା | ଅଭିଯୋକ୍ତା ଓ ତାଙ୍କ ପିଲାଙ୍କ ଉପରେ ଶାରୀରିକ ହିଂସା ପୁନର୍ବାର ଘଟିପାରେ ବୋଲି ଅଭିଯୋକ୍ତାଙ୍କର ଥିବା ଆଶଙ୍କା | (ଏ) ପୁନର୍ବାର ଘଟାଇବା<br>(ବି)ଅଧିକରୁ ଅଧିକ ଘଟାଇବା<br>(ସି) ଆହତ ହେବାରଆଶଙ୍କା<br>(ଡି) ଯଦି ଅନ୍ୟ କିଛି, ତେବେ ସୂଚନା ଦିଅ | | |
| ୨. | ତୁମର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କଲାଭଳି କୌଣସି ଯୌନଗତ ଦୁର୍ବ୍ୟବହାର, ଅପମାନ ବା ଅବମାନନା | (ଏ) ମାନସିକ ଅବସାଦ<br>(ବି) ଏଭଳି କାର୍ଯ୍ୟ ପୁନର୍ବାର ଘଟିବାର ବିପଦ<br>(ସି) ଏଭଳି କାର୍ଯ୍ୟମାନ ପୁଣି ଘଟେଇବାର ଉଦ୍ୟମକୁ ସାମନା କରିବା | (ଏ) ପୁନର୍ବାର ଘଟାଇବା<br>(ବି) ଅଧିକରୁ ଅଧିକ ଘଟାଇବା<br>(ସି) ଯଦି ଅନ୍ୟକିଛି, ତେବେ ସୂଚନା ଦିଅ | | |
| ୩. | ତଣ୍ଟିଚିପି ମାରିଦେବାକୁ ଉଦ୍ୟମ | (ଏ) ଶାରୀରିକ ଆଘାତ<br>(ବି) ମାନସିକ ଅସୁସ୍ଥତା<br>(ସି) ଯଦି ଅନ୍ୟକିଛି, ତେବେ ସୂଚନା ଦିଅ | (ଏ) ପୁନର୍ବାର ଘଟାଇବା<br>(ବି) ଯଦି ଅନ୍ୟକିଛି, ତେବେ ସୂଚନା ଦିଅ | | |
| ୪. | ପିଲାମାନଙ୍କୁ ବାଢ଼େଇବା | ଏ) ପିଲାମାନଙ୍କୁ ଆଘାତ କରିବା<br>ବି) ଉପରୋକ୍ତ କାର୍ଯ୍ୟ ଫଳରେ ପିଲାମାନଙ୍କ ମନ ଉପରେ ପଡୁଥିବା କୁ-ପ୍ରଭାବ<br>(ସି)ଅନ୍ୟକିଛିଥିଲେ, ସୂଚନାଦିଅ | ଏ) ପୁନର୍ବାର ଘଟିବାର ଆଶଙ୍କା<br>ବି) ପିଲା ଉପରେ ହିଂସାତ୍ମକ ଆଚରଣ ଓ ବାତାବରଣର କୁ-ପ୍ରଭାବ | | |

| | ଏ | ବି | ସି | ଡି | ଇ |
|---|---|---|---|---|---|
| ୫. | ପ୍ରତିବାଦୀ ଆତ୍ମହତ୍ୟା କରିଦେବେ ବୋଲି ଧମକ ଦେବା | ଏ) ଘରଭିତରେ ଏକ ହିଂସାପୂର୍ଣ୍ଣ ବାତାବରଣ<br>ବି) ନିରାପତ୍ତା ପ୍ରତି ବିପଦ<br>ସି) ଅନ୍ୟ କିଛି ଥିଲେ, ସୂଚନାଦିଅ | ଏ) ସେହି କାର୍ଯ୍ୟକୁ ପୁନର୍ବାର ଘଟେଇବା ପାଇଁ ବାସ୍ତବ ପକ୍ଷେ ଉଦ୍ୟମ କରିବା<br>ବି) ପୁନର୍ବାର ଘଟାଇବା<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| ୬. | ଆତ୍ମହତ୍ୟା ପାଇଁ ପ୍ରତିବାଦୀଙ୍କ ଉଦ୍ୟମମାନ | ଏ) ଘରଭିତରେ ହିଂସାପୂର୍ଣ୍ଣ ବାତାବରଣ<br>ବି) ସୁରକ୍ଷାର ଅଭାବ, ଆଶଙ୍କା, ବିଷାଦ ଓ ମାନସିକ ଧକ୍‌କା<br>ସି) ଅନ୍ୟକିଛି ଥିଲେ, ସୂଚନାଦିଅ | ଏ) ସେହିକାର୍ଯ୍ୟକୁ ପୁନର୍ବାର ଘଟାଇବା, ଅଧିକ ଘଟାଇବା ଓ ଭୟଙ୍କର ଭାବେ ଘଟାଇବା<br>ବି) ମାନସିକ ଧକ୍କା ଓ ଯନ୍ତ୍ରଣା<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| ୭. | ଅଭିଯୋକ୍ତାଙ୍କ ପ୍ରତି ମାନସିକ ଓ ଭାବାବେଗଗତ ଦୁର୍ବ୍ୟବହାର, ଯଥା ଅପମାନ ଦେବା, ପରିହାସ କରିବା, ଉପହାସ କରିବା, ପୁଅ ପିଲା ଜନ୍ମ କରି ନାହିଁ ବୋଲି ଅପମାନ ଦେବା, ଅସତୀ ବୋଲି ଦୋଷ ଲଦିବା ଇତ୍ୟାଦି | ଏ) ମାନସିକ ଅବସାଦ<br>ବି) ମାନସିକ ଧକ୍‌କା, ଯନ୍ତ୍ରଣା<br>ସି) ପିଲାମାନଙ୍କ ପାଇଁ ଏକ ପ୍ରତିକୂଳ ବାତାବରଣ<br>ଡି) ଅନ୍ୟକିଛିଥିଲେ, ସୂଚନା ଦିଅ | ଏ) ସେହିକାର୍ଯ୍ୟକୁ ପୁନର୍ବାର ଘଟାଇବା, ଅଧିକ ଘଟାଇବା ଓ ଭୟଙ୍କର ଭାବେ ଘଟାଇବା<br>ବି) ମାନସିକ ଧକ୍କା ଓ ଯନ୍ତ୍ରଣା<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| ୮. | ବ୍ୟଥିତ ବ୍ୟକ୍ତି, ତାଙ୍କ ପିଲା, ପିତାମାତା ଏବଂ ଜ୍ଞାତିଜନଙ୍କ ପ୍ରତି ପ୍ରତିବାଦୀ କ୍ଷତି ଘଟାଇବେ ବୋଲି ବାଚନିକ ଧମକ ଦେବା | ଏ) ସଦାସର୍ବଦା ଭୟ ଭିତରେ ବଞ୍ଚି ରହିବା<br>ବି) ମାନସିକ ଧକ୍‌କା, ଯନ୍ତ୍ରଣା<br>ସି) ଅନ୍ୟକିଛି ଥିଲେ, ସୂଚନାଦିଅ | ଏ) ସୂଚୀତ ବିପଦଗୁଡ଼ିକୁ ପ୍ରତିବାଦୀ ଘଟାଇ ପାରନ୍ତି<br>ବି) ମାନସିକ ଧକ୍‌କା, ଯନ୍ତ୍ରଣା<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| ୯. | ସ୍କୁଲ, କଲେଜ କିମ୍ବା ଅନ୍ୟ କୌଣସି ଶିକ୍ଷା ଅନୁଷ୍ଠାନରେ ଯୋଗଦାନକୁ ବଳପୂର୍ବକ ବାରଣ କରିବା | ଏ) ମାନସିକ ଅବସାଦ<br>ବି) ମାନସିକ ଧକ୍‌କା, ଯନ୍ତ୍ରଣା<br>ସି) ଅନ୍ୟକିଛି ଥିଲେ, ସୂଚନାଦିଅ | ଏ) ପୁନର୍ବାର ଘଟାଇବା<br>ବି) ମାନସିକ ଧକ୍କା, ଯନ୍ତ୍ରଣା<br>ସି) ଅନ୍ୟ କିଛି ଥିଲେ, ସୂଚନାଦିଅ | | |

| | ଏ | ବି | ସି | ଡି | ଇ |
|---|---|---|---|---|---|
| **୧୦.** | ବିଭାହେବାକୁ ତୁମେ ଚାହୁଁ ନଥିବା ବେଳେ ତୁମକୁ ବିଭାହେବା ପାଇଁ ବାଧ୍ୟକରିବା, ତୁମର ପସନ୍ଦ ମୁତାବକ ବ୍ୟକ୍ତିଙ୍କୁ ବିଭା ହେବାକୁ ବଳପୂର୍ବକ ବାରଣ କରିବା, ପ୍ରତିବାଦୀଙ୍କ ପସନ୍ଦ ମୁତାବକ ବ୍ୟକ୍ତିଙ୍କୁ ବିବାହ କରିବା ପାଇଁ ବାଧ କରିବା | ଏ) ମାନସିକ ଅବସାଦ<br>ବି) ମାନସିକ ଧକ୍‌କା, ଯନ୍ତ୍ରଣା<br>ସି) ଜବରଦସ୍ତ ବିବାହ କରିଦେବେ ବୋଲି ଆଶଙ୍କା<br>ଡି) ଅନ୍ୟ କିଛି ଥିଲେ, ସୂଚନାଦିଅ | ଏ) ପୁନର୍ବାର ଘଟେଇବା<br>ବି) ମାନସିକ ଧକ୍କା, ଯନ୍ତ୍ରଣା<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| **୧୧.** | ପିଲାଙ୍କୁ ଅପହରଣ କରିନେବା ପାଇଁ ଧମକ ଦେବା | ଏ) ସଦାସର୍ବଦା ଭୟଭୀତ ହୋଇ ରହିବା<br>ବି) ପିଲାମାନଙ୍କ ସୁରକ୍ଷା ପ୍ରତି ବିପଦ<br>ସି) ଅନ୍ୟ କିଛି ଥିଲେ, ସୂଚନାଦିଅ | ଏ) ପିଲାମାନଙ୍କୁ ଅପହରଣ କରି ନିଆ ଯାଇପାରେ<br>ବି) ଅନ୍ୟକିଛି ଥିଲେ, ସୂଚନା ଦିଅ | | |
| **୧୨.** | ବ୍ୟଥିତ ବ୍ୟକ୍ତି, ତାଙ୍କର ପିଲା ଓ ସଂପର୍କୀୟମାନଙ୍କର ବାସ୍ତବରେ କ୍ଷତି ଘଟାଇବା | ଏ) ପୁନର୍ବାର କ୍ଷତି ଘଟିବାର ଆଶଙ୍କା ଭିତରେ ବଞ୍ଚି ରହିବା<br>ବି) ଅନ୍ୟ କିଛି ଥିଲେ, ସୂଚନାଦିଅ | ଏ) ପୁନର୍ବାର ଘଟାଇବା<br>ବି) ଅଧିକ ଘଟାଇବା<br>ସି) ଆଘାତ କରିବାର ଭୟ<br>ଡି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| **୧୩.** | ନିଶାଦ୍ରବ୍ୟ ଓ ମଦ ଇତ୍ୟାଦି ସାମଗ୍ରୀର ଅପବ୍ୟବହାର | ଏ) ନିଶାଦ୍ରବ୍ୟ ସେବନ କାରଣରୁ ପ୍ରତିବାଦୀ କରୁଥିବା ଅପମାନ ଜନକ ଓ ହିଂସାତ୍ମକ ବ୍ୟବହାର ଯୋଗୁଁ ସଦାସର୍ବଦା ଭୀତସଂତ୍ରସ୍ତ ଜୀବନ ବିତେଇବା<br>ବି) ଏକ ସ୍ୱାଭାବିକ ଜୀବନ ନିର୍ବାହରୁ ବଞ୍ଚିତ ହେବା<br>ସି) ଅନ୍ୟ କିଛି ଥିଲେ, ସୂଚନାଦିଅ | ଏ) ନିଶାଦ୍ରବ୍ୟ ସେବନ କଲା ପରେ ଶାରୀରିକ ହିଂସା ଘଟାଇବା<br>ବି) ନିଶାଦ୍ରବ୍ୟ ସେବନ କଲା ପରେ ଅପମାନଜନକ ଦୁର୍ବ୍ୟବହାର କରିବା<br>ସି)ଭରଣପୋଷଣ/ଗୃହଖର୍ଚ୍ଚର ବ୍ୟବସ୍ଥା ନ କରିବା<br>ଡି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| **୧୪.** | ଫୌଜଦାରୀ ଆଚରଣର ଇତିବୃତ୍ତି | ଏ) ହିଂସା ଘଟିବା ସମ୍ବନ୍ଧରେ ଲଗାତାର ଭୟ<br>ବି) ପ୍ରତିବାଦୀଙ୍କ ଦ୍ୱାରା ପ୍ରତିଶୋଧର ଆଶଙ୍କା | ଏ)ଆଇନ୍‌କୁ ଅମାନ୍ୟ କରିବା ପାଇଁ ପ୍ରତିବାଦୀଙ୍କର ଏକ ପ୍ରବଣତା ରହିଛି ଓ ତାଙ୍କ ବିରୁଦ୍ଧରେ ଅଦାଲତଙ୍କ ଆଦେଶକୁ ସେ ଉଲଘଂନ କରିବାର ଆଶଙ୍କା ରହିଛି<br>ବି) ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଅନ୍ୟକୌଣସି କାର୍ଯ୍ୟବିଧି ଦାଏର କରାଗଲେ ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ପ୍ରତିବାଦୀ କ୍ଷତି ଘଟାଇ ପାରନ୍ତି<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |

| | ଏ | ବି | ସି | ଡି | ଇ |
|---|---|---|---|---|---|
| ୧୫. | ଭରଣପୋଷଣ, ଖାଦ୍ୟ, ପୋଷାକ, ଔଷଧ ଇତ୍ୟାଦି ବାବଦରେ ଅର୍ଥ ନ ଯୋଗାଇବା | ଏ) ଭିକ୍ଷାବୃତ୍ତି ଓ ସର୍ବହରା ଅବସ୍ଥାକୁ ଠେଲି ହୋଇଯିବା<br>ବି) ଅନ୍ୟକିଛି ଥିଲେ, ସୂଚନାଦିଅ | ଏ) ତାଙ୍କର ଓ ତାଙ୍କ ପିଲାମାନଙ୍କର ଆବଶ୍ୟକତା ଓ ପ୍ରୟୋଜନ ଗୁଡ଼ିକୁ ପୂରଣ କରିବାକୁ ଯାଇ ବହୁତ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଛି<br>ବି) ଅନ୍ୟକିଛି ଥିଲେ, ସୂଚନାଦିଅ | | |
| ୧୬. | ବର୍ତ୍ତମାନ ନିଯୁକ୍ତିରେ ବ୍ୟାଘାତ ସୃଷ୍ଟି କରିବା ଅଥବା ନିଯୁକ୍ତିରେ ଯୋଗଦାନକୁ ବାରଣ କରିବା | ଏ) ତୁମର ଓ ତୁମ ପିଲାମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ତୁମେ ସକ୍ଷମ ନୁହଁ<br>ବି) ଅନ୍ୟକିଛି ଥିଲେ,ସୂଚନା ଦିଅ | ଏ) ତାଙ୍କ ପିଲାମାନଙ୍କର ଓ ତାଙ୍କର ଆବଶ୍ୟକତା ଓ ପ୍ରୟୋଜନଗୁଡ଼ିକୁ ପୂରଣ କରିବା ପାଇଁ ବହୁତ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଛି<br>ବି)ଅନ୍ୟକିଛି ଥିଲେ, ସୂଚନା ଦିଅ | | |
| ୧୭. | ଘରୁ ବଳପୂର୍ବକ ବାହାର କରିଦେବା, ଘରକୁ ଯିବା ବା ଘରର ଏକାଂଶକୁ ବ୍ୟବହାର କରିବାକୁ ବାରଣ କରିବା ବା ଘର ଛାଡ଼ି ଚାଲିଯିବାକୁ ବାଧାଦେବା | ଏ) ତୁମେ ଓ ତୁମର ପିଲାମାନେ ରହିବା ପାଇଁ ସ୍ଥାନ ନାହିଁ<br>ବି) ଘରର ଏକ ନିର୍ଦ୍ଦିଷ୍ଟ ଅଂଶରେ ଆବଦ୍ଧ ରହିବା | ଏ) ତାଙ୍କ ପିଲା ବା ପିଲା ମାନଙ୍କ ସହ ନିଜର ସୁରକ୍ଷା<br>ବି) ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ଆଶ୍ରୟ ଦେବାକୁ ଯାଇ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି<br>ସି) ଅନ୍ୟକିଛି ଥିଲେ, ସୂଚନା ଦିଅ | | |
| ୧୮. | ଘର ଭିତରେ ସାଧାରଣ ଭାବେ ବ୍ୟବହୃତ ହେଉଥିବା ଲୁଗାପଟା ବା ଅନ୍ୟାନ୍ୟ ସାମଗ୍ରୀକୁ ବ୍ୟବହାର କରିବା ପାଇଁ ଅନୁମତି ନଦେବା | ଏ) ସେଗୁଡ଼ିକରୁ ବଞ୍ଚିତ ହେବା<br>ବି) ସେଗୁଡ଼ିକର ବିକଳ୍ପ ହାସଲ କରିବା ପାଇଁ ସମ୍ବଳନାହିଁ | ଏ) ପ୍ରତିବାଦୀଙ୍କ ଦ୍ୱାରା ତାହା ହସ୍ତାନ୍ତର ହୋଇଯାଇପାରେ<br>ବି) ଅନ୍ୟ କିଛି | | |
| ୧୯. | ଭଡ଼ାସୂତ୍ରରେ ଘର ନିଆଯାଇଥିଲେ ଘରଭଡ଼ା ପଇଠ ନ କରିବା | ଏ) ଘରଭଡ଼ା ନ ଦେବା କାରଣରୁ ଘରମାଲିକ ବାହାର କରିଦେବା ପାଇଁ କହିଲେ<br>ବି) ଆଶ୍ରୟ ପାଇଁ ଅନ୍ୟ କୌଣସି ବିକଳ୍ପ ସ୍ଥାନ ନାହିଁ<br>ସି) ଭଡ଼ାଘରେ ଆଶ୍ରୟ ନେବା ପାଇଁ କୌଣସି ଆୟର ପନ୍ଥାନାହିଁ | ଏ) ଆଶ୍ରୟହୀନ ହୋଇ ପଡ଼ିବା<br>ବି) ବହୁତ କଷ୍ଟର ସମ୍ମୁଖୀନ ହେବା<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |

| | ଏ | ବି | ସି | ଡି | ଇ |
|---|---|---|---|---|---|
| ୨୦. | ଅଭିଯୋକ୍ତାଙ୍କୁ ସୂଚନା ନ ଦେଇ ଏବଂ ତାଙ୍କର ସମ୍ମତି ନ ନେଇ ବନ୍ଧକରେ ଲଗାଇଥିବା ସ୍ତ୍ରୀଧନ ବା ଅନ୍ୟ ମୂଲ୍ୟବାନ ସାମଗ୍ରୀକୁ ବିକ୍ରୀ କରିଦେବା | ଏ) ମୂଲ୍ୟବାନ ସାମଗ୍ରୀ ବା ସମ୍ପତ୍ତିର କ୍ଷୟକ୍ଷତି<br>ବି) ଯଦି ଅନ୍ୟ କିଛିଥାଏ, ସୂଚନାଦିଅ | ଏ) ପ୍ରତିବାଦୀଙ୍କ ଦ୍ୱାରା ତାହା ହସ୍ତାନ୍ତରିତ ହୋଇଯାଇପାରେ<br>ବି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| ୨୧. | ସ୍ତ୍ରୀଧନରୁ ବଞ୍ଚିତ କରାଯାଇଛି | ଏ) ତାଙ୍କ ଆୟତ୍ତରେ ଥିବା ସମ୍ପତ୍ତିରୁ ବଞ୍ଚିତ କରିବା<br>ବି) ଅନ୍ୟ କିଛିଥିଲେ, ସୂଚନା ଦିଅ | ଏ) ପ୍ରତିବାଦୀଙ୍କ ଦ୍ୱାରା ତାହା ହସ୍ତାନ୍ତରିତ ହୋଇଯାଇପାରେ<br>ବି) ସେଗୁଡ଼ିକୁ ପୁଣି ଫେରି ନ ପାଇବାର ଆଶଙ୍କା<br>ସି) ଅନ୍ୟ କିଛି ଥିଲେ, ସୂଚନା ଦିଅ | | |
| ୨୨. | ଯଦି କୌଣସି ଦେଓ୍ୱାନି/ ଫୌଜଦାରି ଆଦେଶନାମାର ଉଲ୍ଲଙ୍ଘନ ଘଟିଥାଏ, ତେବେ ସେହି ଆଦେଶନାମା ସମ୍ବନ୍ଧରେ ସୂଚନା ଦିଅ । | ଦୟାକରି ସୂଚନା ଦିଅ | ଦୟାକରି ସୂଚନା ଦିଅ | | |

**ସ୍ୱାକ୍ଷର** **ସ୍ୱାକ୍ଷର**

**ବ୍ୟଥିତ ବ୍ୟକ୍ତି** **ସେବା ପ୍ରବନ୍ଧକ/ସୁରକ୍ଷା ଅଧିକାରୀ/ପୋଲିସ୍ ଅଧିକାରୀ**

# ଫର୍ମ–୬

## [ଦ୍ରଷ୍ଟବ୍ୟ ନିୟମ ୧୧ (୧)]

### ନିରାପତ୍ତା ଯୋଜନା

## ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ର ଧାରା ୧୦ (୧) ଅଧିନରେ ସେବା ପ୍ରବନ୍ଧକମାନଙ୍କର ପଞ୍ଜିକରଣ ଫର୍ମ

| | | |
|---|---|---|
| ୧.<br>୨. | ଆବେଦକଙ୍କ ନାମ<br>ଠିକଣା ସହିତ ଫୋନ୍ ନମ୍ବର ଓ ଇମେଲ୍ ପରିଚୟ (ଯଦି ଥାଏ) | |
| ୩. | ଯୋଗାଇ ଦିଆଯାଉଥିବା ସେବା ସମୂହ | ☐ ଆଶ୍ରୟ<br>☐ ମନସ୍ତାତ୍ତ୍ୱିକ ପରାମର୍ଶ<br>☐ ପାରିବାରିକ ପରାମର୍ଶ<br>☐ ବୈଷୟିକ ତାଲିମ୍ କେନ୍ଦ୍ର<br>☐ ଚିକିତ୍ସା ସହାୟତା<br>☐ ସଚେତନତା କାର୍ଯ୍ୟକ୍ରମ<br>☐ ଘରୋଇ ହିଂସା ଓ ପାରିବାରିକ କଳହର ଶୀକାର ହୋଇଥିବା ଗୋଷ୍ଠୀଙ୍କୁ ପରାମର୍ଶ<br>☐ ଅନ୍ୟ କିଛି ଥିଲେ, ସୂଚନା ଦିଅ |
| ୪.<br>୫. | ଏହି ସବୁ ସେବା ଯୋଗାଣ ପାଇଁ ନିଯୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ସଂଖ୍ୟା<br>ଆପଣଙ୍କ ସଂସ୍ଥାରେ ନିଯୁକ୍ତ ରହି ସଂପୃକ୍ତ ସେବାଗୁଡ଼ିକୁ ପ୍ରଦାନ କରିବା ନିମନ୍ତେ କୌଣସି ସର୍ବନିମ୍ନ ବୈଷୟିକ ଯୋଗ୍ୟତାର ଆବଶ୍ୟକ ଅଛି କି ? ଯଦି ଥାଏ, ତେବେ ଦୟାକରି ସେଗୁଡ଼ିକ ସମ୍ବନ୍ଧରେ ଉଲ୍ଲେଖ କରନ୍ତୁ ଏବଂ ବିଶଦ୍ ସୂଚନା ଦିଅନ୍ତୁ । | |
| ୬. | କେଉଁ ବିଷୟରେ କେଉଁ ବ୍ୟକ୍ତିମାନେ କାମ କରୁଛନ୍ତି ଓ ପ୍ରତ୍ୟେକଙ୍କର ବୈଷୟିକ ଜ୍ଞାନ ଓ ଯୋଗ୍ୟତା କ'ଣ, ତାହାର ତାଲିକା ସଂଲଗ୍ନ ହୋଇଛି କି ? | ☐ ହଁ<br>☐ ନାହିଁ |
| ୭. | ଏହିସବୁ ସେବାଗୁଡ଼ିକ କେତେବର୍ଷ ଧରି ଯୋଗାଇ ଦିଆଯାଇ ଆସୁଛି | ☐ ୩ ବର୍ଷ<br>☐ ୪ ବର୍ଷ<br>☐ ୫ ବର୍ଷ<br>☐ ୬ ବର୍ଷ<br>☐ ୬ ବର୍ଷରୁ ଅଧିକ |
| ୮. | କୌଣସି ଆଇନ୍ ବା ନିୟମ ଅଧିନରେ ପଞ୍ଜିକୃତ ହୋଇଛି କି ?<br>ଯଦି ହଁ, ତେବେ ପଞ୍ଜିକରଣ ସଂଖ୍ୟା ସୂଚୀତ କରନ୍ତୁ | ☐ ହଁ<br>☐ ନାହିଁ |

| | | |
|---|---|---|
| ୯. | କୌଣସି ବୈଧାନିକ ସଂସ୍ଥା ବା ଆଇନ୍ ଅଧିନରେ ବିହିତ ହୋଇଥିବା ଆବଶ୍ୟକତାଗୁଡ଼ିକୁ ଏହା ପୂରଣ କରୁଛି କି ?<br>ଯଦି ହଁ, ତେବେ ସଂପୃକ୍ତ ବୈଧାନିକ ସଂସ୍ଥାର ନାମ ଓ ଠିକଣା | |

**ଦ୍ରଷ୍ଟବ୍ୟ :** ଯଦି ଆଶ୍ରୟ ଗୃହ ହୋଇଥାଏ ପଞ୍ଜିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ତହିଁର ନିରୀକ୍ଷଣ କରାଗଲା ପରେ ସେ ସ୍ତମ୍ଭ ୧୦ରୁ ୧୮ ଯାଏଁ ଆବଶ୍ୟକ ତଥ୍ୟାବଳୀ ପ୍ରଦାନ କରିବେ ।

| | | |
|---|---|---|
| ୧୦. | ଆଶ୍ରୟ ଗୃହରେ ପର୍ଯ୍ୟାପ୍ତ ସ୍ଥାନ ଅଛି କି ? | ☐ ହଁ<br>☐ ନାହିଁ |
| ୧୧. | ସମଗ୍ର ହତାର ଆୟତନ | |
| ୧୨. | କୋଠରୀ ସଂଖ୍ୟା | |
| ୧୩. | କୋଠରୀ ଗୁଡ଼ିକର ଆୟତନ | |
| ୧୪. | ଉପଲବ୍ଧ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ବିଶଦ୍ ତଥ୍ୟାବଳୀ | |
| ୧୫. | ଅଧିବାସୀମାନଙ୍କ ବ୍ୟବହାର ପାଇଁ ଗତ ୩ ବର୍ଷ ଭିତରେ କୌଣସି ଟେଲିଫୋନ୍ ସଂଯୋଗ କାର୍ଯ୍ୟ କରୁଥିବାର କିଛି ରେକର୍ଡ ଅଛି କି ? | |
| ୧୬. | ନିକଟତମ ଚିକିତ୍ସାଳୟ/ଚିକିତ୍ସା କେନ୍ଦ୍ର ବା ଚିକିତ୍ସା ସୁବିଧା ଠାରୁ ଦୂରତ୍ୱ | |
| ୧୭. | କୌଣସି ଚିକିତ୍ସା ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ପରିଦର୍ଶନର କିଛି ବ୍ୟବସ୍ଥା କାର୍ଯ୍ୟ କରୁଛି କି ? | ☐ ହଁ<br>☐ ନାହିଁ |
| | ଯହି ହଁ, ତେବେ ଚିକିତ୍ସା ବିଶେଷଜ୍ଞଙ୍କ ନାମ<br>ଠିକଣା<br>ଯୋଗାଯୋଗ ଟେଲିଫୋନ୍ ନମ୍ବର<br>ଯୋଗ୍ୟତା<br>କେଉଁ କ୍ଷେତ୍ରର ବିଶେଷଜ୍ଞ | |
| ୧୮. | ଯଦି ଅନ୍ୟ କୌଣସି ସୁବିଧା ସୁଯୋଗ ଥାଏ, ତେବେ ସୂଚନା ଦିଅ —————— | |

**ଦ୍ରଷ୍ଟବ୍ୟ :** ଯଦି ପରାମର୍ଶ କେନ୍ଦ୍ର ହୋଇଥାଏ, ତେବେ ପଞ୍ଜିକରଣ କର୍ତ୍ତୃପକ୍ଷ ନିରୀକ୍ଷଣ କଲାପରେ ସ୍ତମ୍ଭ ୧୯ରୁ ୨୫ କୁ ବିଶଦ୍ ତଥ୍ୟାବଳୀ ଦ୍ୱାରା ପୂରଣ କରିବେ ।

| | | |
|---|---|---|
| ୧୯. | କେନ୍ଦ୍ରରେ ଥିବା ପରାମର୍ଶଦାତାଙ୍କ ସଂଖ୍ୟା | |

୨୦. କେନ୍ଦ୍ରରେ ଥିବା ପରାମର୍ଶଦାତାଙ୍କ ସର୍ବନିମ୍ନ ଯୋଗ୍ୟତା

☐ ଅଣ୍ଡର ଗ୍ରାଜୁଏଟ୍ (ପ୍ରାକ୍-ସ୍ନାତକ) ☐ ଗ୍ରାଜୁଏଟ୍ (ସ୍ନାତକ)

☐ ପୋଷ୍ଟ-ଗ୍ରାଜୁଏଟ୍ (ସ୍ନାତକୋତ୍ତର) ☐ ଡିପ୍ଲୋମାଧାରୀ

☐ ପେଷାଦାର ଡିଗ୍ରୀ ☐ ଅନ୍ୟକିଛି ଥିଲେ, ସୂଚନା ଦିଅ

---

୨୧. ପରାମର୍ଶଦାତାମାନଙ୍କର ଅଭିଜ୍ଞତା

☐ ବର୍ଷକ ଠାରୁ କମ୍ ☐ ଏକ ବର୍ଷ

☐ ୨ ବର୍ଷ ☐ ୩ ବର୍ଷ

☐ ୩ ବର୍ଷରୁ ଅଧିକ

---

୨୨. ପରାମର୍ଶଦାତାମାନଙ୍କ ବୈଷୟିକ ଯୋଗ୍ୟତା/ଅଭିଜ୍ଞତା/ବୈଷୟିକ ଉପାଧି

☐ ପାରିବାରିକ ପରାମର୍ଶ କ୍ଷେତ୍ରରେ .................... (ପଦବୀର ନାମ) ଭାବେ ................... (ସଂସ୍ଥାର ନାମ)ରେ ଅଭିଜ୍ଞତା ରହିଛି ।

☐ ମନସ୍ତାତ୍ତ୍ୱିକ ପରାମର୍ଶ କ୍ଷେତ୍ରରେ ................. (ପଦବୀର ନାମ) ଭାବେ .................... (ସଂସ୍ଥାର ନାମ)ରେ ଅଭିଜ୍ଞତା ରହିଛି ।

☐ ଅନ୍ୟ କୌଣସି ଅଭିଜ୍ଞତା ଥିଲେ, ସୂଚନା ଦିଅ.........................................................................................

---

୨୩. ପରାମର୍ଶଦାତାମାନଙ୍କ ନାମ ଓ ଯୋଗ୍ୟତାର ତାଲିକା ସଂଲଗ୍ନ ହୋଇଛି କି ?

☐ ହଁ ☐ ନାହିଁ

---

**୨୪. କେଉଁ ପ୍ରକାର ପରାମର୍ଶ ଦିଆଯାଇଥାଏ**

(ଏ) ☐ ଜଣଜଣ କରି ବ୍ୟକ୍ତିଙ୍କୁ ସହାୟକ ପରାମର୍ଶ ପ୍ରଦାନ

☐ ସଂଜ୍ଞାନାତ୍ମକ ବ୍ୟବହାର ଚିକିତ୍ସା (ସି.ବି.ଟି.) (ଏକ ମାନସିକ କସରତ୍ ଯାହା ଦ୍ୱାରା ବ୍ୟକ୍ତିମାନେ ମନେ ରଖିବା, ଭଲମନ୍ଦ ବିଚାର କରିବା, ବୁଝିବା, ସମସ୍ୟାର ସମାଧାନ କରିବା ତଥା ବାଛବିଚାର କରିପାରନ୍ତି)

☐ ପାରିବାରିକ ପରାମର୍ଶ ଆବଶ୍ୟକ କରୁଥିବା ଗୋଟିଏ ଗୋଷ୍ଠୀର ବ୍ୟକ୍ତିଙ୍କୁ ଏକକାଳୀନ ପରାମର୍ଶ ପ୍ରଦାନ କରିବା

---

(ବି) **ଯୋଗାଇ ଦିଆଯାଉଥିବା ସୁବିଧାସୁଯୋଗମାନ**

☐ ବ୍ୟକ୍ତିଗତ ସ୍ତରରେ ପେଷାଦାରୀ ଓ ସଂଗୋପନୀୟ ପରାମର୍ଶ ବୈଠକ ପରିଚାଳନା କରିବା

☐ ସମସ୍ୟାଗୁଡ଼ିକୁ ଆଲୋଚନା କରିବା ତଥା ଭାବାବେଗ ପ୍ରକାଶ ପାଇଁ ଏକ ନିରାପଦ ପରିବେଶ

☐ ପରାମର୍ଶ ସେବା, ସହାୟକ ଗୋଷ୍ଠୀ ଏବଂ ମାନସିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉପଲବ୍ଧ ସମ୍ବଳ ସମ୍ବନ୍ଧରେ ସୂଚନା

☐ ଜଣକିଆ ପରାମର୍ଶ ବୈଠକ ଏବଂ ଦଳଗତ କାର୍ଯ୍ୟଧାରା

☐ ଉପଚାର ସମୂହ ତଥା ବର୍ତ୍ତମାନ ମିଳୁଥିବା ପରାମର୍ଶ ଓ ସ୍ୱାସ୍ଥ୍ୟ ସଂପର୍କୀତ ସହାୟତା,

☐ ଅନ୍ୟ କିଛି ଥିଲେ, ସୂଚନା ଦିଅ ________________________________

---

(ସି) **ଅନ୍ୟ କୌଣସି ସେବା**

(୧) କି କି ସେବା ଯୋଗାଇ ଦିଆଯାଇଛି .....................................................................................

(୨) ନିଯୁକ୍ତ କର୍ମୀ ବୃନ୍ଦ ...........................................................................................................

(୩) ଏଠାରେ ସେବା ଯୋଗାଣ ପାଇଁ ଆବଶ୍ୟକ ପଡୁଥିବା ବାଧ୍ୟତାମୂଳକ ସର୍ବନିମ୍ନ ଯୋଗ୍ୟତା ........................................

(୪) ସେବା ଯୋଗାଣରେ ନିଯୁକ୍ତ କର୍ମୀ ଓ ସେମାନଙ୍କ ବୈଷୟିକ ଯୋଗ୍ୟତାର ତାଲିକା ସଂଲଗ୍ନ କରାଯାଇଛି କି ? ☐ ହଁ ☐ ନାହିଁ

(୫) ପଞ୍ଜିକରଣ ପାଇଁ ଆଗ୍ରହୀ ଥିବା ସେବା ପ୍ରବନ୍ଧକ ଆଉ କିଛି ତଥ୍ୟାବଳୀ ଦେବାକୁ ଚାହିଁଲେ ଦେଇପାରନ୍ତି ...........................

ଆବଶ୍ୟକ ପଡ଼ିଲେ ଅଧିକ କାଗଜ ଯୋଡନ୍ତୁ ।

**ସ୍ଥାନ :** **ପ୍ରାଧିକୃତ ଅଧିକାରୀଙ୍କ ସ୍ୱାକ୍ଷର**

**ତାରିଖ :** **ପଦବୀ :**

(ମୋହର)

# ଫର୍ମ–୭

## [ଦ୍ରଷ୍ଟବ୍ୟ ନିୟମ ୧୧ (୧)]

### ନିରାପତ୍ତା ଯୋଜନା

## ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ର ଧାରା ୧୩ (୧) ଅଧିନରେ ହାଜିରା ପାଇଁ ନୋଟିସ୍

.......................................ଙ୍କ ଅଦାଲତରେ

ନିମ୍ନ ପ୍ରସଙ୍ଗରେ :

ସୁଶ୍ରୀ ........................................................................ ଅଭିଯୋକ୍ତା

**ବନାମ**

ଶ୍ରୀ........................................................................ ପ୍ରତିବାଦୀ

ପ୍ରାପ୍ତେଷୁ

ଶ୍ରୀ ........................................................................

ପିତାଙ୍କ ନାମ........................................................................

ଠିକଣା........................................................................

........................................................................

........................................................................

ଯେହେତୁ ଆବେଦକ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ (୨୦୦୫ର ୪୩) ର ଧାରା ......... ଅଧିନରେ ଏକ ଆବେଦନ ଦାଖଲ କରିଛନ୍ତି,

ଆପଣଙ୍କୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି ଯେ, ଆପଣ ଏହି ଅଦାଲତ ସମ୍ମୁଖରେ ନିଜେ ଅଥବା ଏହି ଅଦାଲତ ଦ୍ୱାରା ଯଥାବିଧି ପ୍ରାଧିକୃତ ହୋଇଥିବା ଜଣେ ଅଧିବକ୍ତାଙ୍କ ଜରିଆରେ .....................ତାରିଖ ......................ମାସ ..........ବର୍ଷରେ .............. ଘଟିକା ସମୟରେ ଉପସ୍ଥିତ ରହି କାରଣ ଦର୍ଶେଇବେ, କାହିଁକି ଆପଣଙ୍କ ବିରୁଦ୍ଧରେ ଆବେଦକ ଦାବୀ କରିଥିବା ଉପଶମ (ରିଲିଫ୍)ଗୁଡ଼ିକୁ ମଞ୍ଜୁର ପ୍ରଦାନ କରାଯିବ ନାହିଁ; ଏହା କରିବାରେ ଆପଣ ବିଫଳ ହେଲେ ଅଦାଲତ ଆପଣଙ୍କ ବିରୁଦ୍ଧରେ ଏକତରଫା କାର୍ଯ୍ୟବିଧି ଗ୍ରହଣ କରିବେ ।

................. ତାରିଖ ......... ମାସ .......... ମସିହା ଦିନ ମୋର ସ୍ୱହସ୍ତରେ ଅଦାଲତଙ୍କ ମୋହର ସହ ଏହା ଜାରି କରାଗଲା ।

**ଅଦାଲତଙ୍କ ମୋହର** **ସ୍ୱାକ୍ଷର**